୬ ଜୟସ୍ୱାଲଙ୍କ ଶତକ: ମ୍ୟାଚ ସହ ସିରିଜ ଜିତିଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୦୯ ● ୭ ଡିସେମ୍ବର ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-309 ● 7th December 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ–୨୦୨୫

# ଓଡ଼ିଶା ପାଇଁ ଦେଢ଼ ଲକ୍ଷ ସୂର୍ଯ୍ୟ ଘର ଅନୁମୋଦିତ
# ୨୦୩୬ ସୁଦ୍ଧା ରାଜ୍ୟ ହେବ ଗ୍ରୀନ୍ ଏନର୍ଜି ହବ୍

ଭୁବନେଶ୍ୱର/ପୁରୀ, ୬।୧୨
ନ୍ୟୁଜ୍ ବ୍ୟୁରୋ



ପୁରୀ ଠାରେ ଆୟୋଜିତ ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ–୨୦୨୫କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଉଦ୍‌ଘାଟନ କରିଛନ୍ତି। ଉକ୍ତ ସମାରୋହରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ବିକାଶରେ ଏନର୍ଜି ସପ୍ଲାଇ ଚେନକୁ ଓଡ଼ିଶା ନିଜର ପ୍ରମୁଖ ଉପାଦାନ ଭାବେ ଗ୍ରହଣ କରିଛି ଯାହାଫଳରେ ୨୦୩୬ ସୁଦ୍ଧା ଜୀବାଶ୍ମ ଇନ୍ଧନ ଶକ୍ତି ଉତ୍ପାଦନ ଓ ବ୍ୟବହାର ବ୍ୟୟ କମାଇ, ଆମ ରାଜ୍ୟ ଗ୍ରୀନ୍ ଏନର୍ଜି ରାଜ୍ୟ ଭାବେ ଉଭା ହେବ।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ଗ୍ରାମୀଣ ଜନସାଧାରଣଙ୍କ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶକ୍ତି କ୍ଷେତ୍ରରେ ଓଡିଶା ନିଜର ଭବିଷ୍ୟତ ପିଢ଼ି ଉପରେ ବିନିଯୋଗ କରୁଛି କାରଣ ବିଦ୍ୟୁତ୍ ଏକ ସର୍ବୋଚ୍ଚ ପ୍ରାଥମିକତା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି, ଯାହା ସଦାସର୍ବଦା ଆମକୁ ଆତ୍ମନିର୍ଭର କରିବା ଦିଗରେ ସହାୟତା କରିବ।

ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଥିଲେ ଯେ ଓଡିଶା ପରି, ପ୍ରତ୍ୟେକ ରାଜ୍ୟର ନିଜସ୍ୱ ଶକ୍ତି ଉତ୍ପାଦନ ତଥା ସଂରକ୍ଷଣକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ ହେଉଛି କେନ୍ଦ୍ର, ରାଜ୍ୟ, ଶିଳ୍ପ, ଗବେଷକ, ଅନୁଷ୍ଠାନ ଏବଂ ବିଶ୍ୱର ଶକ୍ତି ବିଶେଷଜ୍ଞ ମାନଙ୍କୁ ଏକତ୍ରିତ କରି ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରତା ଓ ସ୍ଥାୟୀତ୍ୱ ହାସଲ କରିବା ପାଇଁ ଏକ ଅଭିନବ ପ୍ରୟାସ। ଏହା ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏକ ସ୍ପଷ୍ଟ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ପ୍ରଥମ ସର୍ବଭାରତୀୟ ପଦକ୍ଷେପ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ୨୦୧୪ ପୂର୍ବରୁ, ସାରା ଦେଶରେ ଘରୋଇ ଗ୍ରାହକ ଏବଂ ଶିଳ୍ପକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ଏକ ଚ୍ୟାଲେଞ୍ଜ ଥିଲା। ଘରୋଇ ଚାହିଦା ପୂରଣ କରିବା ପାଇଁ ବିଦ୍ୟୁତ୍ ଉତ୍ପାଦନ ଯଥେଷ୍ଟ ନଥିଲା। ଗ୍ରାମାଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ବିଭ୍ରାଟ (ପୃଷ୍ଠା ୭ରେ)

### ୬ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

# ଓଡ଼ିଶା ଔଷଧ ଓ ଚିକିତ୍ସା ଉପକରଣ ନୀତି
# ଫାର୍ମା ଓ ମେଡଟେକ୍ ପାର୍କର ପରିକଳ୍ପନା

ଭୁବନେଶ୍ୱର, ୬।୧୨
ନ୍ୟୁଜ୍ ବ୍ୟୁରୋ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ନେଇ ଶନିବାର ବିଧାନସଭାରେ ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ। ଶୂନ୍ୟକାଳରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଦେଇଥିବା ସୂଚନା ଅନୁସାରେ ଓଡ଼ିଶା ଔଷଧ ଏବଂ ଚିକିତ୍ସା ଉପକରଣ ନୀତି–୨୦୨୫କୁ ଅନୁମୋଦନ ମିଳିଛି । ଏଥିସହ ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା, ମୁଖ୍ୟମନ୍ତ୍ରୀ ବୟନଶିଳ୍ପ ବିକାଶ ଯୋଜନାକୁ ମଧ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ସେହିପରି ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ଏବଂ ମତ୍ସ୍ୟ କ୍ଷେତ୍ରରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ସଂପ୍ରସାରଣ କାର୍ଯ୍ୟକାରୀ କରିବା ନିମନ୍ତେ ସାମାଜିକ ଦାୟିତ୍ୱ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ଉପରେ ନ୍ୟସ୍ତଥିବାରୁ ବର୍ଦ୍ଧିତ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ଓଡ଼ିଶା ମତ୍ସ୍ୟ ସେବା (ଓଏଫ୍‌ଏସ୍) କ୍ୟାଡରର ପୁନଃଗଠନକୁ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ଏହାଫଳରେ ବିଭାଗର ସମସ୍ତ ଉଚ୍ଚ ସ୍ତରରେ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ବୃଦ୍ଧି କରାଯାଇଛି । ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ ପଦ ସଂଖ୍ୟା ୨ରୁ ୪, ଯୁଗ୍ମ ମତ୍ସ୍ୟ ନିର୍ଦ୍ଦେଶକ ପଦ ସଂଖ୍ୟା ୩ରୁ ୧୯ ଏବଂ ଉପ ମତ୍ସ୍ୟ ନିର୍ଦ୍ଦେଶକ ପଦ ସଂଖ୍ୟା ୧୮ରୁ ୧୧୯କୁ ବୃଦ୍ଧି ପାଇବ । ଲେଭଲ–୧୨ରେ ଏକ ନୂତନ ପଦବୀ, ବ୍ଲକ ମତ୍ସ୍ୟ ଅଧିକାରୀ ବା ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ ପଦ ସୃଷ୍ଟି କରାଯାଇଛି । ଅର୍ଥାତ୍ ମୋଟ ୧୯୫ ପଦବୀ ସୃଷ୍ଟି ହେବ । ଓଡ଼ିଶା ମତ୍ସ୍ୟ ସେବା କ୍ୟାଡର ପୁନଃଗଠନ ନେଇ ନିୟମାବଳୀର ବିଜ୍ଞପ୍ତି ଜାରି (ପୃଷ୍ଠା ୭ରେ)

# ବାରବାଟୀ ଟି–୨୦ : ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି

କଟକ, ୬।୧୨
ନ୍ୟୁଜ୍ ବ୍ୟୁରୋ



ବାରବାଟୀ ଷ୍ଟାଡିୟମ୍‌ର ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବା ପରେ ପ୍ରତିକ୍ରିୟା ରଖିଛନ୍ତି ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ । ବାରବାଟୀ ଟି–୨୦ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଉଭୟ କଟକ, ଭୁବନେଶ୍ୱରରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଡିଜି ୱାଇ ବି ଖୁରାନିଆ କହିଛନ୍ତି । ପୋଲିସ୍ କମିଶନର ଏସ୍ ଦେବଦତ୍ତ ସିଂ ଏବଂ କଟକ ଡିସିପି ଓ ଓସିଏ ଅଧିକାରୀଙ୍କ ଉପସ୍ଥିତିରେ ଶ୍ରୀ ଖୁରାନଆ ପଡିଆ ଓ ଷ୍ଟାଡିୟମ୍ ବୁଲି ଦେଖିଛନ୍ତି । ମ୍ୟାଚ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାକୁ ଡିଜି ସମସ୍ତଙ୍କ ସହ ଆଲୋଚନା କରିଛନ୍ତି । ଦର୍ଶକ ମାନେ ମ୍ୟାଚ୍ ଦିନ ମ୍ୟାଚ୍ ଆରମ୍ଭର ତିନି ଘଣ୍ଟା ପୂର୍ବରୁ ଆସିବା ପାଇଁ ଡିଜି ପରାମର୍ଶ ଦେଇଛନ୍ତି । ସେପଟେ ଖେଳାଳିଙ୍କ ଯିବାଆସିବା ବେଳେ କୌଣସି ସମସ୍ୟା ଯେପରି ରାସ୍ତାରେ ନହୁଏ ସେଥିପ୍ରତି ସବୁ ଧ୍ୟାନ ଦିଆଯାଇଥିବା କହିଛନ୍ତି ଡିଜି । ସେପଟେ, ବାରବାଟୀ ଷ୍ଟାଡିୟମରେ ସ୍ଥାୟୀ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ନେଇ ଚିନ୍ତା ପ୍ରକଟ କରିଛନ୍ତି ଅଗ୍ନିଶମ ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡ଼ଙ୍ଗୀ । ବିଭାଗୀୟ ଅଧିକାରୀ ମାନଙ୍କ ସହ କ୍ଷେତ୍ର ନିରୀକ୍ଷଣ କଲା ପରେ ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ରାଜ୍ୟର ସ୍ୱାର୍ଥ ଏବଂ ଦର୍ଶକ ମାନଙ୍କ ସୁରକ୍ଷା ପାଇଁ ଆମେ ଦାୟିତ୍ୱ ବହନ କରୁଛୁ । ଯେକୌଣସି ପ୍ରକାରର ଆପାତ୍ତକାଳୀନ ପରିସ୍ଥିତିର ମୁକାବିଲା ଲାଗି ଷ୍ଟାଡିୟମରେ ମୁତୟନ ହେବେ ୩୦୦ ଅଗ୍ନିକ । ଷ୍ଟାଡିୟମ ପରିସରରେ ଖୋଲିବ ୭ଟି ଅସ୍ଥାୟୀ ଏଡ଼ ପୋଷ୍ଟ । ସମ୍ଭାବ୍ୟ ପରିସ୍ଥିତର ମୁକାବିଲା ପାଇଁ ଏକାଧିକ ପମ୍ପସେଟ୍ ମହଜୁଦ ରଖିବ ଅଗ୍ନିଶମ ବାହିନୀ। ଏହା ବ୍ୟତୀତ ୨୧ଟି ମୋବାଇଲ କଣ୍ଟ୍ରୋଲ ଭ୍ୟାନର ବ୍ୟବସ୍ଥା (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ମୁଖ୍ୟମନ୍ତ୍ରୀଙ୍କ ମା'ତାରିଣୀଙ୍କ ପୀଠ ଗସ୍ତ ଆଜି।
- ସୀମାପାର ଆତଙ୍କବାଦକୁ କ୍ୱାର୍ଡ ଦେଶମାନଙ୍କ ଦୃଢ ନିନ୍ଦା।
- ଦିଲ୍ଲୀର ଧୂଳିକଣା ମାନ ଭୟଙ୍କର ସ୍ତରରେ ପହଞ୍ଚିଲା, ଅତ୍ୟନ୍ତ ଖରାପ ଶ୍ୱାସଗତ ଅବସ୍ଥା।
- ଭାରତ–ରୁଷ ସୂଚନା : ବାଣିଜ୍ୟ ଓ ସହଯୋଗ ଅଧିକ ବୃଦ୍ଧି ପାଇଁ ଉଭୟ ଦେଶର ସମ୍ମତି।
- ଦେଶର ଅନେକ ବଡ଼ ବିମାନବନ୍ଦରରେ ଅନେକ ଉଡ଼ାଣ ବାତିଲ ହେବାରୁ ଅସନ୍ତୋଷ।
- ଆୟୁର୍ବେଦ ଓ ହୋମିଓପାଥି ଛାତ୍ରଛାତ୍ରୀଙ୍କ ଭତ୍ତା ଓ ଉଚ୍ଚ ଶିକ୍ଷା ଆସନ ଦାବିରେ ଆନ୍ଦୋଳନ ତୀବ୍ର।
- ଶିକ୍ଷକ ଓ କର୍ମଚାରୀଙ୍କ ଦାବିପତ୍ର ଖତିଆନ ପାଇଁ ନୂଆ ସମିତି ଗଠନ।
- ଦେଶର ବିଭିନ୍ନ ଶିକ୍ଷାଳୟରେ ପ୍ରାକ୍ ପରୀକ୍ଷା ପ୍ରସ୍ତୁତି ଆରମ୍ଭ।

# ସୁଭଦ୍ରା : ବିଚାରାଧୀନ ରହିଛି ୬ ଲକ୍ଷରୁ ଊର୍ଦ୍ଧ୍ୱ ଆବେଦନ

ଭୁବନେଶ୍ୱର, ୬।୧୨
ନ୍ୟୁଜ୍ ବ୍ୟୁରୋ

ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଆହୁରି ୬ ଲକ୍ଷ ୨୩ ହଜାର ୫୫୫ ଜଣଙ୍କ ଆବେଦନ ବିଚାରଧୀନ ରହିଛି । ଶନିବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ବିଧାୟକ ଗଣେଶ୍ୱର ବେହେରାଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ରାଜ୍ୟର ୩୦ ଜିଲ୍ଲାରେ ପ୍ରଥମ କିସ୍ତିରେ ଏକ କୋଟି ୩ ଲକ୍ଷ ୫ ହଜାର ୯୪୧ ଜଣ ହିତାଧିକାରୀ ଅର୍ଥ ପାଇଥିବା ବେଳେ ଦ୍ୱିତୀୟ (ପୃଷ୍ଠା ୭ରେ)



# ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଏବଂ ଖାଦ୍ୟଯୋଗାଣ ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ପାରିତ

ଭୁବନେଶ୍ୱର, ୬।୧୨ : ନ୍ୟୁଜ୍ ବ୍ୟୁରୋ

ଶନିବାର ବିଧାନସଭାରେ ୨୦୨୫–୨୬ ଆର୍ଥିକ ବର୍ଷ ପାଇଁ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଯଥାକ୍ରମେ ୫୩୧୦୦୭୫୦୦୦ ଟଙ୍କା ଓ ୪୩୨୯,୪୪,୧୨୦୦୦ ଟଙ୍କାର ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ଗୃହୀତ ହୋଇଯାଇଛି। ଦୁଇ ବିଭାଗର ମନ୍ତ୍ରୀ ଯଥାକ୍ରମେ ନିତ୍ୟାନନ୍ଦ ଗଣ୍ଡ ଓ କୃଷ୍ଣଚନ୍ଦ୍ର ପାତ୍ର ଏହି ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ରଖିଥିଲେ। ମନ୍ତ୍ରୀଙ୍କ ଉତ୍ତର ବେଳେ ବିରୋଧୀ ଦଳର ବିଧାୟକମାନେ ଅସନ୍ତୋଷବ୍ୟକ୍ତ କରି କକ୍ଷତ୍ୟାଗ କରିଥିଲେ। ଏହି ଖର୍ଚ୍ଚ ଦାବି ଆଲୋଚନାରେ ବିଧାୟକ ସର୍ବଶ୍ରୀ ଗଣେଶ୍ୱର ବେହେରା, ସିଏସ୍ ରାଜନ ଏକ୍କା, ପ୍ରକାଶ ଚନ୍ଦ୍ର ସେଠୀ, ରମେଶ ଚନ୍ଦ୍ର ବେହେରା, ରଘୁରାମ ମାଛ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପ୍ରତାପ ଚନ୍ଦ୍ର ନାୟକ, ମାଧବ ଧଡା, ଦୁର୍ଗାପ୍ରସନ୍ନ ନାୟକ, ଉମାଚରଣ ମଲ୍ଲିକ, ପ୍ରଦୀପ ଦିଶାରୀ ପ୍ରମୁଖ ଭାଗ ନେଇଥିଲେ।

# ପାକିସ୍ତାନ ସିଡିଏଫଙ୍କୁ ଟାର୍ଗେଟ କଲେ ଜୟଶଙ୍କର

ନୂଆଦିଲ୍ଲୀ, ୬।୧୨

ଭାରତ–ପାକିସ୍ତାନ ସମ୍ପର୍କ ଏବଂ ପାକିସ୍ତାନର ପ୍ରତିରକ୍ଷା ବାହିନୀର ମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କ ସମ୍ପର୍କରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି। ଜୟଶଙ୍କର କହିଛନ୍ତି ଯେ ଯେପରି ଭଲ ଆତଙ୍କବାଦୀ ଏବଂ ଖରାପ ଆତଙ୍କବାଦୀ ଅଛନ୍ତି, ସେହିପରି ଭଲ ସାମରିକ ନେତା ଏବଂ କମ୍ ଭଲ ସାମରିକ ନେତା ମଧ୍ୟ ଅଛନ୍ତି।



ଶନିବାରଏକ ସାକ୍ଷାତକାର ସମୟରେ, ଏସ. ଜୟଶଙ୍କର କହିଛନ୍ତି, 'ପାକିସ୍ତାନୀ ସେନାର ବାସ୍ତବତା ସର୍ବଦା ଭାରତ ପାଇଁ ସ୍ପଷ୍ଟ, ଏବଂ ଆମର ଅନେକ ସମସ୍ୟା ଏଥିରୁ ଉତ୍ପନ୍ନ ହୋଇଥାଏ।' ଭାରତର କୂଟନୀତିକ ଗତିରୋଧ ସମ୍ପର୍କରେ, ଜୟଶଙ୍କର କହିଛନ୍ତି, 'ପାକିସ୍ତାନର ପରିସ୍ଥିତି, ଏହାର ପାର୍ଥକ୍ୟ, ଏହାର କ୍ଷମତା ଏବଂ ଏହାର ପ୍ରତିଷ୍ଠା ଦେଖନ୍ତୁ। ଆମେ ଏଥିରେ ନିଜକୁ ଅତ୍ୟଧିକ ଜଡିତ କରିବା ଉଚିତ୍ ନୁହେଁ। ହଁ, କିଛି ସମସ୍ୟା ଅଛି, ଏବଂ ଆମେ ସେଗୁଡିକୁ ସମାଧାନ କରିବୁ।'

ଅପରେସନ୍ ସିନ୍ଦୂର ସମୟରେ ଭାରତର ଭିନ୍ନ ରଣନୀତି ବ୍ୟବହାର ବିଷୟରେ, ଜୟଶଙ୍କର କହିଛନ୍ତି, 'ଆମେ ଯେଉଁ ପ୍ରକାରର ଦେଶ, ସେଥିପାଇଁ ଆମକୁ କିଛି ନିୟମ ଏବଂ ମାନଦଣ୍ଡ ପାଳନ କରିବାକୁ ପଡିବ।' ସେ କହିଥିଲେ, 'ମୁଁ ଏହାକୁ ଦୁଇଟି ଉପାୟରେ ଦେଖୁଛି। ଯେପର୍ଯ୍ୟନ୍ତ ଭାରତ ବିଷୟରେ କଥା ଆସୁଛି, ଆମେ କିଛି କାମ କରୁ ଏବଂ କିଛି କରୁନାହୁଁ। (ପୃଷ୍ଠା ୭ରେ)

# ଜାନୁଆରୀ ୨୦ରେ ଓଏସ୍‌ଏସ୍‌ଟିଇଟି–୨୦୨୫ ପରୀକ୍ଷା

ଭୁବନେଶ୍ୱର, ୬।୧୨
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଜାନୁଆରୀ ୨୦ରେ ଓଏସ୍‌ଏସ୍‌ଟିଇଟି–୨୦୨୫ ପରୀକ୍ଷା ଅନୁଷ୍ଠିତ ହେବ । ସକାଳ ୯ରୁ ସାଢ଼େ ୧୧ ପେପର–୧, ଅପରାହ୍ନ ୨ରୁ ୪ଟା ୩୦ ପେପର–୨ ପରୀକ୍ଷା ହେବ । ଶନିବାର ଠାରୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ । ୨୦୨୬ ଜାନୁଆରୀ ୧୦ ପରଠାରୁ ଆଡମିଟ୍ କାର୍ଡ ଡାଉନଲୋଡ୍ ହେବ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଜାରି ହୋଇଛି ବିଜ୍ଞପ୍ତି ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୦୧୫ (-୫୪)
୨. ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୯୩୦ (-୫୦)
୩. ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୭୬୧ (-୪୧)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୯୬ (-୦)

## ଏକାଳ ପଖାଳ




ବାଭୁମା ଭାଇନା ରାଗୁଛ କି ?
ଗଲ ବୋଲି ଏବେ ହାରି
କୋଚ ତୁମର ବହୁ କହୁଥିଲା
ଏବେ ଗଲା କିବା ଡରି
ଚିନ୍ତାରେ ହେଉଥା ଘାରି
ଟି୨୦ରେ ଆଗକୁ ଅଛି
ବୁଲିଯିବ ଘିରିଘିରି।

# ହାଡ଼ଭଙ୍ଗା ଶୀତରେ ଥରୁଛି ସାରା ଓଡ଼ିଶା



ଭୁବନେଶ୍ୱର, ୬।୧୨
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଜାରି ରହିଛି ହାଡ଼ଭଙ୍ଗା ଶୀତ। ଉପକୂଳଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଅଞ୍ଚଳ, ସବୁଠି ଖସୁଛି ପାରଦ । ଏପରି କି ଶୀତ ଲହରୀକୁ ନେଇ ଆସନ୍ତା ୨ ଦିନ ଯାଏଁ ୩ ଜିଲ୍ଲାକୁ ଜାରି ହୋଇଛି ୱାର୍ଣ୍ଣିଂ । ସେପଟେ ଆଗାମୀ ୭ ଦିନ ଯାଏଁ ରାଜ୍ୟରେ କୌଣସି ବର୍ଷାର ସମ୍ଭାବନା ନଥିବା ବେଳେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ସେପଟେ ଘନ କୁହୁଡ଼ିକୁ ନେଇ ୭ ଜିଲ୍ଲାକୁ ୱାର୍ଣ୍ଣିଂ ଜାରି କରିଛି ଆଇଏମଡି । ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଥିବା ବେଳେ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ସୁନ୍ଦରଗଡ଼, ଝାରସୁଗୁଡା ଓ ଅନୁଗୋଳ ଜିଲ୍ଲା ପାଇଁ ଜାରି ହୋଇଛି ସତର୍କ ସୂଚନା । ସେହିପରି ଘନ କୁହୁଡ଼ିକୁ ନେଇ ସୁନ୍ଦରଗଡ଼, ଝାରସୁଗୁଡା ଓ ଅନୁଗୋଳ, କନ୍ଧମାଳ, କୋରାପୁଟ, ସୋନପୁର ଏବଂ କଳାହାଣ୍ଡି ଜିଲ୍ଲାକୁ ଜାରି ହୋଇଛି ସତର୍କତା ସୂଚନା । ଆସନ୍ତା ୭ ଦିନ ଯାଏଁ ରାଜ୍ୟରେ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନ ହେବାକୁ ନଥିବା ବେଳେ ଗୋଟିଏ କିମ୍ବା ଦୁଇ ଡିଗ୍ରୀ ଉଣା ଅଧିକା ହୋଇପାରେ ବୋଲି କହିଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା (ପୃଷ୍ଠା ୭ରେ)

# ମାନବ ଚାଲାଣ ଓ ଶିଶୁ ନିର୍ଯାତନାକୁ ନେଇ ବାଚସ୍ପତିଙ୍କ ଠାରୁ ରୁଲିଂ ଦାବି

ଭୁବନେଶ୍ୱର, ୬।୧୨
ନ୍ୟୁଜ୍ ବ୍ୟୁରୋ

ମାନବ ଚାଲାଣ ଓ ଶିଶୁ ନିର୍ଯାତନାକୁ ନେଇ ଶନିବାର ବିଧାନସଭାରେ ଗୃହରେ ଉଦବେଗ ପ୍ରକାଶ ପାଇଥିଲା। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ରାଜ୍ୟରେ ଏଭଳି ଭାବରେ ମାନବ ଚାଲାଣ ଚାଲିଛି ଯାହା କି ସରକାରଙ୍କ ବିକଳ ଚିତ୍ର ଦେଖାଉଛି । ରାଉରକେଲାରେ ନାବାଳିକାଙ୍କୁ ରାଜସ୍ଥାନରେ ବିକ୍ରି କରାଯାଇଛି । ସେଠାରେ ସେମାନଙ୍କୁ ନିର୍ଯାତନା ଦିଆଯାଉଛି । ଏହାକୁ ରୋକିବା ପାଇଁ ସରକାରଙ୍କ କ'ଣ ନିୟମ ରହିଛି ଏବଂ ମାନବଚାଲାଣକାରୀଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ଗୃହରେ ଉତ୍ତର ରଖିବାକୁ ସେ ବାଚସ୍ପତିଙ୍କ ଠାରୁ ରୁଲିଂ ଦାବି କରିଥିଲେ। ସେ କହିଥିଲେ ନୀଳଗିରିର ଏକ ହଷ୍ଟେଲରେ ଜଣେ ଛାତ୍ରକୁ ଶିକ୍ଷକ ଶିକୁଳିରେ ବାନ୍ଧି ରଖିବା ଘଟଣା ସାମ୍ନାକୁ ଆସିଲା । ଏ ନେଇ ଏବେ ଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଏହି ପ୍ରସଙ୍ଗରେ ବାଚସ୍ପତି ସୁରମା ପାଢୀ ଚଳିତ ଅଧିବେଶନ କାଳରେ ଉପମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।



# ମାଁ ମାଣିକେଶ୍ୱରୀଙ୍କ ପୀଠରେ ଶୁଭାରମ୍ଭ ହେଲା ଚଇତି



**ରାୟଗଡ଼ା,ନ୍ୟୁଜ ବ୍ୟୁରୋ:** ରାୟଗଡ଼ା ଜିଲ୍ଲା ସ୍ଥାନୀୟ କାଶିପୁର ବ୍ଲକର ସ୍ଥିତ ମାଁ ମାଣିକେଶ୍ୱରୀ ମନ୍ଦିରରୁ ମଙ୍ଗଳବାର ଦିନ ପୂର୍ବାହ୍ନ ୯.୦୦ ଘଟିକା ସମୟରେ ରାୟଗଡ଼ ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି ଏବଂ ପରମ୍ପରାର ଗଣପର୍ବ ଚଇତି - ୨୦୨୫ ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ରାୟଗଡ଼ ଆଶୁତୋଷ କୁଲକର୍ଣ୍ଣୀ, ଭା.ପ୍ର.ସେ. ଅଧ୍ୟକ୍ଷତାରେ ମହା ଆଡ଼ମ୍ବରରେ ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ବୈଦ୍ୟନାଥ ସାଗର ( ହାଟ ପଦା)ରେ ଉପଜିଲ୍ଲାପାଳ, ଜିଲ୍ଲାପରିଷଦ ଅଧ୍ୟକ୍ଷ,କାଶିପୁର ବ୍ଲକ ଅଧ୍ୟକ୍ଷ ଉପସ୍ଥିତିରେ ପୂଜା କରାଯାଇ ଗଙ୍ଗା ଆବାହନ ଓ କଳସ ପୂଜା ସକାଶେ ପବିତ୍ର ଜଳ ସଂଗ୍ରହ କରି କଳସ ଯାତ୍ରା ଆରମ୍ଭ ହୋଇ ମାଁ ମାଣିକେଶ୍ୱରୀ ମନ୍ଦିରରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମନ୍ଦିର ଠାରୁ ମଶାଲ ଯାତ୍ରାରେ ବାହାରି ସହର ପରିକ୍ରମା ହୋଇଥିଲା। ଏହା ପରେ ବ୍ଲକ ପଡ଼ିଆ ଚଇତି ମଣ୍ଡପ ଠାରେ ମୁଖ୍ୟ ଅତିଥି ଓ ଅତିଥିଙ୍କ ଦ୍ୱାରା କଳସ ସ୍ଥାପନା ଓ ପ୍ରଦର୍ଶନ ଷ୍ଟଲ ଗୁଡ଼ିକର ଉଦ୍ଘାଟନ କରାଯାଇଥିଲା।

ବ୍ଲକ ପଡ଼ିଆ ଚଇତି ମଣ୍ଡପ ଠାରେ ପହଞ୍ଚି କାଶିପୁର ବ୍ଲକ ସ୍ତରୀୟ ଚଇତି ୨୦୨୫ ପ୍ରାରମ୍ଭିକ କାର୍ଯ୍ୟକ୍ରମଟିକୁ ସମସ୍ତ ଅତିଥିଙ୍କ ଦ୍ୱାରା ଦ୍ୱୀପ ପ୍ରଜ୍ୱଳନ କରି ଆରମ୍ଭ କରାଯାଇଥିଲା। ପରେ ମଞ୍ଚାସିନ ଅତିଥିଗଣଙ୍କ ଦ୍ୱାରା ଚଇତି ୨୦୨୫ର ପୋଷ୍ଟର ଉନ୍ମଚନ କରାଯାଇଥିଲା। ତାପରେ ପରେ ଉପଜିଲ୍ଲାପାଳ ରାୟଗଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ଏହି ପବିତ୍ର ଦିବସର ଅବସରରେ ରାୟଗଡ଼ ଜିଲ୍ଲାର ସମସ୍ତ ବ୍ଲକରେ ବ୍ଲକସ୍ତରୀୟ ଚଇତି ଓ ଉନ୍ନୟନ ପ୍ରଦର୍ଶନୀ ଶୁଭାରମ୍ଭ କରାଯାଇଥିଲା। ଜିଲ୍ଲାସ୍ତରୀୟ ଚଇତି - ୨୦୨୫ ଚଳିତ ମାସ ତା. ୨୬-୧୨-୨୦୨୫ ଠାରୁ ୩୦-୧୨-୨୦୨୫ ପର୍ଯ୍ୟନ୍ତ ରାୟଗଡ଼ ଜି.ସି.ଡ଼ି ହାଇସ୍କୁଲ ପଡ଼ିଆ ଠାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ କାଶୀପୁର ବ୍ଲକସ୍ତରୀୟ ଚଇତି – ୨୦୨୫ ର ଶୁଭାରମ୍ଭ କାଶୀପୁର ପଞ୍ଚାୟତ ଠାରୁ କରାଯାଇଛି। ବ୍ଲକସ୍ତରୀୟ ଚଇତି – ୨୦୨୫ ନିମନ୍ତେ ଧାର୍ଯ୍ୟ ତାରିଖ ସ୍ଥିର ହୋଇଯାଇଛି । ଜିଲ୍ଲାରେ ବ୍ଲକସ୍ତରୀୟ ଚଇତି – ୨୦୨୫ ପ୍ରଥମେ କାଶିପୁର୍ ବ୍ଲକ ୨ ତାରିଖ,ରାମାନଗୁଡ଼ା ୭ ତାରିଖ, କଲ୍ୟାଣସିଂହପୁର ୯ ତାରିଖ, କୋଲନରରା ୧୧ ତାରିଖ, ରାୟାଗଡା ୧୨ ତାରିଖ, ଗୁଡ଼ାରୀ ୧୨ ତାରିଖ, ମୁନିଗୁଡ଼ା ୧୩ ତାରିଖ ,ଚନ୍ଦ୍ରପୁର ୧୩ ତାରିଖ , ପଦ୍ମପୁର ୧୪ ତାରିଖ , ବିଷମକଟକ ୧୪ ତାରିଖ, ଗୁଣପୁର ୨୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଚଇତି ୨୦୨୫ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଚଇତି ମହୋତ୍ସବ ଅଧ୍ୟକ୍ଷ ତଥା ଜିଲ୍ଲାପାଳ, ରାୟଗଡ଼ା ବିଧାୟକ ଶ୍ରୀଯୁକ୍ତ କାଡ୍ରାକଷ ଆପଲସ୍ୱାମୀ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ,ଏଡିଏମ ରାଜସ୍ୱ,ଶ୍ରୀ ନିହାର ରଞ୍ଜନ କହଁର, ,ସିଡିଇଓ ତଥା ଇଓ ଜିଲ୍ଲା ପରିଷଦ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ,ଉପ ଜିଲ୍ଲାପାଳ ରାୟଗଡା,ଶ୍ରୀ ରମେଶ କୁମାର ଜେନା,ରାୟଗଡ଼ା ଓ କାଶିପୁର ବିଡ଼ିଓ,ଶ୍ରୀ ସୁଜିତ ମିଶ୍ର,କାଶିପୁର ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝୀ,ସମସ୍ତ ବ୍ଲକର ଅଧ୍ୟକ୍ଷ,ଅଧ୍ୟକ୍ଷା, ଉପାଧ୍ୟକ୍ଷ,ସରପଞ୍ଚ,ସମିତି ସଦସ୍ୟ, ସମେତ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ କର୍ମଚାରୀ ସମେତ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ,ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଉପସ୍ଥିତ ରହିଥିଲେ। ବ୍ଲକ ସ୍ତରୀୟ ଉତ୍ସବ ପରେ ଉପଖଣ୍ଡ ସ୍ତରୀୟ ଲୋକାଉତ୍ସବ ଇଡ଼ିତାଲ ଚଇତି – ୨୦୨୫ ଅନୁଷ୍ଠିତ ହେବ । ଏଥି ନିମନ୍ତେ ଉପଜିଲ୍ଲାପାଳ ଗୁଣପୁରଙ୍କ ନେତୃତ୍ୱରେ କମିଟି ଗଠନ କରାଯିବ ବୋଲି ଜିଲ୍ଲାପାଳ ତଥା ଜିଲ୍ଲାସଂସ୍କୃତି ପରିଷଦର ଅଧ୍ୟକ୍ଷ ଜଣାଇଛନ୍ତି। ଶେଷରେ ବିଡ଼ିଓ କାଶୀପୁର ଶ୍ରୀ ସୁଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଏସ୍‌ପିଙ୍କ ଅଫିସ ଆଗରେ ଦଳିତ ଦମ୍ପତ୍ତିଙ୍କ ଧାରଣା

**ପୁରୀ,ନ୍ୟୁଜ ବ୍ୟୁରୋ:** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ବଳଙ୍ଗା ଥାନା ଅନ୍ତର୍ଗତ ଶାଇଁସ ଶାସନ ସରପଂଚଙ୍କ ବିରୋଧରେ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଦଳିତ ମହିଳା। ବଳଙ୍ଗା ପୋଲିସ ୩ ଦିନ ହେଲଣି ଅଭିଯୋଗ ପାଇ ମଧ ଚୁପ ବସିଅଛି। ଦଳିତ ମହିଳା ଓ ତାଙ୍କ ସ୍ୱାମୀ ସୋମବାର ଠାରୁ ଏସପି ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ପୀଡିତା ମହିଳାଙ୍କୁ ଜଣେ ଚର୍ଚ୍ଚିତ ଓ ବାହୁବଳୀ ସରପଂଚ ଅତ୍ୟାଚାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବଳଙ୍ଗା ଥାନା ଅଂଚଳ ଉଗ୍ରେଶ୍ୱର ଦେଉଳିର ଶୈଳବାଳା ବେହେରା (୪୯) ନାମକ ମହିଳାଙ୍କର ଏକ ଗ୍ରୋସରୀ ଦୋକାନ ଗାଁ କେନାଲ ବନ୍ଧ ପାଖରେ ଅଛି । ଗତ୨୮ ତାରିଖରେ ମହିଳାଙ୍କ ସ୍ୱାମୀ ଧୋବେଇ ବେହେରା ବନ୍ଧୁ ଘରକୁ ଯାଇଥିଲେ । ରାତ୍ରରେ ଘରକୁ ନ ଫେରିବାରୁ ପୀଡ଼ିତା ମହିଳା ଛୋଟ ନାତିକୁ ନେଇ ଦୋକାନ ଘରେ ଶୋଇଥିଲେ । ସ୍ୱାମୀ ନଥିବାର ସୁଯୋଗ ନେଇ ୨୯ ତାରିଖ ରାତ୍ର ପ୍ରାୟ ୩ଟା ସମୟରେ ଦୋକାନ କବାଟକୁ ବାଡ଼େଇବାରୁ କିଏସେ ଦୋକାନ କବାଟ ବାଡଉଛ ବୋଲି ପୀଡ଼ିତା ମହିଳା ପଚାରିଥିଲେ । ସେ ସରପଂଚ ଟୁଲା ଭାଇନା ପରିଚୟ ଦେଇଥିଲା। ତାଙ୍କ ପାଟି ଶୁଣି ପୀଡ଼ିତା ମହିଳା ଶୋଇଥିବା ଘରର କବାଟ ଖୋଲି ଦେବା ମାତ୍ରେ ଟୁଲା ଘର ଭିତରକୁ ପଶିଯାଇଥିଲା। ହାତରେ ଧରିଥିବା ଏକ ଭୁଜାଲିକୁ ପୀଡ଼ିତାଙ୍କ ବେକରେ ଲଗାଇ ଦେଇ ଅଶ୍ଳୀଳ ଅସଭ୍ୟ ଭାଷାରେ ଗାଳିମନ୍ଦ କରି ଧମକ ଦେଇ କହିଲା, ତୋ ସ୍ୱାମୀ କୁ କହିଦେବୁ ମୋ ବିରୁଦ୍ଧରେ ଯିବ ନାହିଁ, ନଚେତ ଗାଡି ମଡେଇ ଜୀବନରେ ମାରିଦେବି । ପୀଡ଼ିତା ମହିଳା ପ୍ରତିବାଦ କରିବାରୁ ସେ ଚୁଟିକୁ ଧରି ପକାଇଥିଲା । ତା' ସହିତ ଗାଲକୁ ଦୁଇଚାରି ଚାପୁଡା ମାରିଥିଲା । ପରେ ଇଜ୍ଜତ ନେଇଯିବି ବୋଲି କହି ଲୁଗାପଟାକୁ ଭିଡା ଓଟରା କରିଥଲା । ପୀଡ଼ିତା ମହିଳା ଡାକ ପକାଇବାରୁ ସେ ତାଙ୍କ ତଂଟିକୁ ଧରି ପକାଇଥିଲା । ଜୀବନରୁ ମାରିଦେବା ପାଇଁ ଉଦ୍ଦେଶ୍ୟ ରଖି ଜୋରରେ ତଂଟିକୁ ଚିପିଦେଇ ଥିଲା । ଦଳିତ ମହିଳା ଅଣ ନିଶ୍ୱାସୀ ହୋଇ ଗଁ ଗଁ ଡାକ ପକାଇ ଚେତାଶୂନ୍ୟ ହୋଇଯିବାରୁ ମରିଗଲା ବୋଲି ଭାବି ଛାଡି ପଳାଇ ଯାଇଥିଲା । ଦଳିତ ମହିଳା ଥାନାରେ ଏନେଇ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକ ଆସି ପୀଡ଼ିତା ମହିଳାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିଲେ । ଏହି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି ଦଳିତ ମହିଳା ଓ ତାଙ୍କ ସ୍ୱାମୀ।

# ସୋଆ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସର ଶୁଭାରମ୍ଭ



**ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ:** ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ। ଏହି ଦିବସ ଅବସରରେ ସ୍ୱତନ୍ତ୍ର ପ୍ରଦର୍ଶନୀ ଆରମ୍ଭ ହୋଇଛି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆସନ୍ତା ତିନିଦିନ ଧରି ଚାଲିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚୀତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିବା ସହ ପ୍ରଦର୍ଶନୀକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ସୋଆର ଉପକୁଳପତି ପ୍ରଫେସର ପି.କେ. ପାତ୍ର ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର କମିଶନର ତଥା ଶାସନ ସଚିବ ଆର୍.ଏସ୍ ଗୋପାଳନ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ସୁଶ୍ରୀ ରଜନୀ ଜାନି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଭାଗୀୟ ନିର୍ଦ୍ଦେଶିକା ଶ୍ରୀମତି ପାରୁଲ ପଟୱାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରନ ନାୟକ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଏକାମ୍ର ବିଧାୟକ ବାବୁ ସିଂଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସୋମବାର ସକାଳେ ଭୁବନେଶ୍ୱର ଷ୍ଟୁଡିଓ ଛକ ଠାରୁ ସୋଆ ଷ୍ଟାଡିୟମ ପର୍ଯ୍ୟନ୍ତ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା। ପ୍ରଦର୍ଶନୀ ମଧ୍ୟରେ ଭିନ୍ନକ୍ଷମଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଘରକରଣା ସାମଗ୍ରୀ, ଖେଳ ଉପକରଣ ଆଦି ପ୍ରଦର୍ଶିତ ହୋଇଥିଲା। ସେହିପରି ଷ୍ଟାଡିୟମ୍‌ରେ ଦିବ୍ୟାଙ୍ଗ କ୍ରୀଡାବିତ୍‌ଙ୍କୁ ନେଇ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସୋଆ କ୍ୟାମ୍ପସରେ ୩ ଦିନ ବ୍ୟାପୀ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

# କେନ୍ଦ୍ରାପଡ଼ାରେ ଯୁଗ୍ମ ଅଭିଯୋଗ ଶୁଣାଣି

**କେନ୍ଦ୍ରାପଡ଼ା,ନ୍ୟୁଜ ବ୍ୟୁରୋ:** କେନ୍ଦ୍ରାପଡ଼ାଜିଲ୍ଲା ପରିଷଦସମ୍ମିଳନୀ କକ୍ଷେର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ। ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରେ ରଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ,ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତିଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣିରେ ମୋଟ ୨୦୬ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ୧୮୪ ଟି ବ୍ୟକ୍ତିଗତ ଏବଂ ୨୨ ଟି ସାମୂହିକ ଅଭିଯୋଗ ରହିଥିଲା। ୬୩ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି। ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ କରି ପଦକ୍ଷେପ ଗ୍ରହଣ କରବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



# କେନ୍ଦୁଝରରେ ଯୁଗ୍ମ ଅଭିଯୋଗ ଶୁଣାଣି : ୧୬୯ ମାମଲା ପଞ୍ଜିକୃତ



**କେନ୍ଦୁଝର,ନ୍ୟୁଜ ବ୍ୟୁରୋ:** କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୧୬୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୭ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୪୨ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ସେଥିମଧ୍ୟରୁ ୨୯ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୩ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଜିଲ୍ଲା ପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ବିନୋଦ ବିହାରୀ ମିଶ୍ର, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ୦୮.୧୨.୨୦୨୫ ସୋମବାର ଦିନ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଆନନ୍ଦପୁର, ୧୫.୧୨.୨୦୨୫ ସୋମବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଝୁମ୍ପୁରା, ୨୨.୧୨.୨୦୨୫ ସୋମବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାଂଶପାଳ ଓ ୨୯.୧୨.୨୦୨୫ ସୋମବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଘଟଗାଁଠାରେ ଚଳିତ ମାସର ପରବର୍ତ୍ତୀ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

# ଜନତାଙ୍କ ୨୨୮ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ ଓ ଏସ୍‌ପି



**ଯାଜପୁର,ନ୍ୟୁଜ ବ୍ୟୁରୋ:** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୨୨୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୪୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୬ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୭୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୭୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ, ଯାଜପୁର ତାପସ ରଂଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର, ହେମନ୍ତ କୁମାର ମହନ୍ତ, ଭାରପ୍ରାପ୍ତ ତହସିଲଦାର, ଯାଜପୁର ଅଜୟ କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବିଜୟ କୁମାର ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ମୟୁରଭଞ୍ଜ ମହୋତ୍ସବରେ ମୋ ଖତ ଷ୍ଟଲ ଉଦ୍‌ଘାଟିତ



**ବାରିପଦା,ନ୍ୟୁଜ ବ୍ୟୁରୋ:** ସ୍ଥାନୀୟ ଛଉ ପଡ଼ିଆ ଠାରେ ଆୟୋଜିତ ମୟୁରଭଞ୍ଜ ମହୋତ୍ସବରେ ବାରିପଦା ପୌରପାଳିକା ପକ୍ଷରୁ ମୋ ଖତ ଷ୍ଟଲ ଉଦଘାଟିତ ହୋଇଯାଇଛି। ଉଦଘାଟନ କାର୍ଯ୍ୟକ୍ରମରେ ମୟୁରଭଞ୍ଜ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ସିନେ ଷ୍ଟାର ଅସିତ ପତି, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବାରିପଦା ପୌରାଞ୍ଚଳରୁ ନିୟମିତ ଭାବେ ସଂଗୃହିତ ହେଉଥିବା ଅଳିଆ ଆବର୍ଜନାକୁ ପ୍ରକ୍ରିୟା କରଣ କରି ଖତ ପ୍ରସ୍ତୁତ କରାଯାଉଛି। ବାରିପଦା ପୋ ?ରପାଳିକା ଦ୍ୱାରା ପରିଚାଳିତ ୬ଟି ଅଣୁ ଜୈବ୍ୟ ଖତ ପ୍ରସ୍ତୁତି କେନ୍ଦ୍ରରେ ନିୟମିତ ଖତ ପ୍ରସ୍ତୁତି ହେଉଛି। ଉକ୍ତ ଖତକୁ ରାଜ୍ୟ ସରକାରଙ୍କ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ରେଶନ ବୋର୍ଡ ପ୍ରମୁଖ ପ୍ରତି ବର୍ଷକୁ ପ୍ରାୟ ୧୦୦ଟନ ଖତ କ୍ରୟ କରିଥାନ୍ତି। ଏହା ବିନା ରାସାୟନିକ ହୋଇଥିବା ବେଳେ ଏହାକୁ ବ୍ୟବହାର ଦ୍ୱାରା ଗଛ ବେଶ ଉତ୍କୃଷ୍ଟ ଅଟେ। ପୋ ?ରପାଳିକା ପକ୍ଷରୁ ୫କିଲୋ ପ୍ୟାକେଟ ପ୍ରତି ୧୦ ଟଙ୍କାରେ ବିକ୍ରି କରାଯାଉଛି। ପୌରାଞ୍ଚଳର ଲୋକେ ନିଜ ଘର ବଗିଚା, କୃଷି କ୍ଷେତ୍ରରେ ଉକ୍ତ ଖତକୁ ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି। ଉଦଘାଟନ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ମହୋତ୍ସବ କମିଟି ଉପ ସଭାପତି ସଞ୍ଜୀବ ଦ୍ୱିବେଦୀ, ସାଧାରଣ ସମ୍ପାଦକ ରାକେଶ ସିଂ, ବିପ୍ଳବ ବୁଗୁଡ଼େଇ, ତରୁଣ ମହାନ୍ତି, ଶୁଭେନ୍ଦୁ ସାହୁ, ଅମିତାଭ ସାହୁ, ସତ୍ୟସ୍ୱରୂପ ଦାସ, ବାରିପଦା ପୋ ?ରପାଳିକା ବିଶୋଧନା ବିଶେଷଜ୍ଞ ଗୌରୀ ନାୟକ, ସାର୍ଥକ ପ୍ରୟାସ ପାତ୍ର, ଅମିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ ଅନୁଷ୍ଠାନ ତରଫରୁ ବିଶ୍ୱ ଏଡ୍‌ସ ଦିବସ ପାଳନ




**କେନ୍ଦ୍ରାପଡା,ନ୍ୟୁଜ ବ୍ୟୁରୋ:** କେନ୍ଦ୍ରାପଡାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାବେ ପରିଚିତ ଭାରତ ଅନୁଷ୍ଠାନ ଟି.ଆଇ ପ୍ରକଳ୍ପ ତରଫରୁ ବିଶ୍ୱଏଡସ୍ ଦିବସ ୨୦୨୫ ଅନୁଷ୍ଠାନର ନିର୍ଦ୍ଦେଶକ ଉଦୟନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହାଇଯାଇଛି। ଏହି କାର୍ଯ୍ୟକ୍ରମରେ ଟି.ଆଇ ପ୍ରକଳ୍ପର ଅଧିକାରୀ ରାଜାଲିନ୍ ଦାଶଙ୍କ ତତ୍ତ୍ୱାବଧାନେର ଜିଲ୍ଲାର ପଟ୍ଟାମୁଣ୍ଡାଇ, ଆଳି ପ୍ରଭୃତି ବ୍ଲକଗୁଡିକରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଜନସାଧାରଣଙ୍କୁ ଏଡସ୍‌ର ଭୟବାହତା ସମ୍ପକର୍ରେ ଅନୁଷ୍ଠାନ ତରଫରୁସେଚତନତା କରାଯାଇଛି। ଏ ଉପଲେକ୍ଷ ମହିଳାମାନଙ୍କ ନେଇ ଝୋଟି, ରେଙ୍ଗାଲି, ମ୍ୟୁଜିକଚେୟାର ଆଦି ପ୍ରତିଯୋଗୀତାର ଅୟୋଜନ କରାଯାଇଥିଲା। ଏଥରେ ଉତ୍ତୀର୍ଣ୍ଣ ହୋଇଥିବା ମହିଳାମାନଙ୍କୁ ଅନୁଷ୍ଠାନ ତରଫରୁ ପୁଷ୍ପଗୁଚ୍ଛ, ଉତରୀୟ, ମାନପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଏଥିସହିତ ଆଇସିଟିସିର ସୁପରଭାଇଜର ବ୍ରଜ କିଶାର ଜେନା, ପରାମର୍ଶଦାତା ଦେବେନ୍ଦ୍ର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରବିଭିନ୍ନ ଅଂଚଳରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଅାୟୋଜିତ ଏହି କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ସୁଧାଂଶ ଶେଖର ସ୍ୱାଇଁ, ପରାମର୍ଶଦାତ୍ରୀ ନଳିନୀ ପ୍ରଭା ନାୟକଙ୍କ ସମେତ ମିନାଲତା ନାୟକ, ମିତାଞ୍ଜଳି ଜେନା, ପି.ଇଖୃସିଦା ବେଗମ୍ ପ୍ରମୁଖ କମର୍କର୍ତା କାର୍ଯ୍ୟକ୍ରମେର ସହଯାଗ କରିଥିବା ବେଳେ ସଭାଶେଷରେ ନଳିନୀ ପ୍ରଭା ନାୟକ ଧନ୍ୟବାଦ ଅପର୍ଣ କରିଥିଲେ।

# ବଦଳି ନିର୍ଦ୍ଦେଶନାମାକୁ ବେଖାତିର : ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ



**ବ୍ରହ୍ମପୁର,ନ୍ୟୁଜ ବ୍ୟୁରୋ:** କୋଦଳା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବଦଳି କାଏମ ରଖି ଶୀଘ୍ର ନୂତନ ସ୍କୁଲରେ ଯୋଗଦେବା ସହିତ କାହିଁକି ହୋଇଥିବା ନିର୍ଦ୍ଦେଶନାମାକୁ ବେଖାତିର କରି ପ୍ରଶାସନିକ ନିର୍ଦ୍ଦେଶ କୁ ନ ମାନି ଆଜି ପର୍ଯ୍ୟନ୍ତ କାହିଁକି ପୁରୁଣା ସ୍କୁଲ ଛାଡିନଥିଲେ ଆସନ୍ତା ୫ ତାରିଖ ସୁଦ୍ଧା ତାର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ , ଡିଇଓ ଙ୍କ ପତ୍ର ସଂଖ୍ୟା ୨୪୬୯୩ ତା ୦୨/୧୨/୨୦୨୫ ପ୍ରକାରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ତାର ଉତ୍ତର ରଖିବାକୁ ନିର୍ଦ୍ଦେଶ ରହିଛି ! ପ୍ରକାଶ ଥାଉ କି ଏହି ବିଦ୍ୟାଳୟ ରେ କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷ୍ୟକ ସୂର୍ଯ୍ୟ ନାରାୟଣ ଯେନା ଙ୍କ ବିଭିନ୍ନ ବିବାଦୀୟ ଅଭିଯୋଗ ପ୍ରକାରେ ଜିଲ୍ଲା ଶିକ୍ଷ୍ୟାଧିକାରୀ ବ୍ରହ୍ମପୁର ଙ୍କ ଚିଠି ସଂଖ୍ୟା ୧୯୭୧୦ --୦୬/ ୧୦/୨୦୨୫ ପ୍ରକାରେ କାଳିମେଘି ଜାଗିଲିପଦର ଉଚ୍ଚ ବିଦ୍ୟାଳୟ କୁ ବଦଳି ପାଇଁ ନିର୍ଦ୍ଦେଶ ଆସିଥିବା ବେଳେ ଏହାକୁ ସେ ଗ୍ରହଣ କରିବାକୁ ନାରାଜ ଥିଲେ,ଏହାର ପ୍ରଶ୍ନ ରେ ଆମ ପ୍ରତିନିଧିଙ୍କୁ ସେ କହିଥିଲେ ଯେ ବିଧାୟକ କହିଛନ୍ତି ତୁମ ଅର୍ଡର କେନସିଲ ହେବ ଆଉଗୋଟିଏ ଅର୍ଡର ଆସିବା ପର୍ଯ୍ୟନ୍ତ ଏଠାରେ ରୁହନ୍ତୁ ବୋଲି ଏବଂ ସିନିଅର ଶିକ୍ଷକଙ୍କୁ କାହିଁକି ଦାଇତ୍ୱ ପ୍ରଦାନ କରୁନାହାନ୍ତି ପ୍ରଶ୍ନ ରେ ପ୍ରଧାନ ଶିକ୍ଷକ ଶ୍ରୀ ଯେନା ଉତ୍ତର ଦେଇ କହିଛନ୍ତି ଯେ ମୋର କିଛି କାମ ର ବକେୟା ଅର୍ଥ ସରକାର ଙ୍କ ଉପରେ ରହିଛି ମୋତେ ମିଳିନାହିଁ, ବକେୟା ଅର୍ଥ ମିଳିଲେ ହିଁ ମୁଁ ଦାଇତ୍ୱ ହସ୍ତାନ୍ତର କରିବି ! ବହୁ ପୁରାତନ ଏହି ନୋଡାଲ ହାଇସ୍କୁଲ ବହୁ ଅସୁବିଧାରେ ଗତି କରିବା ସହ ଶିକ୍ଷକ ଅଭାବ ସାଙ୍ଗକୁ ସ୍ଥାୟୀ ପ୍ରଧାନ ଶିକ୍ଷକ ଓ ଗଣିତ ଶିକ୍ଷକ ନଥିବା ତା ସହିତ ହିନ୍ଦୀ ଶିକ୍ଷକ କୁମାରୀପାରି ସ୍କୁଲ ରୁ ଡେପୁଟେଶନ ହେଇଛି ଓ ସଂସ୍କୃତ ଶିକ୍ଷକ ମ୍ୟାଟରନିଟି ଲିଭ ରେ ଥିବା ଯୋଗୁଁ ସେହି ଜାଗାରେ ସ୍ୱର୍ଣ୍ଣମୟି ହାଇ ସ୍କୁଲ ରୁ ଆସୁଥିଲେ । ଏହି ଖବର ଆମ୍ଭ ଖବର କାଗଜ ରେ ପ୍ରକାଶିତ ହେବା ପରେ ଅଭିଯୋଗ ଜାଣିବା ପରେ ଜିଲ୍ଲା ଶିକ୍ଷ୍ୟା ଅଧିକାରୀ ଏହାକୁ ଗୁରୁତ୍ୱ ଦେଇ ନିଜେ କହିଥିବା ନିର୍ଦ୍ଧିଷ୍ଟ ସମୟ ରେ ଦୁଇ ଶିକ୍ଷକ ଙ୍କୁ ନିଯୁକ୍ତି କରିଥିବା ବେଳେ, ଆଜି ଏହି ଗୁରୁତ୍ୱ ପୁର୍ଣ ନିଷ୍ପତ୍ତି ନେଇଛନ୍ତି, ଯାହାକୁ ନେଇ ଅଞ୍ଚଳ ବାସି ଖୁସିବ୍ୟକ୍ତ କରିଛନ୍ତି ତତ ସହିତ ଆଉ ଏକ ଅଭିଯୋଗ ମଧ୍ୟରେ ଏହି ବିଦ୍ୟାଳୟ ରେ ସେହିଦିନ ହିଁ ମଧ୍ୟାହ୍ନ ଭୋଜନ ପରିଚାଳନାରେ ଘୋର ଅନିୟମିତତା ଅଭିଯୋଗ ହୋଇଥିଲା। ସରକାରୀ ନିୟମ ଅନୁସାରେ ପ୍ରତି ସପ୍ତାହର ସୋମ, ବୁଧ ଓ ଶୁକ୍ରବାର ପିଲାମାନଙ୍କୁ ଅଣ୍ଡା ଦିଆଯିବାକୁ ନିୟମ ଥିବା ବେଳେ ବହୁ ସମୟ ରେ ଅଣ୍ଡା ଦିଆ ହେଉନଥିଲା ।ଛାତ୍ର ଛାତ୍ରୀ ଏବଂ ଅଭିଭାବକଙ୍କ ଅଭିଯୋଗ ପରେ ମଧ୍ୟାହ୍ନ ଭୋଜନ ଟଙ୍କା ଠିକ ରେ ମିଳୁନଥିବାରୁ ପିଲାଙ୍କୁ ଅଣ୍ଡା ବାଣ୍ଟିବାରେ ଅସୁବିଧା ହେଉଛି ବୋଲି ସଫେଇ ଦେଇଥିଲେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନା ! ଏହାକୁ ନେଇ ବେଗୁନିଆପଡା ବ୍ଲକ ଶିକ୍ଷ୍ୟା ଅଧିକାରୀ ରୃଦ୍ର ନାରାୟଣ ସାହୁ ଙ୍କ ସହିତ ଯୋଗାଯୋଗ କରା ଯାଇଥିଲା ଏବଂ ସେ କହିଥିଲେ ଯେ ମୁଁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି କିନ୍ତୁ କାର୍ଯ୍ୟାନୁଷ୍ଠାନ କଣ ଗ୍ରହଣ କରିବେ ଆମ ପ୍ରତିନିଧିଙ୍କ ଫୋନ ଉଠାଇ କେତେବେଳେ ବ୍ୟସ୍ତ ଅଛି, କେତେବେଳେ ଛୁଟିରେ ଅଛି କହି ଫୋନ କାଟିଦେଉଛନ୍ତି ! ଲାଗୁଥିଲା ସତେ ଯେପରି ଏହାଙ୍କୁ ଜାଣତ ରେ ଏମିତି ଚାଲିଥିଲା ,ଦୟାକରି ଏହି ଅଭିଯୋଗ ର ସତ୍ୟାସତ୍ୟ ଜାଣିବା ପାଇଁ ଜିଲ୍ଲା ଶିକ୍ଷ୍ୟା ବିଭାଗ ଦ୍ୱାରା ଏକ ଟିମ ଗଠନ କରି ବିଦ୍ୟାଳୟ କୁ ଆସି ସମସ୍ତ ଅଭିଯୋଗ କୁ ଅନୁଧ୍ୟାନ କରି ଉଚିତ ନିଷ୍ପତ୍ତି ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଙ୍କ ସମେତ ଏନଏସି ଉପାଧ୍ୟକ୍ଷ୍ୟା ରଞ୍ଜିତା ସେଠୀ ଅନୁରୋଧ କରିଛନ୍ତି !

# ଶିଶୁ ସୁରକ୍ଷା ଆଇନ ନେଇ ସଚେତନତା କାର୍ଯ୍ୟକ୍ରମ



**ବାଲେଶ୍ୱର,ନ୍ୟୁଜ ବ୍ୟୁରୋ:** ସମାଜରେ ଶିଶୁମାନଙ୍କ ପ୍ରତି ଯୌନ ଶୋଷଣ ରୋକିବା ଏବଂ କିଶୋରଙ୍କ ଯତ୍ନ ଓ ସୁରକ୍ଷା ବୃଦ୍ଧି ପାଇଁ, "ଶିଶୁମାନଙ୍କର ଯୌନ ଶୋଷଣ ସୁରକ୍ଷା ଅଧିନିୟମ - ୨୦୧୨ ପକସୋ ଏବଂ "କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଅଧିନିୟମ -୨୦୧୫ " ବିଷୟରେ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମ ଆଜି ଜିଲ୍ଲାପାଳଙ୍କ ଅଡିଟୋରିୟମ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଆୟୋଜିତ ହୋଇଥିଲା। ଉପ ଜିଲ୍ଲାପାଳ ,ନୀଳଗିରି ମଧୁସ୍ମିତା ସାମନ୍ତରାୟ କାର୍ଯ୍ୟକ୍ରମର ଉଦ୍ ?ଘାଟନ କରିଥିଲେ। କାର୍ଯ୍ୟକ୍ରମର ଅଧ୍ୟକ୍ଷତା ଡି ସି ପି ଓ, ଖୁସିରାମ ଗାହିର୍ କରିଥିଲେ ଏବଂ ସେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସମ୍ପ୍ରତିକ ଶିଶୁ ସୁରକ୍ଷା ସମସ୍ୟାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାଣୀ ମହାନ୍ତି , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ବେହେରା , ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ , ଡାଲସା ପ୍ରତିନିଧି ନଟଗୋପାଳ ପଣ୍ଡା , ଜୁଭେନାଇଲ ଜଷ୍ଟିସ ବୋର୍ଡ ସଦସ୍ୟ ଯାଦବେଶ ମିଶ୍ର,ଗୋପମୁଦ୍ରା ମହାପାତ୍ର , ଅଧ୍ୟକ୍ଷା ,ବି ଡି ଏନ୍ ଏସ ପ୍ରମୁଖ ମଞ୍ଚାସିନ ଥିଲେ। ଏଥି ସହିତ ଚାଇଲ୍ଡ କେୟାର ସଂସ୍ଥାନ ଅଧିକାରୀ, ମିଡିଆ ଓ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ। ସେମାନଙ୍କର ଉପସ୍ଥିତି କର୍ମଶାଳାକୁ ଅଧିକ ସଫଳ କରିଥିଲା। ଜିଲ୍ଲାର ପ୍ରାୟ ୮୦ ଜଣ ପୋଲିସ କର୍ମଚାରୀ/ ଏସ ଜେ ପି ୟୁ ( ରାଜ୍ୟ ଯୁଭେନାଇଲ ପୋଲିସ ୟୁନିଟ) , ସି ଏଚ ଏଲ ( ଚାଇଲ୍ଡ ହେଲ୍ପ ଲାଇନ) କର୍ମଚାରୀ ଏବଂ ସି ସି ଆଇ କାର୍ଯ୍ୟକର୍ତ୍ତା ଏହି ତାଲିମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା ପୋସ୍କୋ, ଜୁଭେଲାଇଲ ଜଷ୍ଟିସ ଆଇନ, ପି ସି ଏମ ଏ ଆଇନ ଓ ଶିଶୁ ଶ୍ରମ ବିଷୟରେ ଆଇନଗତ ଶିକ୍ଷା ପ୍ରଦାନ କରିବା। ଶିଶୁ-ସମ୍ବେଦନଶୀଳ ପ୍ରକ୍ରିୟାର ଅବଲମ୍ବନ ଦୁର୍ବଳ ଶିଶୁମାନଙ୍କ ସୁରକ୍ଷା, ଯତ୍ନ ଓ ପ୍ରତିରକ୍ଷାରେ ଅନ୍ୟ ବିଭାଗ ମାନଙ୍କର ସମନ୍ୱୟ ବୃଦ୍ଧି । ଜିଲ୍ଲା ପ୍ରଶାସନର ପକ୍ଷରୁ ଏହି ପଦକ୍ଷେପ ଶିଶୁ ସୁରକ୍ଷା ପ୍ରତି ଦୃଢ଼ ପ୍ରତିବଦ୍ଧତାର ପ୍ରତୀକ। ସଚେତନତା, କ୍ଷମତା ବୃଦ୍ଧି ଓ ସମନ୍ୱୟ ମାଧ୍ୟମରେ ଜିଲ୍ଲାରେ ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ, ସଶକ୍ତ ଏବଂ ସୁସମ୍ବଳିତ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟ ରହିଛି।





# ମା' ତାରିଣୀଙ୍କ ମନ୍ଦିର ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ୍**




ଆସନ୍ତା ରବିବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁ ସ୍ଥିତ ମା' ତାରିଣୀଙ୍କ ପୀଠର ଉନ୍ନତିକରଣର ଭୂମିପୂଜନ ଏବଂ ଭିତ୍ତିପ୍ରସ୍ତ ସ୍ଥାପନ କରିବେ ବୋଲି ଜଣାପଡିଛି। ମିଳିଥିବା ସୂଚନାରୁ ପ୍ରକାଶ ଯେ, ୩୫୦ କୋଟି ଟଙ୍କା ବ୍ୟୟରେ ଏହି ମନ୍ଦିର ଉନ୍ନତିକରଣ ପ୍ରକଳ୍ପ ଭୂମିପୂଜନ ଉତ୍ସବରେ ସମସ୍ତ ବିଧାୟକ, ସାଂସଦ, ଜନପ୍ରତିନିଧିଙ୍କ ସହିତ ୩୦ ହଜାରରୁ ଉର୍ଦ୍ଧ୍ୱ ମା'ଙ୍କ ଭକ୍ତ ତଥା ଜନସାଧାରଣ ଉପସ୍ଥିତ ରହିବେ ବୋଲି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ସୂଚନା ଦେଇଛନ୍ତି। ଘଟଗାଁ ସ୍ଥିତ ହାଇସ୍କୁଲ ପଡିଆରେ ନିର୍ମିତ ଅସ୍ଥାୟୀ ହେଲିପେଡ୍‌ରେ ଅବତରଣ କରିବା ପରେ ବିଜୟ ସମ୍ବର୍ଦ୍ଧନା ମଟର ସାଇକେଲ ରାଲିରେ ମୁଖ୍ୟମନ୍ତ୍ରୀ ମା'ଙ୍କ ମନ୍ଦିର ପର୍ଯ୍ୟନ୍ତ ଯିବେ। ସେଠାରେ ମା'ଙ୍କ ଦର୍ଶନ ଏବଂ ପୂଜା ପରେ ଚଣ୍ଡୀ ପାଠ ହେବା ପରେ ପୂର୍ଣ୍ଣାହୂତିରେ ମୁଖ୍ୟମନ୍ତ୍ରୀ ସାମିଲ ହେବେ। ମହାରାଜ ଗୋବିନ୍ଦ ଭଞ୍ଜଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ପରେ ପ୍ରକଳ୍ପର ଭିତିପ୍ରସ୍ତ ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ। ସ୍ଥାନୀୟ ଘଟଗାଁ ମିନି ଷ୍ଟାଡିୟମ୍ ଠାରେ ଉପସ୍ଥିତ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେବେ ବୋଲି ଜିଲ୍ଲା ବିଜେପି ସଭାପତି କେନ୍ଦୁଝର ପ୍ରଦକ୍ଷଣ ଗୃହରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏ ଅବସରରେ ବିଜେପି ରାଜ୍ୟ ପ୍ରବକ୍ତା ବିରଜା ମିଶ୍ର, ନଗରପାଳ ନିକୁ ସାହୁ, ସାଂସଦ ପ୍ରତିନିଧି ହରିହର ମହାନ୍ତ, ନଗର ସଭାପତି ଅସିତନନ୍ଦନ ମହାନ୍ତି, ଦିଲୀପ ପଣ୍ଡା, ବିଶ୍ୱଜିତ ତ୍ରିପାଠୀ, ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ମା' ତାରିଣୀଙ୍କ ମନ୍ଦିରର ଏହି ଭବ୍ୟ କାର୍ଯ୍ୟକ୍ରମରେ ଜିଲ୍ଲାବାସୀଙ୍କ ଉପସ୍ଥିତି କାମନା କରିଛନ୍ତି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ।

# ଗଞ୍ଜାମରେ ଧନ୍ଦାମୂଳକ ଶିକ୍ଷା ଦିଗହରା: ୧୩ ଶିକ୍ଷାନୁଷ୍ଠାନରେ ୩୩୦ ସିଟ୍ ଖାଲି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଦିଗହରା ହୋଇପଡ଼ିଛି ଧନ୍ଦାମୂଳକ ଶିକ୍ଷା । ଏହି ଜିଲ୍ଲାରେ ଥିବା ୧୩ଟି ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଭିନ୍ନ ଟ୍ରେଡ୍‌ରେ ମୋଟ୍ ୫୭୬ଟି ସିଟ୍ ରହିଛି । ହେଲେ ସେଥିରୁ ୩୩୦ଟି ସିଟ୍ ଖାଲି ପଡ଼ିଛି । ଯାହା ମୋଟ୍ ସିଟ୍‌ର ୫୭ ପ୍ରତିଶତ । ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମସ୍ତ ସିଟ୍ ପୂରଣ କରିବା ତଥା ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଧନ୍ଦାମୂଳକ ପାଠ୍ୟକ୍ରମ ପ୍ରତି ଆକୃଷ୍ଟ କରିବା ଦିଗରେ କଲେଜ କର୍ତ୍ତୃପକ୍ଷ କିମ୍ବା ଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହେଉଛି । ଉଚ୍ଚ ମାଧ୍ୟମିକ ସ୍ତରରେ ଧନ୍ଦାମୂଳକ ପାଠ୍ୟକ୍ରମ ଉପଲବ୍ଧ କରାଇବା ପାଇଁ ରାଜ୍ୟର ବିଭିନ୍ନ ଯୁକ୍ତ ୨ କଲେଜ ତଥା କନିଷ୍ଠ ମହାବିଦ୍ୟାଳୟରେ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାଲୁଛି । ଏହି ଧନ୍ଦାମୂଳକ ଶିକ୍ଷାନୁଷ୍ଠାନରେ କୃଷି, ଗୋପାଳନ, ମତ୍ସ୍ୟପାଳନ, କୁକୁଡ଼ା ପାଳନ, ମେଡ଼ିକାଲ୍ ଲାବ୍ରୋଟାରୀ ଟେକ୍‌ନିସିଆନ୍, ଅଫିସ୍ ମ୍ୟାନେଜ୍‌ମେଣ୍ଟ, କ୍ୟାଟେରିଂ ଓ ରେଷ୍ଟୁରାଣ୍ଟ ମ୍ୟାନେଜ୍‌ମେଣ୍ଟ, ଟୁରିଜିମ୍ ଓ ହସ୍‌ପିଟାଲିଟି ମ୍ୟାନେଜମେଣ୍ଟ, ଟେକ୍ସଟାଇଲ୍ ଡିଜାଇନ୍, ବ୍ୟାଙ୍କିଂ ଓ ଫାଇନାନ୍ସ ଭଳି ଅନ୍ୟାନ୍ୟ ଟ୍ରେଡ୍ ରହିଛି । ମାଟ୍ରିକ୍ ପାସ୍ କରିବା ପରେ ଛାତ୍ରଛାତ୍ରୀ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମରେ ଯୁକ୍ତ ୨ ଶେଷ କରିବା ଭଳି ବିଷୟବସ୍ତୁ ରହିଛି । ଧନ୍ଦାମୂଳକ ଶିକ୍ଷା ଶେଷ କରିବା ପରେ ଛାତ୍ରଛାତ୍ରୀ ଚାକିରି ନତୁବା ନିଜସ୍ୱ ବ୍ୟବସାୟ ଆରମ୍ଭ କରିପାରିବେ ବୋଲି ଲକ୍ଷ୍ୟ ରଖାଯାଇଛି । ଗଞ୍ଜାମ ଜିଲ୍ଲାର ଆସିକା ବ୍ଲକ୍‌ରେ କେନ୍ଦୁପଦର ଓ ଆସିକା ଠାରେ ୨ଟି ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଥିବା ବେଳେ ଭଞ୍ଜନଗର ବ୍ଲକରେ ଗୋଟିଏ ଶିକ୍ଷାନୁଷ୍ଠାନ ରହିଛି । ସେହିପରି ବୁଗୁଡ଼ା, ଚିକିଟିର ନୂଆପଡ଼ା, ଦିଗପହଣ୍ଡି ଓ ଭୀଷ୍ମଗିରି, ଗଞ୍ଜାମ, ହିଞ୍ଜିଳିକାଟୁର ପୋଚିଲିମା, ଜଗନ୍ନାଥପ୍ରସାଦ, ଖଲ୍ଲିକୋଟ, ରଙ୍ଗେଇଲୁଣ୍ଡାର ଡୁରା ଓ ସୋରଡ଼ା ଠାରେ ଗୋଟିଏ ଲେଖାଏଁ ଧନ୍ଦାମୂଳକ ଶିକ୍ଷାନୁଷ୍ଠାନ ରହିଛି । ୨୦୨୫-୨୬ ଶିକ୍ଷା ବର୍ଷରେ ନାମଲେଖା ଶେଷ ହୋଇ ପାଠପଢ଼ା ଅଧା ହେଲାଣି । ହେଲେ ଆଜି ସୁଦ୍ଧା ଜିଲ୍ଲାର ସମସ୍ତ ଧନ୍ଦାମୂଳକ ଶିକ୍ଷାନୁଷ୍ଠାନରେ ସମସ୍ତ ସିଟ୍ ପୂରଣ ହୋଇପାରିନାହିଁ । ତେବେ ଦିଗପହଣ୍ଡିରେ ଥିବା ୨ଟି ଧନ୍ଦାମୂଳକ ଶିକ୍ଷାନୁଷ୍ଠାନରେ ୪୮ଟି ଲେଖାଏଁ ସିଟ୍‌ରେ କୃଷି, ଟୁରିଜିମ୍ ଓ କ୍ୟାଟେରିଂ ମ୍ୟାନେଜମେଣ୍ଟ ଭଳି ଟ୍ରେଡ୍ ରହିଥିବା ବେଳେ ସମସ୍ତ ସିଟ୍ ପୂରଣ ହୋଇଯାଇଛି । ହେଲେ ଜିଲ୍ଲାର ଅନ୍ୟ କୌଣସି ଶିକ୍ଷାନୁଷ୍ଠାନରେ ସିଟ୍ ପୂରଣ ହୋଇପାରିନାହିଁ । ସୋରଡ଼ାରେ ଥିବା ଧନ୍ଦାମୂଳକ ଶିକ୍ଷାନୁଷ୍ଠାନରେ ୪୮ଟି ସିଟ୍ ରହିଥିବା ବେଳେ ଗୋଟିଏ ମଧ୍ୟ ସିଟ୍ ପୂରଣ ହୋଇପାରିନାହିଁ । ଅନ୍ୟପକ୍ଷରେ ପୋଚିଲିମା ଓ ଡୁରାରେ ୪୮ ସିଟ୍ ଲେଖାଏଁ ସିଟ୍ ରହିଥିବା ବେଳେ ୪୦ଟି ଲେଖାଏଁ ସିଟ୍ ଖାଲି ରହିଛି । ସେହିପରି ଜଗନ୍ନାଥପ୍ରସାଦ ଓ ବୁଗୁଡ଼ାରେ ୩୮ଟି ସିଟ୍ ଖାଲି ରହିଥିବା ବେଳେ କେନ୍ଦୁପଦରରେ ୨୯, ନୂଆପଡ଼ାରେ ୨୨, ଗଞ୍ଜାମରେ ୨୭, ଖଲ୍ଲିକୋଟରେ ୩ଟି ସିଟ୍ ଖାଲିପଡ଼ିଛି । କେବଳ ଚଳିତ ବର୍ଷ ନୁହଁ ଗତ କିଛି ବର୍ଷ ହେବ ଜିଲ୍ଲାର ଧନ୍ଦାମୂଳକ ଶିକ୍ଷାନୁଷ୍ଠାନରେ ଥିବା ସମସ୍ତ ସିଟ୍ ପୂରଣ ହୋଇପାରୁନାହିଁ । ଏ ଦିଗରେ ଶିକ୍ଷା ବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ବରଗଡ଼ ଧନୁଯାତ୍ରା ନିମନ୍ତେ ୧ କୋଟି ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ ନିମନ୍ତେ ନିଷ୍ପତ୍ତି

# ଆମ ଗୌରବମୟ ସଂସ୍କୃତି ଓ ଐତିହ୍ୟର ଜୟଯାତ୍ରା ହେଉଛି ଧନୁଯାତ୍ରା: ସଂସ୍କୃତି ମନ୍ତ୍ରୀ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଧନୁଯାତ୍ରା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଡ଼ିସେମ୍ବର ୨୪ ତାରିଖରୁ ଜାନୁଆରୀ ୩, ୨୦୨୬ ରିଖ ପର୍ଯ୍ୟନ୍ତ ବରଗଡ଼ରେ ଧନୁଯାତ୍ରା ମହୋତ୍ସବର ଆୟୋଜନ କରାଯିବ। ଧନୁଯାତ୍ରା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯିବା ସହିତ ଧନୁଯାତ୍ରାରେ ଭାଗ ନେଉଥିବା ପ୍ରାୟତଃ ୨୦୦ ଜଣ କଳାକାରମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ସୂଚକ ରାଶି ପ୍ରଦାନ କରାଯିବ। (ପ୍ରତ୍ୟେକ କଳାକାରଙ୍କୁ ୧୦ ହଜାର ଟଙ୍କା ସମ୍ମାନସୂଚକ ରାଶି ପ୍ରଦାନ କରାଯିବ। ପ୍ରାୟତଃ ୨୦୦ଜଣ କଳାକାରମାନଙ୍କୁ ଏହି ସମ୍ମାନସୂଚକ ରାଶି ପ୍ରଦାନ କରାଯିବ।) ଏଥିସହିତ ଧନୁଯାତ୍ରାର ବ୍ୟାପକ ପ୍ରଚାର ଓ ପ୍ରସାର ନିମନ୍ତେ ଏଲ.ଇ.ଡ଼ି ପରଦା ମାଧ୍ୟମରେ ଧନୁଯାତ୍ରାର ସିଧା ପ୍ରସାରଣ କରାଯିବ। ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଓଡ଼ିଶା ବାହାରର ବିଭିନ୍ନ ରାଜ୍ୟରେ ମଧ୍ୟ ଏଲ.ଇ.ଡ଼ି ପରଦା ମାଧ୍ୟମରେ ଧନୁଯାତ୍ରାର ସିଧାପ୍ରସାରଣ କରାଯିବ। ବରଗଡ଼ ସହରର ମୁଖ୍ୟ ପ୍ରବେଶ ଦ୍ୱାରମାନଙ୍କରେ ଧନୁଯାତ୍ରା ଥିମ୍ ସମ୍ବନ୍ଧୀୟ ଗେଟ୍ ନିର୍ମାଣ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଧନୁଯାତ୍ରା ସମୟରେ ପୁରୀ ଏବଂ ଭୁବନେଶ୍ୱରରୁ ବରଗଡ଼ ଅଭିମୁଖେ ସ୍ୱତନ୍ତ୍ର ଟୁରିଷ୍ଟ ବସ୍ ଚଳାଇବା ନିମନ୍ତେ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଧନୁଯାତ୍ରା ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ୱେବ୍‌ସାଇଟ୍ ମଧ୍ୟ କରାଯିବ ଯେଉଁଥିରେ ଧନୁଯାତ୍ରାର ଚିତ୍ରାୟନ, ସମସ୍ତ ଦୃଶ୍ୟାବଳୀ, ସହରରେ ଥିବା ପ୍ରମୁଖ ହୋଟେଲ, ପାର୍କିଂ ସ୍ଥାନ, ମହୋତ୍ସବ ସ୍ଥାନ ସମ୍ବନ୍ଧୀୟ ବିବରଣୀ ଏବଂ ଜିପିଏସ୍ ସିଷ୍ଟମ୍‌କୁ ମଧ୍ୟ ସ୍ଥାନିତ କରାଯିବ ଯାହାଦ୍ୱାରା କି ସମସ୍ତ ଜନସାଧାରଣମାନେ ଅତି ସହଜରେ ସମସ୍ତ ତଥ୍ୟ ପାଇପାରିବେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଧନୁଯାତ୍ରା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ୱେବ୍‌ସାଇଟ୍‌ରେ ଏକ ଡିଜିଟାଲ୍ କୁଇଜ୍ ଅନୁଷ୍ଠିତ କରାଯାଇ ଡିଜିଟାଲ୍ ପ୍ରମାଣପତ୍ର ପ୍ରଦାନ କରାଯିବାର ମଧ୍ୟ ବ୍ୟବସ୍ଥା ରହିବ। ଧନୁଯାତ୍ରାର ସଫଳ ଆୟୋଜନ ନିମନ୍ତେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଯଥା ସୁରକ୍ଷା, ଅଗ୍ନିଶମ, ସ୍ୱଚ୍ଛତା, ଆଶୁ ଚିକିତ୍ସା ଏବଂ ସମସ୍ତ ପ୍ରଶାସନିକ ବନ୍ଦୋବସ୍ତକୁ ସୁନିଶ୍ଚିତ କରିବା ନିମନ୍ତେ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ଆମ ଗୌରବମୟ ସଂସ୍କୃତି ଓ ଐତିହ୍ୟର ଜୟଯାତ୍ରା ହେଉଛି ଧନୁଯାତ୍ରା। ଏହି ସମୟରେ ବରଗଡ଼ ସହରକୁ ମଥୁରା ନଗରୀ, ଅମ୍ବାପାଲି ଅଞ୍ଚଳକୁ ଗୋପପୁର, ଜୀରା ନଦୀକୁ ଯମୁନା ନଦୀର ନାମରେ ନାମିତ କରାଯାଏ। ଧନୁଯାତ୍ରା ମହୋତ୍ସବକୁ ଚଳିତ ଥର ଦିବ୍ୟ, ଭବ୍ୟ ଓ ଆଡ଼ମ୍ବରର ସହ ପାଳନ କରାଯିବ ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ। ବୈଠକରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଜେପୁର ବିଧାୟକ ସନତ କୁମାର ଗର୍ତିଆ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ପଦ୍ମପୁର ବିଧାୟକ ବର୍ଷା ସିଂ ବରିହା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ମାର୍ଟଇଣ୍ଡିଆ ହ୍ୟାକାଥନ୍-୨୦୨୫ ଗ୍ରାଣ୍ଡ ଫିନାଲି (ହାର୍ଡୱେର ଏଡିସନ) ପାଇଁ

# ଜିଆଇଇଟି ବିଶ୍ୱବିଦ୍ୟାଳୟ ନୋଡାଲ ସେଣ୍ଟର ଭାବେ ମନୋନୀତ

**ଗୁଣପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟକୁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ଇନୋଭେସନ୍ ସେଲ୍, ଏଆଇସିଟିଇ, ନୂଆଦିଲ୍ଲୀ, ଓଡ଼ିଶା ସରକାର ଏବଂ ଖଣିଜ ମନ୍ତ୍ରାଳୟଙ୍କ ମିଳିତରେ ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ୍-




୨୦୨୫ ଗ୍ରାଣ୍ଡ ଫିନାଲି (ହାର୍ଡୱେର ଏଡିସନ) ନିମନ୍ତେ ନୋଡାଲ ସେଣ୍ଟର ଭାବେ ମନୋନୀତ କରାଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କୁଳପତି ଡଏଭିଏନ୍ଏଲ୍ ଶର୍ମା ସୂଚନା ଦେଇଛନ୍ତି। ଏହି ହ୍ୟାକାଥନର ଗ୍ରାଣ୍ଡ ଫିନାଲି (ହାର୍ଡୱେର ଏଡିସନ) ଦେଶର ବିଭିନ୍ନ ପ୍ରଦେଶ ଯଥା- ଓଡ଼ିଶା, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା ଏବଂ ହରିୟାଣା ପ୍ରମୁଖ ସ୍ଥାନରୁ ୨୦ ଗୋଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଗୋଟିଏ ଦଳରେ ୬ଜଣ ପ୍ରତିଯୋଗୀ ରହିଥିବା ବେଳେ ୨ ଜଣ ମେଣ୍ଟର ଭାବେ ଯୋଗଦେବେ। ଏହି ଦଳମାନେ ନୂତନ ଚିନ୍ତାଧାରା ସହ ସମାଜରେ ବର୍ତ୍ତମାନ ଉପୁଜିଥିବା ବିଭିନ୍ନ ସମସ୍ୟାର ସମାଧାନର ଉପାୟ ବାହାର କରିବେ। ଆସନ୍ତା ୮ ଡିସେମ୍ବର ଏହି ଗ୍ରାଣ୍ଡ ଫିନାଲି (ହାର୍ଡୱେର ଏଡିସନ୍)ର ଶୁଭ ଉଦ୍‌ଘାଟନ ହେବ ଏବଂ ଏହା ୧୨ ଡିସେମ୍ବର ପର୍ଯ୍ୟନ୍ତ ଚାଲୁରହିବ। ଏହି ସମ୍ମିଳନୀରେ ପରୀକ୍ଷା ନିୟନ୍ତ୍ରକ ଡ. ପି ବିଜୟ କୁମାର ଯୋଗଦେଇ ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ୍ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଏସ୍‌ପି ଓ ପି ଡଃ. ରାଘବେନ୍ଦ୍ର କୁମାର ପରିଚାଳନା କରିଥିଲେ।




# ଜୀବ ସୁରକ୍ଷାର ଦାୟିତ୍ୱବାନ ବାୟୋପ୍ରଯୁକ୍ତି ଗବେଷଣା ସମ୍ପର୍କିତ ବ୍ୟାଖ୍ୟାନ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ବାୟୋପ୍ରଯୁକ୍ତି ବିଭାଗ ଦ୍ୱାରା ଗବେଷଣାକାରୀ ଛାତ୍ରଛାତ୍ରୀମାନଙ୍କୁ ଜୀବସୁରକ୍ଷା ନିୟମାବଳୀ ଅନୁଯାୟୀ ଦାୟିତ୍ୱବାନ ଓ ସୁରକ୍ଷିତ ଗବେଷଣା ପ୍ରତି ଜାଗ୍ରତ କରିବା ଉଦ୍ଦେଶ୍ୟରେ ଏକ ବିଶେଷ ବ୍ୟାଖ୍ୟାନ ଆୟୋଜିତ ହୋଇଯାଇଛି। ଏହା ଭାରତ ସରକାରଙ୍କ ବାୟୋପ୍ରଯୁକ୍ତି ବିଭାଗ ଅଧୀନରେ ଗଠିତ ସଂସ୍ଥାଗତ ଜୀବସୁରକ୍ଷା ସମିତିର ନିୟମାବଳୀକୁ ଧ୍ୟାନରେ ରଖି କରାଯାଇଥିଲା। ବାୟୋପ୍ରଯୁକ୍ତି ଭିତ୍ତିକ ଗବେଷଣା କାର୍ଯ୍ୟ କରୁଥିବା ପ୍ରତ୍ୟେକ ଶିକ୍ଷା ଓ ଗବେଷଣା ସଂସ୍ଥାରେ ସଂସ୍ଥାଗତ ଜୀବସୁରକ୍ଷା ସମିତି ଗଠନକୁ ବାଧ୍ୟତାମୂଳକ କରାଯାଇଛି। ଏହି ସମିତି ଜୀବଜଗତର ପ୍ରକୃତିକରଣ ସହିତ ସମସ୍ତ ପ୍ରକାରର ସୁରକ୍ଷା-ସମ୍ପର୍କିତ ପରୀକ୍ଷଣକୁ ନିର୍ଦ୍ଦେଶିତ କରେ ଏବଂ ଗବେଷଣାରେ ସଠିକ୍ ନୀତି ଓ ନିୟମ ପାଳନକୁ ନିଶ୍ଚିତ କରିଥାଏ। ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଥମ ସଂସ୍ଥାଗତ ଜୀବସୁରକ୍ଷା ସମିତି ସଭାରେ ଗବେଷଣାକାରୀ ମାନଙ୍କ ପାଇଁ ଜୀବସୁରକ୍ଷା ନିୟମାବଳୀ ଉପରେ ଏକ ପରିଚୟାତ୍ମକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱ ଓ ପରାମର୍ଶରେ ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଅତିଥି ଭାବେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ମର୍ଯ୍ୟାଦାନ୍ୱିତ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ସ୍ଥିତ ଜୀବବିଜ୍ଞାନ ଅନୁଷ୍ଠାନର ପ୍ରତିଷ୍ଠିତ ଗବେଷକ ଡକ୍ଟର ଶୁଭୋବ୍ରତ ମଜୁମଦାର ମୁଖ୍ୟ ଅଭିଭାଷକ ଭାବେ ବିଶେଷ ବ୍ୟାଖ୍ୟାନ ପ୍ରଦାନ କରିଥିଲେ। ସେ ଜୀବସୁରକ୍ଷା ସମିତିମାନଙ୍କ ଭୂମିକା, ଗବେଷଣା ପ୍ରସ୍ତାବ ପରୀକ୍ଷା, ଗବେଷଣାରତ ସୁରକ୍ଷା ନିୟମ ପାଳନ ଓ ନୀତିଗତ ବୈଜ୍ଞାନିକ ଅଭ୍ୟାସକୁ ସୁନିଶ୍ଚିତ କରିବା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ବିଭାଗ ଅଧ୍ୟକ୍ଷ ଡକ୍ଟର ଭରତ ଭୂଷଣ ପଟ୍ଟନାୟକ ଅତିଥି ଓ ଉପସ୍ଥିତିଙ୍କୁ ସ୍ୱାଗତ କରି ଆଧୁନିକ ଗବେଷଣା କ୍ଷେତ୍ରରେ ଜୀବସୁରକ୍ଷା ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମର ସଞ୍ଚାଳନା ସହକାରୀ ଅଧ୍ୟାପିକା ପୁନମ୍ କୁମାରୀ କରିଥିଲେ। ସହକାରୀ ଅଧ୍ୟାପିକା ଶୁଭଶ୍ରୀ ମହାଳିକ କୃତଜ୍ଞତା ଜଣାଇଥିଲେ।

# ଘରୋଇ ବିଶ୍ୱ ବିଦ୍ୟାଳୟରେ ଛାତ୍ରଙ୍କ ମୃତ୍ୟୁ: ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ



**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବାରଙ୍ଗ ଥାନା ଅନ୍ତର୍ଗତ ନରାଜ ସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟ ପରିସରରେ ଜଣେ ଛାତ୍ରଙ୍କ ମୃତ୍ୟୁ ନେଇ ପରିବାର ପକ୍ଷରୁ ଆଣିଲେ ହତ୍ୟା ଅଭିଯୋଗ। ଘଟଣାରୁ ପ୍ରକାଶ ଯେ ବାଲେଶ୍ୱର ଖଇରା ଥାନା ଅନ୍ତର୍ଗତ ବେରାଯୋଡି ଗ୍ରାମର ହେମନ୍ତ କୁମାର ବେଦାନ୍ତଙ୍କ ପୁତ୍ର ମୃତ୍ୟୁଞ୍ଜୟ ବେଦାନ୍ତ (୨୨) ନରାଜ ସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟର ପରିସରରେ ରହି ଏମ୍‌ବିଏ ପାଠ୍ୟକ୍ରମର ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ପ୍ରତ୍ୟେକ ଦିନ ପରି ମୃତ୍ୟୁଞ୍ଜୟ ଗୁରୁବାର ଦିନ ପାଠପଢ଼ା ପରେ ହଷ୍ଟେଲ୍‌କୁ ଯାଇଥିଲେ। କୌଣସି କାରଣ ବଶତଃ ବିଳମ୍ବିତ ରାତିରେ ମୃତ୍ୟୁଞ୍ଜୟଙ୍କ ଶରୀର ଅସୁସ୍ଥ ହେବାରୁ ସାଙ୍ଗସାଥି ତୁରନ୍ତ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ୍ୟୁଞ୍ଜୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ସୂଚନାପାଇ ପରିବାର ଲୋକେ ପହଞ୍ଚିବା ପରେ ପୁଅର ମୃତ୍ୟୁକୁ ନେଇ ସନ୍ଦେହ କରିବା ସହିତ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ମୃତ୍ୟୁଞ୍ଜୟଙ୍କ ବାପା ହେମନ୍ତ କୁମାର ବେଦାନ୍ତ। ପୋଲିସ ଏ ଦିଗରେ ତଦନ୍ତ ଜାରି ରଖିଛି।

# ଓଟିଏମ୍ କଲୋନୀ ପରିଦର୍ଶନ କଲେ ଟେକ୍ସଟାଇଲ ବିଭାଗ ଟିମ୍



**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ବର୍ଷ ଧରି ବନ୍ଦ ପଡିଥିବା ଚୌଦ୍ୱାର ସ୍ଥିତ ଓଟିଏମ୍ ମିଲର କଲୋନୀରେ ବସବାସ କରୁଥିବା ଶ୍ରମିକ ଓ କର୍ମଚାରୀ ମାନଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କରାଯାଇଛି ବୋଲି କଲୋନୀବାସୀଙ୍କ ତରଫରୁ ଦୀର୍ଘଦିନ ହେଲା ଅଭିଯୋଗ ହୋଇ ଆସୁଛି । ସ୍ଥାନୀୟ ପୌର ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଉନଥିବା ଓ ଏଥିପାଇଁ କଲୋନୀରେ ରହୁଥିବା ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ପିଲା ଛୁଆଙ୍କୁ ଧରି ଯାତନା ଭିତରେ କାଳାତିପାତ କରୁଥିବା ନେଇ ବିଭିନ୍ନ ସରକାରୀ ବିଭାଗକୁ ଅବଗତ କରାଇଆସୁଛନ୍ତି । ମୌଳିକ ସୁବିଧା ଦାବିରେ କଲୋନୀ ବାସୀ ବିଭିନ୍ନ ସମୟରେ ଆନ୍ଦୋଳନ, ଧାରଣା ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ ମଧ୍ୟ କରିଆସୁଛନ୍ତି । ଗତ ୨୮ ତାରିଖରେ କଲୋନୀର ରବିନାରାୟଣ ରାଉତ କଲୋନୀର ରାସ୍ତା ଓ ଡ୍ରେନ୍ ମରାମତି ସହିତ ମୌଳିକ ସୁବିଧା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପୋର୍ଟାଲ୍‌ରେ ନିବେଦନ କରିଥିଲେ । ଫଳରେ ଶୁକ୍ରବାର କଟକ ଟେକ୍ସଟାଇଲ୍ ବିଭାଗର ଡେପୁଟି ମ୍ୟାନେଜର ଗୋଲାପି ଗୋପାଳ ମୁର୍ମୁଙ୍କ ସମେତ କିଛି ବିଭିଗୀୟ ଅଧିକାରୀ କଲୋନୀ ଅଞ୍ଚଳ ଗସ୍ତକରି କଲୋନୀ ପରିବେଶ ପରିଦର୍ଶନ କରିବା ସହିତ ଲୋକମାନଙ୍କ ସହିତ ଆଲୋଚନା କରି ସରକାରଙ୍କୁ ଏ ବିଷୟରେ ଅବଗତ କରାଇବା ପାଇଁ ପ୍ରତିଶୃତି ଦେଇଥିବା ଜଣାପଡିଛି। ଉକ୍ତ ଗସ୍ତରେ ବିଜୟ କୁମାର ନାୟକ, ଟେକ୍ସଟାଇଲ୍ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ବାରିକଙ୍କ ସମେତ ୱାର୍ଡବାସୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟଯେ ଗତ କିଛି ବର୍ଷ ତଳେ ଇଡ଼କୋ ତରଫରୁ ଓଟିଏମ୍ ଜମି ଅଧିଗ୍ରହଣ କରାଯିବ ସହିତ ୱେଲ୍‌ସ୍ପନ ନାମକ ଏକ କମ୍ପାନୀ ଓଟିଏମ୍ ଜାଗାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଶିଳାନ୍ୟାସ କରିଛି । ଓଟିଏମ୍‌ର ଜମି ଉଡକୋ ଅଧିନରେ ଥିବାରୁ ଏଠାରେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରାଯାଇ ପାରିବନାହିଁ ବୋଲି ସରକାରୀ ଲଗାମ୍ ଲାଗିଥିବା ପୌର କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି ।





# ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼

**ଦରଖାସ୍ତ ଆହ୍ୱାନ**

**ବିଜ୍ଞପ୍ତି ସଂଖ୍ୟା. ୫୫୯୩ ତା.୦୪.୧୨.୨୦୨୫**

ବରଗଡ଼ ଧନୁଯାତ୍ରା ନିମନ୍ତେ ଜର୍ଜ ହାଇସ୍କୁଲ ପଡ଼ିଆ ଓ ବରଗଡ଼ ଆର.ଏମ.ସି. ଅଫିସ ପ୍ରାଙ୍ଗଣ ଠାରେ ମୀନାବଜାର, ଦୋଳି, ଝୁଲା ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ଇତ୍ୟାଦି ପାଇଁ ଉପଯୋଗୀ କେବିନ/ଖାଲି ଜାଗା ଓ ପଡିଆ ଗୁଡିକ ନିର୍ଦ୍ଦିଷ୍ଟ ସର୍ତ୍ତ ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସର୍ତ୍ତାବଳୀ ସହ ଯୋଗେଇ ଦିଆଯିବ ।

ଉପ-ଜିଲ୍ଲାପାଳ, ବରଗଡ଼ଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ (ସକାଳ ୧୧ ଘଟିକାରୁ ଅପରାହ୍ନ ୪ ଘଟିକା ସୁଦ୍ଧା) ତା. ୦୫.୧୨.୨୦୨୫ ଠାରୁ ତା.୧୨.୧୨.୨୦୨୫ (ଛୁଟିଦିନ ବ୍ୟତୀତ) ଅସ୍ଥାୟୀ କେବିନ ଦୋକାନ ଓ ଖାଲି ଜାଗା ପାଇଁ ଟ. ୧୦୦.୦୦ (ଏକ ଶହ ଟଙ୍କା ମାତ୍ର) ବିନିମୟରେ ଆବଶ୍ୟକୀୟ ଫର୍ମ ଯୋଗେଇ ଦିଆଯିବ । ଇଚ୍ଛୁକ ବ୍ୟକ୍ତିମାନେ ସଂପୃକ୍ତ ସ୍ଥାନ ମାନଙ୍କର ପ୍ରସ୍ତୁତ ନକ୍ସା, ପ୍ଲାନ ଏବଂ ସର୍ତ୍ତାବଳୀ ଉପ-ଜିଲ୍ଲାପାଳ, ବରଗଡ଼ଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଦେଖିପାରିବେ ।

ଉପଲବଧ କେବିନ, ଝୁଲା ଏବଂ ଖାଲି ଜାଗା ଲଟେରୀ ମାଧ୍ୟମରେ ଆବଣ୍ଟିତ ହେବ । ଖାଲିଜାଗା ତଥା ଅସ୍ଥାୟୀ କେବିନ ଦୋକାନ ପାଇଁ ଆସନ୍ତା ତା. ୧୨.୧୨.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ସମୟରେ ପ୍ରକ୍ରିୟା ଶେଷ ହେବ ।

ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଯେ କୌଣସି ପକ୍ଷଙ୍କ ଆବେଦନକୁ ରଦ୍ଦ କରିବାର କ୍ଷମତା ଅଧିକାରୀଙ୍କର ରହିଅଛି । ସବିଶେଷ ବିବରଣୀ ଜିଲ୍ଲା Website-http://bargarh.odisha.gov.inରେ ମଧ୍ୟ ଉପଲବ୍ଧ ହେବ ।

ପ୍ରସନ୍ନ କୁମାର ପାଣ୍ଡେ
ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼


# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୭।୧୨।୨୦୨୫, ମାର୍ଗଶିର ଦି୨୨ନ, ରବିବାର**

**ସୂର୍ଯ୍ୟୋଦୟ- ଘ୬।୦୮।୪୫ ଚନ୍ଦ୍ରୋଦୟ- ରାଘ୭।୪୧।୧୧**

**ତୃତୀୟା-** ସଂଘ୬।୨୫ପର୍ଯ୍ୟନ୍ତ । **ଆର୍ଦ୍ରା ନକ୍ଷତ୍ର-** ଗତେ ପୁନର୍ବସୁ କ୍ଷୟ। **ମିଥୁନ ଚନ୍ଦ୍ର-** ରାଘ ୧୦।୩୯ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର। ରାଘ ୧୦।୩୯ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** କନ୍ୟା ରାଶିର। ରାଘ ୧୦।୩୯ ମଧ୍ୟେ। **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଟଳ ସଂଘ ୬।୨୫ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୬ ଗତେ ଦିଘ ୯।୦୬ ମଧ୍ୟେ । ଦିଘ ୧୨।୫୯ ଗତେ ଘ ୨।୫୩ ମଧ୍ୟେ। **ପର୍ବୋତ୍ସବ-** ଦାଣ୍ଡ ପହଁରା ବାଟଓଷା।



**ମେଷ:** କର୍ମକ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ। ପରୋପକାର କରି ଆନନ୍ଦିତ ହେବେ। ଆର୍ଥିକ ସ୍ଥିତି ମଧ୍ୟମ ଧରଣର ହେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା।



**ବୃଷ:** ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇପାରନ୍ତି। ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଶାନ୍ତିର ବାତାବରଣ ରହିବାର ସୂଚନା।



**ମିଥୁନ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ। ଶରୀର ସୁସ୍ଥ ରହିବ। ଆୟର ପରିମାଣ ବଢ଼ିବ। ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।



**କର୍କଟ:** ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିପାରିବେ। ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ। ସତ କଥା କହି ବିରୋଧି ହେବେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ବଢ଼ିବ। ଘରେ କଳହ ଓ ଅଶାନ୍ତି ଦେଖାଦେବ।



**ସିଂହ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଶୁଭ କର୍ମ ପରିପାରନ୍ତି। ରୋଜଗାର ସ୍ଥିର ରହିବ। ମାଲିମୋକଦ୍ଦମା କ୍ଷେତ୍ରରେ ସୁଫଳ ପାଇବେ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଦେଖାଦେବ ।



**କନ୍ୟା:** ଆଜି ଆପଣଙ୍କର ଦିନଟି ଭଲରେ କଟିବନାହିଁ। ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ। ବ୍ୟୟର ମାତ୍ରା ବଢ଼ିବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବାର ସୂଚନା ।



**ତୁଳା:** ଶତ୍ରୁ ନାଶ ହେବେ। ବ୍ୟବସାୟରେ ମଧ୍ୟମ ଧରଣର ଫଳ ପାଇବେ। ଆୟ ଓ ବ୍ୟୟ ସମାନ ରହିବ। ଘରେ ସୁଖ ଶାନ୍ତି ବଜାୟ ରହିବ। ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ। ଦେହ ଭଲ ରହିବ ।



**ବିଛା:** ଐଶ୍ୱର୍ଯ୍ୟ ପ୍ରାପ୍ତି ହେବ। ଦୁଃସାଧ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ରୋଜଗାର ମଧ୍ୟମ ଧରଣର ହେବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ନୂତନ ବନ୍ଧୁ ଦର୍ଶନର ସୁଯୋଗ ସୃଷ୍ଟି ହୋଇପାରେ ।



**ଧନୁ:** ଦେବ ଦର୍ଶନ ସହିତ ଭ୍ରମଣ ଯୋଗ ମଧ୍ୟ ରହିଛି। ବିବାଦୀୟ ଘଟଣାରେ ବିଜୟୀ ହେବେ। ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ଆୟ ସ୍ଥିର ରହିବ। ପାରିବାରିକ ଜୀବନ ସୁଖମୟ ହେବ ।



**ମକର:** ଦୂରଯାତ୍ରା କରି ସଫଳତା ହାସଲ କରିବେ। ବ୍ୟବସାୟରେ ଲାଭବାନ୍ ହେବେ। ଶରୀର ସୁସ୍ଥ ରହିବ। ପାରିବାରିକ ସୁଖ ସମୃଦ୍ଧି ବଢ଼ିବ। ଆୟ ଓ ବ୍ୟୟ ସମାନ ରହିବ। ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ପାଇ ଖୁସି ହେବେ। ପିଲାମାନେ ପଢ଼ାପଢ଼ିରେ ମନ ଦେବେ। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ରୋଜଗାର ଭଲ ହେବ। ଘରେ ଶାନ୍ତି ଲାଭ।



**ମୀନ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଦେଖାଦେଇପାରେ। ଖର୍ଚ୍ଚର ପରିମାଣ ବଢ଼ିବ। କୁ-ଭୋଜନ କରି ଉଦର ପୀଡ଼ା ହୋଇପାରେ। ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ ।

# ପୂର୍ବତନ ଅଧ୍ୟକ୍ଷାଙ୍କ ଘର ଉପରକୁ ବୋମା ମାଡ଼

**ସାଲେପୁର, ନ୍ୟୁଜ୍**

କଟକ ଜିଲ୍ଲା ସାଲେପୁରର ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ରାଉତଙ୍କ ଜଗତପୁର ଥାନା ଅତୋଡ଼ା ଗ୍ରାମ ସ୍ଥିତ ଘର ଉପରକୁ ବୋମା ମାଡ଼ ହୋଇଛି । ସୂଚନା ଅନୁଯାଇ ଶୁକ୍ରବାର ରାତିରେ ଛଅ ଜଣ ମୁଖା ପିନ୍ଧା ଯୁବକ ବାଇକ୍ ଯୋଗେ ଆସି ତାଙ୍କ ଘର ଉପରକୁ ଓ ତାଙ୍କର ଟ୍ରାକ୍ଟର ଉପରକୁ ବୋମାମାଡ଼ କରିଥିଲେ। ଏଥିରେ ନିକଟରେ ଥିବା ଦୁଇଜଣ ମହିଳା ଆହତ ହୋଇଥିଲେ । ଖବରପାଇ ଜଗତପୁର ଥାନା ଓ ପାଗା ଫାଣ୍ଡି ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି । ବୋମା ମାଡ଼ ଘଟଣା ପୂର୍ବ ଶତ୍ରୁତା କାରଣରୁ ଘଟିଛି ବୋଲି କୁହାଯାଉଛି । ପୋଲିସ ଅନୁସନ୍ଧାନ ଜାରି ରଖିଛି ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୮।୧୨।୨୦୨୫, ମାର୍ଗଶିର ଦି୨୩ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬।୦୯।୨୩ ଚନ୍ଦ୍ରୋଦୟ- ରାଘ୮।୪୬।୦୬**

**ଚତୁର୍ଥୀ-** ଦିଘ୪।୦୪ପର୍ଯ୍ୟନ୍ତ । **ପୁଷ୍ୟା ନକ୍ଷତ୍ର-** ରାଘ ୨।୫୪ ପର୍ଯ୍ୟନ୍ତ। **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୪।୦୪ ଗତେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୩ ଗତେ ଦିଘ ୭।୩୫ ମଧ୍ୟେ । ଦିଘ ୯।୦୭ ଗତେ ଘ ୧୧।୧୬ ମଧ୍ୟେ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ବିଶ୍ୱର ଶକ୍ତିଶାଳୀ ନେତା ସ୍ମାର୍ଟଫୋନ୍ ବ୍ୟବହାର କରନ୍ତି ନାହିଁ

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ବିଶ୍ୱର ଶକ୍ତିଶାଳୀ ନେତାଙ୍କ ମଧ୍ୟରୁ ଜଣେ ଯାହାଙ୍କ ସୁରକ୍ଷାରେ ବି ଟେକ୍ନୋଲଜି ବ୍ୟବହାର କରାଯାଏ। ଖାଦ୍ୟ, ପାନୀୟରେ ସ୍ୱତନ୍ତ୍ର ଜିନିଷ ପ୍ରସ୍ତୁତ ହୁଏ। କିନ୍ତୁ ପାଖରେ ମୋବାଇଲ୍ ନାହିଁ। ଭ୍ଲାଦିମିର ପୁଟିନ ସ୍ମାର୍ଟଫୋନ୍ ବ୍ୟବହାର କରନ୍ତି ନାହିଁ କାହିଁକି ? ପୁଟିନ ହେଉଛନ୍ତି ବିଶ୍ୱର କିଛି ନେତାଙ୍କ ମଧ୍ୟରୁ ଜଣେ ଯେଉଁମାନେ ମୋବାଇଲ୍ ଫୋନ୍ ବ୍ୟବହାର ଠାରୁ ଦୂରରେ ରହନ୍ତି । ଅନ୍ୟ ଦେଶର ନେତାଙ୍କ ପାଖରେ ବ୍ୟକ୍ତିଗତ ଫୋନ ଥିବାବେଳେ କାହିଁକି ପୁଟିନ ତାଙ୍କ ଫୋନ୍ ବ୍ୟବହାର କରନ୍ତି ନାହିଁ। ଏଥିପ୍ରତି ରହିଛି ସମସ୍ତଙ୍କର ଆଗ୍ରହ। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଦୁଇ ଦିନିଆ ଭାରତ ଗସ୍ତରେ ଅଛନ୍ତି। ଏହି ଗସ୍ତ ଉଭୟ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଏଏଫପି ନ୍ୟୁଜ୍ ଅନୁଯାୟୀ, ପ୍ରତ୍ୟେକ ସମୟରେ ବିପଦର ସମ୍ମୁଖୀନ ହେଉଥିବା ରୁଷ ରାଷ୍ଟ୍ରପତିଙ୍କ ପାଖରେ ସ୍ମାର୍ଟଫୋନ ନାହିଁ। ୨୦୧୮ ମସିହାରେ ବୈଜ୍ଞାନିକମାନଙ୍କ ସହ ଏକ ବୈଠକରେ, କୁର୍ଚାଟୋଭ୍ ନ୍ୟୁକ୍ଲିୟର ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ମୁଖ୍ୟ ମିଖାଏଲ୍ କୋଭାଲଚୁକ୍ କହିଥିଲେ ଯେ, ସମସ୍ତଙ୍କ ପକେଟରେ ସ୍ମାର୍ଟଫୋନ୍ ଅଛି। ପୁଟିନ୍ ଉତ୍ତର ଦେଇଥିଲେ, ଆପଣ କହୁଛନ୍ତି ସମସ୍ତଙ୍କ ପାଖରେ ସ୍ମାର୍ଟଫୋନ୍ ଅଛି, କିନ୍ତୁ ମୋ ପାଖରେ ନାହିଁ। ଏକ ରୁଷିଆନ୍ ନ୍ୟୁଜ୍ ଚ୍ୟାନେଲ୍ ସହିତ ଏକ ସାକ୍ଷାତକାରରେ, କ୍ରେମଲିନ୍ ମୁଖପାତ୍ର ଡିମିତ୍ରୀ ପେସ୍କୋଭ୍ ନିଶ୍ଚିତ କରିଥିଲେ, ଯେତିକି ମୁଁ ଜାଣେ, ପୁଟିନଙ୍କ ପାଖରେ ଫୋନ୍ ନାହିଁ। ସେ କହିଥିଲେ, ସ୍ମାର୍ଟଫୋନ୍ ବ୍ୟବହାର କରିବା ଜଣଙ୍କର ଗୋପନୀୟତା ଓ ସୁରକ୍ଷାକୁ ବିପଦରେ ପକାଇଥାଏ । ଏହା ବିଶେଷକରି ଯେକୌଣସି ଉଚ୍ଚ-ପ୍ରୋଫାଇଲ୍ ନେତାଙ୍କ ପାଇଁ ଏକ ଗମ୍ଭୀର ବିପଦ। ପୁଟିନ୍ ଥରେ ରୁଷିଆନ୍ ନ୍ୟୁଜ୍ ଏଜେନ୍ସିକୁ କହିଥିଲେ ଯେ କ୍ରେମଲିନ୍ ଭିତରେ ମୋବାଇଲ୍ ଫୋନ୍ ସମ୍ପୂର୍ଣ୍ଣ ନିଷେଧ। କ୍ରେମଲିନ୍ ହେଉଛି ସରକାରଙ୍କ ମୁଖ୍ୟ ଆସନ ଏବଂ ରାଷ୍ଟ୍ରପତି ପୁଟିନଙ୍କ ବାସଭବନ। ଯଦି ପୁଟିନଙ୍କୁ କାହା ସହିତ କଥା ହେବାକୁ ପଡ଼ିବ, ତେବେ ସେ ସରକାରୀ ଫୋନ୍ ଲାଇନ୍ ବ୍ୟବହାର କରନ୍ତି। ୨୦୧୭ ମସିହାରେ, ସ୍କୁଲ ପିଲାମାନଙ୍କ ସହିତ କଥାବାର୍ତ୍ତା ସମୟରେ, ପୁଟିନ କହିଥିଲେ ଯେ ସେ ବହୁତ କମ୍ ଇଣ୍ଟରନେଟ୍ ବ୍ୟବହାର କରନ୍ତି। ସେ ଇଣ୍ଟରନେଟ୍‌କୁ ସମାଲୋଚନା କରି ଏହାକୁ CIAର ଏକ ସ୍ୱତନ୍ତ୍ର ପ୍ରକଳ୍ପ ବୋଲି କହିଥିଲେ। ମୋବାଇଲ ଫୋନ ପରି ଡିଭାଇସ୍ କିମ୍ବା ଇଣ୍ଟରନେଟ୍ ସହିତ ସଂଯୁକ୍ତ କୌଣସି ଜିନିଷ ଉପରେ ଭରସା ନ ଥିବାରୁ ପୁଟିନ ମୋବାଇଲ୍ ଫୋନ୍ ବ୍ୟବହାର କରନ୍ତି ନାହିଁ ବୋଲି ଜଣାଇଛନ୍ତି। ଆଉ ମଧ ମୁଖ୍ୟତଃ ସୁରକ୍ଷା କାରଣରୁ ସେ ଏହାକୁ ବ୍ୟବହାର କରିବାରୁ ବଞ୍ଚିତ ହୁଅନ୍ତି ବୋଲି ଜଣାପଡିଛି।

# ଭାରତର ମୃତ୍ୟୁଦଣ୍ଡ ବ୍ୟବସ୍ଥା ନେଇ ବିତର୍କ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଆମ ଦେଶରେ ମୃତ୍ୟୁ ଦଣ୍ଡ ଉଚ୍ଛେଦ ପାଇଁ ଦୀର୍ଘ ଦଶନ୍ଧି ଦଶନ୍ଧି ଧରି ଦାବି ହୋଇ ଆସୁଛି। ରାଜନେତାଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ, ମାନବାଧିକାର କର୍ମୀ, ସଂଗଠନଗୁଡିକ ଏନେଇ ଦୃଢ ଦାବି କରି ଆସୁଥିବାବେଳେ ଏବେ ବି ଏହା ଏକ ଅସମାହିତ ପ୍ରସଙ୍ଗ ହୋଇରହିଛି। ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ଦେଶ ସ୍ୱାଧୀନ ହେବା ପରଠାରୁ ୨୦୧୫ ମଧ୍ୟରେ ୭୫୨ ଜଣ ଅପରାଧୀ ଫାଶୀଦଣ୍ଡରେ ଦଣ୍ଡିତ ହୋଇ ସାରିଥିବାବେଳେ ୨୦୨୪ ସୁଦ୍ଧା ଫାଶୀଦଣ୍ଡାଦେଶ ପାଇଥିବା ୫୬୪ ଜଣ ଏବେ କେବଳ ମୃତ୍ୟୁ ଅପେକ୍ଷାରେ ଅଛନ୍ତି ସେହିପରି ୨୦୨୪ରେ ବିଭିନ୍ନ ଜଘନ୍ୟ ଅପରାଧର ଦୋଷୀ ସାବ୍ୟସ୍ତ ହେବା ପରେ ୧୩୯ ଜଣ ଫାଶୀ ଦଣ୍ଡାଦେଶ ପାଇଛନ୍ତି। କହିବା ବାହୁଲ୍ୟ ଯେ, ଫାଶୀଦଣ୍ଡ ଉଚ୍ଛେଦ ପାଇଁ ଦାବି ଯୋର ଧରିଥିବା ବେଳେ ଗତ ୨୦୧୯ ପରଠାରୁ ଦେଶରେ ଦେଶରେ ଫାଶୀଦଣ୍ଡାଦେଶ ଘଟଣା ବୃଦ୍ଧି ପାଉଥିବା ଏକ ରିପୋର୍ଟରୁ ଜଣାଯାଇଛି। ସେହିପରି ବିଶ୍ୱବ୍ୟାପୀ ୨୦୧୫ରୁ ୨୦୨୪ ମଧ୍ୟରେ ପ୍ରାୟ ୧୫୦୦ ଲୋକ ଫାଶୀ ଦଣ୍ଡରେ ଦଣ୍ଡିତ ହୋଇଥିବା କୁହାଯାଏ। ଅନ୍ୟପକ୍ଷରେ ବିଶ୍ୱର ୧୫୦ଟି ଦେଶ ଏହି ଚରମ ଦଣ୍ଡ ବ୍ୟବସ୍ଥାକୁ ଉଚ୍ଛେଦ କରିଥିବା ବେଳେ ଏବେ ବି ୫୫ଟି ଦେଶରେ ଏହି ଦଣ୍ଡ ବ୍ୟବସ୍ଥା ବଳବତ୍ତର ରହିଛି। ତେବେ ଏହି ଦେଶଗୁଡିକରେ ମୃତ୍ୟୁ ଦଣ୍ଡ ବ୍ୟବସ୍ଥା ଭିନ୍ନ ଭିନ୍ନ ରହିଛି। ଭାରତରେ ଫାଶୀରେ ଓହଳାଇ ମୃତ୍ୟୁ ଦଣ୍ଡ ଦିଆଯାଇଛି। ଆମ ଦେଶରେ ଫାଶୀ ଦେଇ ଦିଆଯାଉଥିବା ମୃତ୍ୟୁଦଣ୍ଡ ଅତ୍ୟନ୍ତ ନିଷ୍ଠୁର, ନୃଶଂସତର ନିଦର୍ଶନ। ଏହି ଧାରା ପରିବର୍ତ୍ତନ ଦାବିରେ ଦାୟର ଏକ ପିଟିସନ ଏବେ ସୁପ୍ରିମେକାଟର୍ରେ ବିଚାରଧୀନ ରହିଛି, ଫାଶୀ ଦ୍ୱାରା ମୃତ୍ୟୁ ଦଣ୍ଡର ସାମ୍ବିଧାନିକ ବୈଧତାକୁ ପ୍ରଶ୍ନ କରି ଦାୟର ପିଟିସନର ଶୁଣାଣୀ ଆରମ୍ଭ କରି ସୁପ୍ରିମକୋର୍ଟ ଫାଶୀ କିମ୍ବା ରସାୟନିକ ଇଂଜେକସନ ଉପରେ କେନ୍ଦ୍ର ସରକାରଙ୍କ ମତାମତ ଲୋଡିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କ୍ରିମିନାଲ ପ୍ରୋସିଜ୍ୟୁଅର କୋଡର୍ର ଧାରା ୩୫୪(୫) ତଥା ବର୍ତ୍ତମାନର ନାଗରିକ ସୁରକ୍ଷା ଆଇନର ଧାରା ୩୯୫(୫) ରେ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଅପରାଧକୁ ମୃତ୍ୟୁ ହେବା ପର୍ଯ୍ୟନ୍ତ ଫାଶୀରେ ଝୁଲାଇ ରଖିବା ବ୍ୟବସ୍ଥା ରହିଛି। ଜଣେ ଅପରାଧିକୁ ଫାଶୀ ଦେବା ପରେ ଅଧଘଂଟା ପର୍ଯ୍ୟନ୍ତ ଝୁଲାଇ ମର୍ଯ୍ୟାଦାଜନକ ମୃତ୍ୟୁର ସାମ୍ବିଧାନିକ ଅଧିକାରକୁ ଉଲଂଘନ କରୁଥିବା ନେଇ ଆବେଦନକାରୀ ଦର୍ଶାଇଛନ୍ତି। ଏହି ପ୍ରକାର ମୃତ୍ୟୁ ଅତ୍ୟନ୍ତ ଯନ୍ତ୍ରଣା ଦାୟକ ବୋଲି ଆବେଦନକାରୀ ଯୁକ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ବିଶ୍ୱର ବହୁ ରାଷ୍ଟ୍ର ଏବେ ଅଧିକମାତ୍ରାରେ ଅତ୍ୟାଧୁନିକ ମୃତ୍ୟୁଦଣ୍ଡ ବ୍ୟବସ୍ଥାକୁ ଗ୍ରହଣ କରିଥିବାବେଳେ ଭାରତରେ ବ୍ରିଟିଶ ଅମଳରୁ ଫାଶୀରେ ଝୁଲାଇ ମୃତ୍ୟୁ ଦଣ୍ଡ ବ୍ୟବସ୍ଥା ରହିଛି। ବ୍ରିଟିଶ ଅମଳର ଏହି ଆଇନର ଉଚ୍ଛେଦ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଥିବାବେଳେ ଏବେ ବି ଦେଶରେ ବଳବତ୍ତର ରହିଛି। ଉଲ୍ଲେଖଯୋଗ୍ୟ ଯେ, ଫାଶୀରେ ଝୁଲାଇବା ବଦଳରେ କମ ଯନ୍ତ୍ରଣା ଦାୟକ ଏବଂ ଅଧିକ ମାନବିକତା ପୂର୍ଣ୍ଣ ବ୍ୟବସ୍ଥା ଗ୍ରହଣ ନେଇ ଅନୁଧ୍ୟାନ କରିବାକୁ ୨୦୨୩ରେ ସୁପ୍ରିମକୋର୍ଟ ଏକ କମିଟି ଗଠନ କରିଥିଲେ। ତେବେ କେନ୍ଦ୍ର ସରକାର ସୁପ୍ରିମେକାର୍ଟରେ ଏକ ସତ୍ୟପାଠ ଦାଖଲ କରି କହିଛନ୍ତି ଯେ, ରସାୟନିକ ଫାଶୀଦଣ୍ଡ ବ୍ୟବସ୍ଥା ଅଧିକ ତ୍ରୁଟିପୂର୍ଣ୍ଣ ଥିବା ଏକ ଅନୁଧ୍ୟାନ ରିପୋର୍ଟ କହିଛି। ଫାଶୀ ହେଉଛି ସବୁଠୁ ନିରାପଦ ଏବଂ ଦୃତତମ ମୃତ୍ୟୁ ଦଣ୍ଡ ଦଣ୍ଡ ବ୍ୟବସ୍ଥା, ଯାହାକି ଜୀବନ ନେବାକୁ ଅଧିକ ସମୟ ନିଏ ନାହିଁ। ରସାୟନିକ ଇଂଜେକସନ ଦ୍ୱାରା ମୃତ୍ୟୁଦଣ୍ଡ ବ୍ୟବସ୍ଥା ମନ୍ଥର ଗତିରେ ଜୀବନ ନିଏ, ଯାହାକି ଅତ୍ୟନ୍ତ ଯନ୍ତ୍ରଣାଦାୟକ ବୋଲି କେନ୍ଦ୍ର ସରକାର ସତ୍ୟପାଠରେ ଦର୍ଶାଇଛନ୍ତି। ତେଣୁ ଫାଶୀରେ ଝୁଲାଇବା ଯନ୍ତ୍ରଣାହୀନ ଓ ଅବିଚଳିତ ଶାନ୍ତ ମୃତ୍ୟୁ ଦଣ୍ଡ ବ୍ୟବସ୍ଥା, ଏହାକୁ ପରିବର୍ତ୍ତନ କରାଯାଇନପାରେ। କିନ୍ତୁ ମୃତ୍ୟୁଦଣ୍ଡାଦେଶ ପାଇଥିବା ଜଣେ ବ୍ୟକ୍ତି ଶାନ୍ତ ମନରେ ମୃତ୍ୟୁକୁ କିପରି ଗ୍ରହଣ କରିପାରିବ। ତେବେ ମୌଳିକ ପ୍ରସଙ୍ଗ ହେଉଛି ମୃତ୍ୟୁଦଣ୍ଡାଦେଶ ଏବେ ପୁରୁଣାକାଳିଆ କଥା ନୁହେଁ। ଏଭଳି ନୃଶଂସ ଦଣ୍ଡବ୍ୟବସ୍ଥାର ପୁନର୍ବିଚାର କରିବାର ସମୟ ଏବେ ଆସିଛି।

# ସଚେତନ ବୟସ୍କ ମଣିଷର ଭାବ, ଭାବନା



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ମଣିଷ-ଶିଶୁ ଜନ୍ମ ହୁଏ । ମା' କୋଳରେ ବଢ଼େ । ବୟସ ବଢ଼ିବା ସହିତ ସଂସାର ପ୍ରତି ଆସକ୍ତି ବଢ଼େ । କୈଶୋର ଆସେ, ଯୌବନ ଆସେ, ବାର୍ଦ୍ଧକ୍ୟ ଆସେ, ଯେ କୌଣସି ଅବସ୍ଥାରେ ଜୀବନ-ନାଟକ ସରିଯାଏ । ଜନ୍ମରୁ ମରଣଯାଏ ମଣିଷର ଅଭିନୟ ସତରେ ଖୁବ୍ ଆଶ୍ଚର୍ଯ୍ୟ ଲାଗେ । ଏହି ଅଭିନୟ ଭିତରେ ରହସ୍ୟ ଥାଏ, ରୋମାଞ୍ଚ ଥାଏ। ସକାଳର ସୂର୍ଯ୍ୟୋଦୟକୁ ଦେଖି ବୟସ୍କ ମଣିଷଟିଏ ଭାବେ ଦିନେ ସେ ଏଇମିତି ଜନ୍ମ ହେଇଥିଲା । ଫୁଲଟିଏ ଫୁଟିବାର ଦେଖି ଭାବେ ତା' ଜୀବନ ଏଇମିତି ଫୁଟୁଥିଲା । କୋଇଲି ଗାଉଥିବାର ଶୁଣି ଭାବେ ତା' ସ୍ୱରରେ ଏଇମିତି ମଧୁରତା ଭରିରହିଥିଲା । ପବନ ସାଇଁ ସାଇଁ ବହୁଥିବାର ଶୁଣି ସେ ବି ଦିନେ ଏଇମିତି ଚଳଚଞ୍ଚଳ ଥିଲା ବୋଲି ଅନୁଭବ କରେ। କୃଷକ ମାଟିରୁ ଶସ୍ୟ ଅମଳ କରୁଥିବାର ଦେଖି ସେ ଚିନ୍ତାକରେ ସେ ବି କେତେ କ'ଣ ସୃଷ୍ଟି କରିଯିବ । ଗଛର ଫଳକୁ କେହି ଜଣେ ଖାଉଥିବାର ଦେଖି ଗଛଟି ଯେମିତି ଖୁସି ହେଉଛି, ହସିଉଠୁଛି, ଏହିପରି ତାକୁ ବୋଧହୁଏ । ପାରିବାରିକ, ସାଂସାରିକ ସମସ୍ୟାର ସମାଧାନର ବାଟ ସେ ଖୋଜି ପାଉଥାଏ ସତ, ତଥାପି ମନକୁ ହାଲ୍‌କା କରିବା ପାଇଁ ନଈକୂଳରେ ଘଡ଼ିଏ ଠିଆ ହେଉଥାଏ, ନଈର ଉତ୍ପତ୍ତିସ୍ଥଳ ଓ ପତନସ୍ଥଳ କଥା ସେ ଯେତିକି ଚିନ୍ତା କରୁଥାଏ, ତା'ଠାରୁ ଢେର୍ ଅଧିକ ଚିନ୍ତା କରୁଥାଏ ନଈଟି ବହୁଥିବା ଭଳି ତା' ଜୀବନ ବହିଯାଉଛି ଗୋଟେ ସୁଦୀର୍ଘ ସଙ୍ଗୀତ ଗାଇଗାଇ, ତାକୁ ସେ ଶୁଣୁ କି ନଶୁଣୁ । ପୁଣି ସମୁଦ୍ର-ବାଲିରେ ଠିଆହୋଇ ତା'ର ଏକ ଭିନ୍ନ ଅନୁଭବ ହୁଏ । ସେ ଭାବେ ଏତେ ବଡ଼ ସର୍ଜନାଟାଏ କିପରି ସମ୍ଭବ ହେଲା ସତରେ ! କେତେଆଡୁ କେତେ ନଈ ଆସି ସମୁଦ୍ରରେ ମିଶିଯାଉଛନ୍ତି, ଲାଗୁଛି ସତେ ଯେପରି କେହି କାହା ପ୍ରତି ଅସହିଷ୍ଣୁ ହେଉନାହାନ୍ତି, ଛୋଟ ନଈର ହୀନମନ୍ୟତା ନାହିଁ କି ବଡ଼ ନଈର ଅହଂବୋଧ ନାହିଁ । ସମସ୍ତେ ଯେମିତି ନିଜକୁ ସମର୍ପି ଦେଇଛନ୍ତି ଗୋଟେ ବିଶାଳ ଜଳଭଣ୍ଡାରରେ, ସେମାନଙ୍କ ଅନ୍ତିମ ଆଶ୍ରୟସ୍ଥଳରେ ।

ପୁଣି ଯେତେବେଳେ ଆକାଶକୁ ଚାହେଁ, ସମାନ ଭାବରେ ଆଶ୍ଚର୍ଯ୍ୟ ହୁଏ । କିପରି ସମ୍ଭବ ହେଲା ଦୈର୍ଘ୍ୟ, ପ୍ରସ୍ଥ, ଉଚ୍ଚତା ମାପି ହେଉନଥିବା ଏତେ ବଡ଼ ଶୂନ୍ୟସ୍ଥାନ ! ଜ୍ୟାମିତିଶାସ୍ତ୍ର ହାର୍ ମାନିଯାଏ । ସାତଟା ମହାଦେଶର ଗଣିତଜ୍ଞ ନତମସ୍ତକ ହୁଅନ୍ତି 'ଶୂନ୍ୟ' ସମ୍ମୁଖରେ । ମହାଶୂନ୍ୟ-କୋଳରେ କିମିତି ଶୋଭା ପାଉଛନ୍ତି ଗୋଟେ ସୂର୍ଯ୍ୟ, ଗୋଟେ ଚନ୍ଦ୍ର ଆଉ ତା' ସହିତ ବସିଛି ଗଣନାତୀତ ତାରାମାନଙ୍କର ଗୋଟେ ଆଖିଦୃଶିଆ ଦରବାର ! ଚନ୍ଦ୍ରର ନିଜସ୍ୱ ଆଲୋକ ନାହିଁ, ସୂର୍ଯ୍ୟାଲୋକରେ ସେ ଆଲୋକିତ । ମଣିଷ ଚନ୍ଦ୍ରରେ ପାଦ ଥାପିଲାଣି, ତଥାପି ରହସ୍ୟ ଭେଦିପାରୁ ନାହିଁ । ଗୋଟାଏ ଜ୍ୱଳନ୍ତ ଗ୍ୟାସୀୟ ଅଗ୍ନିପିଣ୍ଡ ସୂର୍ଯ୍ୟ କିମିତି ଆଲୋକ, ଉତ୍ତାପ ବିତରଣ କରିଚାଲିଛି ବ୍ରହ୍ମାଣ୍ଡ ଆରମ୍ଭରୁ, ଏହାହିଁ ବିସ୍ମୟ ।

ଶୂନ୍ୟରେ ଉଡୁଥିବା ଚଢ଼େଇକୁ ଦେଖି ବୟସ୍କ ମଣିଷଟିଏ ବିଭୋର ହୁଏ । ଭାବେ ଏ ଚଢ଼େଇ ଦେହରେ ଡେଣା ଖଞ୍ଜିଲା କିଏ ? ଉଡ଼ାଜାହାଜକୁ ସିନା ମଣିଷ ତିଆରି କରୁଛି, ହେଲେ ଚଢ଼େଇକୁ କିଏ ତିଆରି କରିଛି ? ପୁଣି ସମୁଦ୍ରରେ ବୁଡୁଥିବା ମାଛକୁ ଦେଖି ସମାନ ଭାବରେ ବିଭୋର ହୁଏ । ଭାବେ ଏ ମାଛ ଦେହରେ ଲାଞ୍ଜ ଖଞ୍ଜିଲା କିଏ? ବୁଡ଼ାଜାହାଜକୁ ସିନା ମଣିଷ ତିଆରି କରୁଛି, ହେଲେ ମାଛକୁ କିଏ ତିଆରି କରିଛି ? ସେ ଏପରି ଭାବିବାର ଅକାଟ୍ୟ କାରଣ ବି ଅଛି । ଯେହେତୁ ଗୋଟେ ଉଡ଼ାଜାହାଜର ନିର୍ମାଣ ପଦ୍ଧତି ଚଢ଼େଇ ଦେହର ଗଢ଼ଣ ଆଉ ବୁଡ଼ାଜାହାଜର ନିର୍ମାଣ ମାଛର ଗଢ଼ଣ ସହିତ ସମାନ । ଏପରି ଭାବିବା ସହିତ ନିଜ ଚମଡ଼ା ଉପର କଥା ଯେତିକି ଭାବେ, ଚମଡ଼ା ତଳ କଥା ବେଶି ଭାବୁଥାଏ । କିଏ ସତରେ ସଜେଇ ରଖିଛି ମଣିଷ ଦେହ ଅଭ୍ୟନ୍ତରରେ ହାର୍ଟ, ଲଙ୍ଗସ୍, ଲିଭର୍, କିଡ୍‌ନୀ, ଇଷ୍ଟୋଇନ୍ ଓ ଆହୁରି ଅନେକ ଅଙ୍ଗ, ଯାହାକୁ କୋଟି କୋଟି ଟଙ୍କା ବିନିମୟରେ ବି ବିକ୍ରି କରିବାକୁ ମଣିଷ ଆଦୌ ଇଚ୍ଛା କରିବ ନାହିଁ ।

ଶୂନ୍ୟରୁ ବର୍ଷା ଝରିଆସୁଛି ତଳକୁ, ଗଛରୁ ଫଳଟିଏ ପଡୁଛି ତଳକୁ, ପର୍ବତରୁ ଝରଣାଟିଏ ବହିଯାଉଛି ତଳକୁ । ଜଳୀୟବାଷ୍ପ ଉଠୁଛି ଉପରକୁ, ଚାରାଟିଏ ବଢ଼ିଯାଉଛି ଉପରକୁ, ପର୍ବତ ତଳେ ଠିଆ ହେଲେ ଦିଶୁଛି ତା'ର ଉପରିଭାଗ । ବୟସ୍କ ମଣିଷଟିଏ ମାଟିରେ ଚାଲେ, ମହାକାଶକୁ ଚାହେଁ । ପୁଣି ଉଡ଼ାଜାହାଜରେ ବସି ମହାକାଶରେ ଉଡ଼େ, ତଳକୁ ଓହ୍ଲାଇ ଆସି ମାଟି ସହିତ ନିଜକୁ ଯୋଡ଼େ । ସେ ଅନୁଭବ କରେ ବିଶ୍ୱବ୍ରହ୍ମାଣ୍ଡରେ ଗୋଟିଏ ଓ କେବଳ ଗୋଟିଏ ଆଶ୍ଚର୍ଯ୍ୟ । ତା' ହଉଛି ମଣିଷମାନେ ବଞ୍ଚି ଥାଉଁଥାଉଁ ପରସ୍ପର ସମ୍ପର୍କଗୁଡ଼ାକ ମରିଯାଉଛି । ଜଳୀୟବାଷ୍ପ ସହିତ ବର୍ଷାର ସମ୍ପର୍କ ଅଛି । ଗଛ, ଫଳର ସମ୍ପର୍କ ଅଛି । ପର୍ବତ, ଝରଣାର ସମ୍ପର୍କ ଅଛି । ମାଟି ତଳେ, ମହାକାଶ କେତେ ଉପରେ । କି ମଧୁର ସମ୍ପର୍କ ସେମାନଙ୍କର ! ଖରାଦିନେ ମାଟି ତାତିଗଲେ ମହାକାଶ ବର୍ଷା ଢାଳିଦେଉଛି, ଶୀତଳ କରୁଛି ମାଟିକୁ। ଅଥଚ ମଣିଷ ପାଖାପାଖି ମଣିଷ ରହୁଛି। କିନ୍ତୁ ଜଣକ ସହିତ ଆରଜଣକର ସମ୍ପର୍କ ନାହିଁ । ଯା' ମୂଳରେ ଅଛି କିଛି ମଣିଷଙ୍କ ଅଶୋଭନୀୟ କାମ, ଅସଂଯତ କଥା, ଅହୋରାତ୍ର ସ୍ୱାର୍ଥ ଚିନ୍ତା । ଛିଦ୍ରାନ୍ୱେଷୀ, ଛଦ୍ମାଚାରୀ ସେମାନେ । ଛଳନା ସେମାନଙ୍କ ଜୀବନ-ସର୍ବସ୍ୱ ।

ମଣିଷର ବୟସ ଯେତିକି ବଢୁଥାଏ, ଅନୁଭୂତି ତଦନୁପାତରେ ବଢୁଥାଏ, ଅନୁଭବ ଗାଢ଼ ହେଉଥାଏ। ବାଡ଼ିବଗିଚାରେ କାମ କଲାବେଳେ ବୟସ୍କ ମଣିଷଟିଏ ଭାବୁଥାଏ, ପ୍ରତି ମଣିଷର ମନ ଜଟିଳ ନହୋଇ ଯଦି ଫୁଲ ଭଳି କଅଁଳ ହୁଅନ୍ତା, ସ୍ୱାର୍ଥୀ ନହୋଇ ଯଦି ଗଛ ଭଳି ପରମାର୍ଥୀ ହୁଅନ୍ତା, ସଂକୁଚିତ ନହୋଇ ଯଦି ଲତା ଭଳି ପ୍ରସାରିତ ହୁଅନ୍ତା, ତେବେ ଜୀବନ ସୂର୍ଯ୍ୟଙ୍କ ଭଳି କେତେ ଜ୍ୟୋତିର୍ମୟ, ଚନ୍ଦ୍ରଙ୍କ ଭଳି କେତେ ଅମୃତମୟ ହୁଅନ୍ତା ସତରେ ! ନଈପଠାରେ ଠିଆ ହେଲାବେଳେ ଭାବୁଥାଏ, ନଈ ଯେମିତି ସମୁଦ୍ର ଆଡ଼କୁ ଧାଉଁଛି, ପ୍ରତି ମଣିଷ ଯଦି ପରମ ଅଭିମୁଖୀ ହୁଅନ୍ତା ଅର୍ଥାତ୍ ନିଜ ଭିତରେ ପରମର ଉପସ୍ଥିତିକୁ ଉପଲବ୍‌ଧି କରନ୍ତା, ତେବେ ଜୀବନରେ ସତ୍ୟ, ଶିବ, ସୁନ୍ଦର କେତେ ବିକଶିତ ହୁଅନ୍ତା ସତରେ ! ମୃତ୍ତିକାମଣ୍ଡଳରେ ମଣିଷ ଓ ଅନ୍ୟ ଜୀବଜନ୍ତୁ, ମହାସମୁଦ୍ରରେ ମାଛ ଓ ଅନ୍ୟ ଜୀବ, ମହାକାଶରେ ଚଢ଼େଇମାନଙ୍କୁ ଦେଖି ଭାବୁଥାଏ, ସତରେ କେହି ଜଣେ ପରମ ପୁରୁଷ ଅଛନ୍ତି ଯିଏ ବ୍ରହ୍ମାଣ୍ଡ-ସର୍ଜନାର ମୂଳାଧାର ହୋଇ ସ୍ଥଳଚର, ଜଳଚର, ନଭଚର ଜାତିଜାତିକା ପ୍ରାଣୀମାନଙ୍କୁ ସୃଷ୍ଟି କରିଛନ୍ତି ଓ ସେମାନଙ୍କ ଶରୀରରେ ସ୍ଥଳ-ଜଳ-ନଭ ବାସ ପାଇଁ ଉପଯୋଗୀ ଅଙ୍ଗଗୁଡ଼ିଏ ଖଞ୍ଜି ଦେଇଛନ୍ତି । ମାଟି ଓ ମହାକାଶର ସମ୍ପର୍କ ଦେଖି ଭାବୁଥାଏ, ତତଲା ମାଟିକୁ ମହାକାଶର ବାରିପାତ ଶୀତଳ କଲା ଭଳି ଯଦି ଜଣେ ମଣିଷର ନିରାଶା, ଅବିଶ୍ୱାସରେ ଉତ୍ତପ୍ତ ଅନ୍ତରକୁ ଅନ୍ୟ ଜଣେ ମଣିଷ ଆଶା, ବିଶ୍ୱାସର ସଲିଳ ସିଞ୍ଚନରେ ଶୀତଳ କରନ୍ତା ତେବେ ସମାଜ-ଜୀବନ କେତେ ମଧୁମଙ୍ଗଳମୟ ହୁଅନ୍ତା ସତରେ !

ଏବେ ତ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟାର ଦ୍ରୁତ ଗତି । ମହାକାଶ ସମ୍ବନ୍ଧୀୟ ଗବେଷଣା ଅପ୍ରମିତ । ରହସ୍ୟ ଭେଦିବା ପାଇଁ ପ୍ରୟାସ । ଏ ସମସ୍ତ ଅଭିନନ୍ଦନୀୟ ନିଶ୍ଚିତ । ଏଥିସହିତ ବୟସ୍କ ମଣିଷଟିଏ ଭାବୁଥାଏ ପ୍ରତି ମଣିଷର ମୂଲ୍ୟବୋଧର ଦ୍ରୁତ ବିକାଶ, ଜୀବନ ସମ୍ବନ୍ଧୀୟ ଗଭୀର ଚିନ୍ତନ, ଜୀବନର ରହସ୍ୟ ଉଦ୍‌ଘାଟନ ଇତ୍ୟାଦିର କଥା । ଏ ଦୁଇଟି ସମାନ୍ତରାଳ ଗତିରେ ଚାଲିଲେ ସମଗ୍ର ସମାଜର ମଙ୍ଗଳ । କେବଳ ପାର୍ଥିବ ସମ୍ପତ୍ତି ଠୁଳ କରୁଥିବା ବାବୁମାନେ ମଣିଷ-ଜନ୍ମର ମୂଳ ଉଦ୍ଦେଶ୍ୟଟିକୁ ଭୁଲିଯାଆନ୍ତି । ଘର ଭିତରେ, ବାହାରେ ପରସ୍ପର କଳିଗୋଳ କରି ସମୟ, ଶକ୍ତି ନଷ୍ଟ କରନ୍ତି, ମାର୍ଗଭ୍ରଷ୍ଟ ହୁଅନ୍ତି । ନିଜର ତ୍ରୁଟି ନସୁଧାରି ଅନ୍ୟର ତ୍ରୁଟି ଉଖାରନ୍ତି । ଚଟୁଳ, ଚିକ୍କଣ, ଚାଲାକି କଥା କହି ଚେହେରା, ଚାହାଣି, ଚଳଣିରେ ନିଜକୁ ସଂଭ୍ରାନ୍ତ ପରିଚୟ ଦେଲେ ବି ଅନ୍ତରରେ ଉଦ୍‌ଭ୍ରାନ୍ତ ହୋଇ ରହିଥାଆନ୍ତି । ଫଳସ୍ୱରୂପ ସମ୍ମୁଖରେ ସ୍ତୁତିପାଠ କରି ପଶ୍ଚାତ୍‌ରେ ଦଂଶନ କରନ୍ତି । ଜୀବନର ସାୟାହ୍ନରେ ସଚେତନ ବୟସ୍କ ମଣିଷଟିଏ ଭାବୁଥାଏ, ଏଭଳି ବାବୁମାନେ ଯେଉଁଦିନ ଆପଣା କର୍ମ ପାଇଁ ଅନୁତପ୍ତ ହେବେ ସେଦିନ ସେମାନଙ୍କ ଜୀବନରେ ଅସଲ ସୂର୍ଯ୍ୟୋଦୟ ହେବ । ସେହି ସୂର୍ଯ୍ୟୋଦୟଟି ହେଉଛି ଆତ୍ମଜ୍ଞାନ, ମଣିଷ-ଜନ୍ମର ମୂଳ ଉଦ୍ଦେଶ୍ୟ : ସ୍ୱାର୍ଥ ନୁହଁ ପରମାର୍ଥ, ବକ୍ତବ୍ୟ ଓ ବ୍ୟବହାରରେ ରାଜସିକତା କି ତାମସିକତା ନୁହଁ ସାତ୍ତ୍ୱିକତା, ଅନୁଭବରେ ଦାନବତ୍ୱ ନୁହଁ ଦେବତ୍ୱ ଅର୍ଥାତ୍ ନିଜ ଓ ଅନ୍ୟ ସମସ୍ତଙ୍କ ମଧ୍ୟରେ ବ୍ରହ୍ମତ୍ୱର ଅନୁଭବ ।

# ନୀତିହରାଙ୍କ ନୈତିକଜ୍ଞାନ ବଣ୍ଟନ



ଡ଼. ମନୋଜ କୁମାର ମହାନ୍ତି
ଦର୍ଶନ ବିଭାଗୀୟ ମୁଖ୍ୟ,
ବି.ଏନ.ଏମ.ଏ, ମହାବିଦ୍ୟାଳୟ,
ଭଦ୍ରକ,ମୋ:୮୮୯୫୩୪୧୦୩୩

ସାଧାରଣତଃ ରବିବାର ଛୁଟିଦିନରେ ସାହିତ୍ୟ ସଭାର ଆୟୋଜନ ଏକପ୍ରକାର ଅବସାଦମୁକ୍ତି। କୌଣସି ଏକ ମହାବିଦ୍ୟାଳୟର ପ୍ରାଧ୍ୟାପକ ତଥା ପୂର୍ବତନ ଅଧକ୍ଷଙ୍କର ପୁସ୍ତକ ଲୋକାର୍ପଣ ଉତ୍ସବର ଏକ ଭବ୍ୟସଭାର ଅୟୋଜନରେ ମୁଁ ନିଜକୁ ସାମିଲ କଲି। ଯଦିଓ ନିମନ୍ତ୍ରଣ ପତ୍ରରେ କାର୍ଯ୍ୟସୂଚୀ ତଥା ସମୟ ନିର୍ଘଣ୍ଟ ହୋଇଥଲା କିନ୍ତୁ ସଭାଟି ଆରମ୍ଭ ହେଲା ଦେଢ଼ଘଣ୍ଟା ବିଳମ୍ବରେ। କାରଣ ସଭାପାଇଁ ନିମନ୍ତ୍ରିତ ପ୍ରତ୍ୟେକ ଅତିଥିମାନେ ଜଣେଜଣେ ବିଶିଷ୍ଟବ୍ୟକ୍ତି। ଭାରତର ସମୟାନୁବର୍ତ୍ତିତା ସହ ଆମେ ସମସ୍ତେ ଜର୍ଜ୍ଜରିତ। ସବୁ ସେଇ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ବ୍ୟକ୍ତିମାନଙ୍କର ଏକପ୍ରକାର ମନରସ୍ଥିତି ଦୀର୍ଘଦିନ ଧରି ବସା ବାନ୍ଧିସାରିଛି। ସେମାନଙ୍କ ଚାଲିଚଳନ ହାବଭାବ ଦେଖି ସାଧାରଣଜନତାଙ୍କର ମଧ ସେଇପ୍ରକାରର ପରିଭାଷାର ପ୍ରତିଫଳନ। ପ୍ରାୟ ଆମ ସମସ୍ତଙ୍କର ଏସବୁ ନିତିଦିନିଆ ଘଟଣା। ଆମେ ସମସ୍ତେ କୁହାଳିଆ। ଅନ୍ୟକୁ କହିବାରେ ଆମେ ଯେତେ ସମୟାନୁବର୍ତ୍ତୀ ଓ ଆଗଭର କିନ୍ତୁ କର୍ମକ୍ଷେତ୍ରରେ ତାହା ଦୁର୍ବଳ ତଥା ଶିଥିଳ। ଧିରେଧିରେ ଜଣେ ପରେ ଜଣେ ସଭାକକ୍ଷକୁ ପ୍ରବେଶ କରୁଥାନ୍ତି। ବେଶୀ ନହେଲେବି କୋଡ଼ିଏ ଜଣ ଷାଠିଏ ବର୍ଷରୁ ଅଧିକ୍ ବରିଷ୍ଠ ନାଗରିକଙ୍କ ତଥା ବାକି ଆଠଦଶ ଜଣ ସେଇ ପଇଁତିରିଶରୁ ପଇଁଚାଳିଶି ବୟସ ମଧ୍ୟରେ ଉପସ୍ଥିତ ଶ୍ରୋତା ଓ ଦର୍ଶକ। ସେମାନଙ୍କ ମଧ୍ୟରୁ ମୁଁ ଜଣେ। ସଭାରେ ଉପସ୍ଥିତ ଥିଲେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି। ଜିଲ୍ଲାପାଳଠାରୁ ଆରମ୍ଭ କରି ବିଶିଷ୍ଟ ଶିକ୍ଷାବିତଙ୍କ ଉପସ୍ଥିତ ଥିଲା ସଭାର ଆକର୍ଷଣ। ବ୍ୟସ୍ତତା ସକାଶେ ଜିଲ୍ଲାପାଳ ସ୍ୱଳ୍ପସମୟ ମଧ୍ୟରେ ପୁସ୍ତକର ଲୋକାର୍ପଣ ପରକୁ ସଭାଟିକୁ ସମ୍ବୋଧନ କରି ବାହାରିଗଲେ। ପ୍ରତ୍ୟେକ ସାହିତ୍ୟ ଓ ପୁସ୍ତକ ଲୋକାର୍ପଣ ସଭା ପ୍ରକୃତରେ ସମୟସାପେକ୍ଷ। କାରଣ କୌଣସି ବିଜ୍ଞବ୍ୟକ୍ତିମାନଙ୍କର ଯେତେବେଳେ ମେଳିହୁଏ ଏବଂ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ଚର୍ଚ୍ଚାହୁଏ ତାକୁ ସମୟରେ ବାନ୍ଧିରଖି ହୁଏନା। ସଭା ସାଧାରଣ ହେଉକି ଭବ୍ୟ କିନ୍ତୁ ଚା ଜଳଖିଆ ଏକ ସାଧାରଣ ପରମ୍ପରା। ସଭାରେ ସାଧାରଣଜନତାଙ୍କୁ ବାନ୍ଧିରଖିବାପାଇଁ ଶବ୍ଦ ଯେତିକି ଜରୁରୀ ତାସହ ଚା ଜଳଖିଆର ମଧ ବ୍ୟବସ୍ଥା ଅତ୍ୟନ୍ତ ସୁଖଦ। ଜଳଖିଆ ନହେଲେ ବି କପେ ଚା ଓ ଦିଖଣ୍ଡ ବିସ୍କୁଟ ହେଲେ ତାହା ମଧ ଗ୍ରହଣୀୟ। ସଭା ଆରମ୍ଭର କିଛି ସମୟ ବ୍ୟବଧାନରେ ମଞ୍ଚାସୀନ ଅତିଥିମାନଙ୍କୁ ଚା ପରସାଗଲା। ମଞ୍ଚତଳେ ବସିଥିବା ଦର୍ଶକମାନଙ୍କୁ ମଧ। ମଞ୍ଚାସୀନ ଅତିଥିମାନଙ୍କୁ ଶଙ୍ଖ ମଲମଲ ଝଟକୁଥିବା କପ୍-ପ୍ଲେଟରେ ଚା ପରିବେଷଣ ଏକ ସ୍ୱଚ୍ଛସୁନ୍ଦର ପରିବେଶର ପରିକଳ୍ପନା। ଅର୍ଥାତ ଚା ପିଇସାରିବା ପରେ ତାକୁ ନେଇ ଧୋଇପୋଛି ପୁଣି ସୁରକ୍ଷିତ ସ୍ଥାନରେ ରଖିହେବ। କିନ୍ତୁ ମଞ୍ଚତଳେ ବସିଥିବା ଶ୍ରୋତାଙ୍କ ପାଇଁ କାଗଜ କପ୍ ଦ୍ୱାରା ଚା ପରିବେଷଣ ନିଶ୍ଚିତଭାବେ ଏକ ଦୂଷିତ ପରିବେଶର ନିଦର୍ଶନ। ଚା ପିଇବା ପରେ ବସିଥିବା ଶ୍ରୋତାଙ୍କ ଆଚରଣ ବିଧି ମୋତେ ଠିକ୍ ଲାଗୁ ନଥିଲା। କେହି ଚା ପିଇସାରି ଚା କପଟିକୁ ମୋଡ଼ିମାଡ଼ି କୋଣକୁ ଧିରକରି ଫିଙ୍ଗି ଦେଉଥାଏ ତ ଆଉ କେହି ଚା କପକୁ ବସିଥିବା ଚେୟାର ତଳକୁ ଫୋପାଡି ଦେଉଥାଆନ୍ତି। କେହି ଜଣେ ଉଠିକରି ବାହାର ଡ଼ଷ୍ଟବିନରେ ସୁରକ୍ଷିତ ଢ଼ଙ୍ଗରେ ପକାଇବାପାଇଁ ଇଚ୍ଛା ପ୍ରକାଶ ନଜର ଆସୁନଥାଏ। ମୁଁ ଚା ପିଇବା ଅଭ୍ୟାସରୁ ଦୀର୍ଘଦିନ ହେବ ବଞ୍ଚିତ। ଅନ୍ତତଃ ସେ ସମୟରେ ମୁଁ ଏଭଳି କାର୍ଯ୍ୟର ସମାଲୋଚନାରୁ ଦୂରରେ। ସଭାରେ ସଭାପତିଙ୍କ ଆହ୍ୱାନକ୍ରମେ ମଞ୍ଚାସୀନ ଅତିଥି ଜଣଙ୍କ ପରେ ଜଣେ ଆସି ସେମାନଙ୍କ ଅଭିଭାଷଣ ପ୍ରଦାନ କରୁଥାନ୍ତି। ଜ୍ଞାନୀଗୁଣି ବ୍ୟକ୍ତିମାନଙ୍କ ତଥ୍ୟଭିତ୍ତିକ ଶବ୍ଦ ମାଧୁର୍ଯ୍ୟରେ ମୁଁ ସମ୍ପୂର୍ଣ୍ଣ ବିମୋହିତ। ତତ୍ ସହିତ ମଞ୍ଚାସୀନ ଅତିଥିମାନଙ୍କ ଆଚରଣକୁ ମୁଁ ଯତ୍ନ ସହକାରେ ନିରୀକ୍ଷଣ କରୁଥାଏ ଅତି ଶୃଙ୍ଖଳିତ ଭାବରେ।

ଚା ଯୋଗାଣରେ ଥିବା ଲୋକଟି ଦ୍ୱିତୀୟ ପର୍ଯ୍ୟାୟର ଚା ଆଣି ମଞ୍ଚାସୀନ ଅତିଥିମାନଙ୍କୁ ଆପ୍ୟାୟିତ କରୁଥିବା ସମୟରେ କିଛି ଅତିଥିମାନଙ୍କର ଚା'ପ୍ରତି ଅନାଗ୍ରହତା ସହ ଆଉ କେତେକଙ୍କର ଆନ୍ତରିକତା। ଚା' ଆମ ସମସ୍ତଙ୍କର ଦୈନିକ ଅଭ୍ୟାସ। ସକାଳ ସଞ୍ଜବେଳେ ଚା' ପିଇବା ଆମ ସମସ୍ତଙ୍କର ଏକ ଦୁର୍ବଳ ଅଭ୍ୟାସ କହିଲେ ଅତ୍ୟୁକ୍ତି ହେବନାହିଁ। ଖାଲି ସେତିକି ନୁହେଁ ଚା' ଅମଲିଦାର ଚା' ବିନା କିଛି କରିପାରନ୍ତି ନାହିଁ। ଏକ ନିଶା କହିଲେ ଭୁଲ୍ ହେବନି । ଅତିଥିମାନଙ୍କୁ ଚା' ଯାଚିବା ଏକ ଆତିଥେୟତା ଓ ସମ୍ମାନ। ଚା' ପ୍ରତି ଆଗ୍ରହ ଦେଖାଉଥିବା ମଞ୍ଚାସୀନ ଅତିଥିଜଣକ ପାନବି ପ୍ରବଳ ଚୋବାନ୍ତି ତାହା ସଭା ଆରମ୍ଭରୁ ଜଣାପଡୁଥିଲା। ସେ ଜଣେ ସୁସାହିତ୍ୟିକ,ଲେଖକ ଏବଂ ସୁବକ୍ତା। ଅନେକ ସାହିତ୍ୟ ସଭାରେ ତଥା ଅନ୍ୟାନ୍ୟ ମଞ୍ଚରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଭାଷା ଓ ସାହିତ୍ୟକୁ ଉପସ୍ଥାପନ କରି ଅନ୍ୟକୁ ଆକର୍ଷଣ କରିବାରେ ସେ ଆଗଧାଡିରେ। ଭାଷଣ ସମୟରେ ନିଜର ଆତ୍ମଗାରିମା ଓ ଜୟଗାନକୁ ଅତି ସୁନ୍ଦରଭାବେ ନିଜେ ଉପସ୍ଥାପନ କରିବାରେ କୌଣସି ଅସୁବିଧା ସୃଷ୍ଟିହୁଏନି। ଜାତଦେଖା ପୁଣି କଦଳୀବିକା ଏହା ଆମ ସ୍ୱଭାବ। ବେଳେବେଳେ ନିଜ ଢ଼ୋଲ ନିଜେ ପିଟିବା ବୁଦ୍ଧିମାନର ପରିଚୟ। ବୁଦ୍ଧିମାନ ଲୋକ ହିଁ ନିଜଦ୍ୱାରା ପ୍ରଚାରିତ ହେବାକୁ ଭଲପାଏ। ପ୍ରଚାର ପ୍ରସାର ଦ୍ୱାରା ମଣିଷର ଏକରକମ ପରିଚୟ ସୃଷ୍ଟି ହୁଏ। ପାନ ଚୋବାଉଥିବା ଅତିଥିଙ୍କୁ ସମ୍ମାନପୂର୍ବକ 'ଚା' ଯାଚିବା ଏବଂ 'ଚା'କୁ କାଳବିଳମ୍ବ ନକରି ସେ ଅତିଥିବକ୍ତା ଗ୍ରହଣକଲେ। ହେଲେ ପାନଚୋବା ସରିନି ତାସହ 'ଚା' ନିଶା। ମଞ୍ଚାସୀନ ଅତିଥି ଚୋବାଉଥିବା ପାନଛେପକୁ ଢ଼ୋକିଦେଲେ କିନ୍ତୁ ପାନର ଛେଦରାକୁ କାଢ଼ି ନିଜେ ବସିଥିବା ଟେବୁଲ୍ ତଳକୁ ନିର୍ଭୟରେ ଫିଙ୍ଗିଦେଲେ। ବଡ ଆଶ୍ଚର୍ଯ୍ୟ ଲାଗିଲା ଗୁଣୀଜ୍ଞାନୀ ବୟସ୍କଙ୍କ ନିକଟରେ ଏସବୁ ମଧ ପ୍ରତିଫଳିତ ହୋଇଥାଏ କି ? ସେ ସମ୍ପୂର୍ଣ୍ଣ ଶାରିରୀକ ସୁସ୍ଥ ମଣିଷ। ଅଳ୍ପଦିନ ହେବ ଚାକିରିରୁ ଅବସର ଗ୍ରହଣ କରିଛନ୍ତି କିନ୍ତୁ ବାର୍ଦ୍ଧକ୍ୟତାର କୌଣସି ଅକ୍ଷମତାର ଗନ୍ଧବାସ୍ନା ନାହିଁ। ସେ ଚାହିଁଥିଲେ ବେଶିନି କିମ୍ବା ଡ଼ଷ୍ଟବିନ୍ ବ୍ୟବହାର କରିପାରିଥାନ୍ତେ। 'ଚା' ପିଇସାରି ନିଜ ପାଳିର ବକ୍ତବ୍ୟ ରଖିଲେ। ସକ୍ରେଟିସଙ୍କ ନୈତିକ ଜୀବନ ଉପରେ ସେ ଆଲୋକପାତ କଲେ। ସକ୍ରେଟିସ ଗପୁଡ଼ା ପ୍ରକୃତିର ଥିଲେ । ବାଟେଘାଟେ, ହାଟବଜାରେ ଯିଏ ମିଳିଲା ତାସହ ଜ୍ଞାନଚର୍ଚ୍ଚା ଆରମ୍ଭ କରି ଶେଷହେବାର କୌଣସି ସମୟର ନିର୍ଘଣ୍ଟ ନଥାଏ। ଭିନ୍ନଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସେ ଯୋଗଦେବାକୁ ଆଗ୍ରହ ପ୍ରକାଶ କରୁଥିଲେ କାରଣ ସେ ଦର୍ଶନ ବିଷୟରେ ଆଲୋଚନାପାଇଁ ଅଧିକଲୋକଙ୍କ ଉପସ୍ଥିତ ଲୋଡୁଥିଲେ। ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ଅତ୍ୟଧିକ ମଦ୍ୟପାନ କରୁଥିଲେ ମଧ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁନଥିଲେ। ସଦା ଭଦ୍ର ତଥା ଶାନ୍ତସରଳ ସ୍ୱଭାବ ଆଚରଣ ପ୍ରଦର୍ଶନ କରୁଥିଲେ। ଏକ ନିର୍ଦ୍ଦିଷ୍ଟ ପୋଷାକକୁ ବହୁଦିନଧରି ପରିଧାନ ସହ ନିଜ ଶାରିରିକ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉନଥିଲେ କିନ୍ତୁ ସର୍ବସାଧାରଣ ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ପ୍ରତି ସେ ବହୁ ସଚେତନ ଥିଲେ । କିନ୍ତୁ ଆମ କ୍ଷେତ୍ରରେ ଏହାର ବ୍ୟତିକ୍ରମ। ଆମେ ନିଜକୁ ଅଧିକ ସ୍ୱଚ୍ଛ ଓ ପରିଷ୍କାର ପାଇଁ ସଦାସର୍ବଦା ଯତ୍ନଶୀଳ କିନ୍ତୁ ସର୍ବସାଧାରଣ ଜାଗାକୁ ଅପରିଷ୍କାର ନଷ୍ଟଭ୍ରଷ୍ଟ କରି କଦାଗାର ବିଭତ୍ସ କରିବାରେ ଆମେ ବ୍ୟସ୍ତ। ଆମେ ଯେତେ ଶିକ୍ଷିତ ସଭ୍ୟ ବୋଲି ନିଜକୁ ପରିଚୟ ଦେଉଛେ କିନ୍ତୁ ଆଚରଣରେ ସେତିକି ଅଜ୍ଞାନତା ତଥା ଅସଭ୍ୟତା ପ୍ରଦର୍ଶିତ ହେଉଛି । ନୈତିକ ତଥା ଆଦର୍ଶଗତ ଉପଦେଶ, ଅଭିଭାଷଣ ଦେବାରେ ଆମେ ଯେତିକି ଆନନ୍ଦ ଅନୁଭବ କରନ୍ତି ସେତେଟା କାର୍ଯ୍ୟକ୍ଷେତ୍ରରେ ଦେଖିବାକୁ ମିଳୁନି। ଏଥିରୁ ସ୍ପଷ୍ଟ ଯେ ନୈତିକତାକୁ ଚର୍ଚ୍ଚା କରୁଥିବା ବ୍ୟକ୍ତି ନୈତିକତା ପ୍ରତି କେତେ ସଚେତନ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ମୁଣ୍ଡଳୀ ବ୍ୟାରେଜ୍ ନିକଟସ୍ଥ ମହାନଦୀରେ ବୁଲୁଛି କୁମ୍ଭୀର

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**



ବାରଙ୍ଗ ଥାନା ଅଧୀନସ୍ଥ ମୁଣ୍ଡଳୀ ବ୍ୟାରେଜ୍ ନିକଟସ୍ଥ ମହାନଦୀରେ କୁମ୍ଭୀର ଆତଙ୍କ ଦେଖାଦେଇଛି । ନଦୀ ପଠା ବାଲିରେ ଶୁକ୍ରବାର ସକାଳୁ ଏକ କୁମ୍ଭୀର ଶୋଇଥିବା କିଛି ଲୋକ ଦେଖିଥିଲେ। ଏହି ଘଟଣା ପ୍ରଚାରିତ ହେବାପରେ କୁମ୍ଭୀର ଦେଖିବା ପାଇଁ ଲୋକଙ୍କ ଭିଡ ଆରମ୍ଭ ହୋଇଯାଇଥିଲା। ସେତୁ ଉପରେ ଏମିତି ଭିଡ ହୋଇଥିଲା ଯେ ଟ୍ରାଫିକ୍ ନିୟନ୍ତ୍ରଣ କରିବାକୁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। କୁମ୍ଭୀରଟିର ଲମ୍ବ ପ୍ରାୟ ୧୦ ରୁ ୧୨ ଫୁଟ୍ ହେବ ବୋଲି ଅନୁମାନ କରାଯାଉଛି । ମହାନଦୀରେ କୁମ୍ଭୀର ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିବା ବେଳେ ଅନ୍ୟପଟେ କୁମ୍ଭୀର ଦେଖିବାକୁ ମୁଣ୍ଡଳୀ ବ୍ୟାରେଜ୍‌ରେ ଲୋକଙ୍କ ଭିଡ଼ ଜମିଥିଲା। ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଥିଲେ । ପରେ ବନବିଭାଗ କର୍ମଚାରୀମାନେ ଆସିବା ପରେ ନଦୀ ମଧ୍ୟକୁ ପଶି କୁମ୍ଭୀର ପାଖକୁ ଯିବା ପାଇଁ ଉଦ୍ୟମ କରୁଥିବା ବେଳେ ଲୋକ ଗହଳି ଶବ୍ଦରେ କିଛି ସମୟ ପରେ କୁମ୍ଭୀରଟି ନଦୀ ମଧ୍ୟକୁ ପଳାଇଯାଇଥିଲା । ମହାନଦୀ ତଟବର୍ତ୍ତୀ ଗ୍ରାମଗୁଡିକ ନଦୀରେ କୁମ୍ଭୀର ଥିବା ଜଣାପଡ଼ିବା ପରେ ଲୋକମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନବିଭାଗ କର୍ମଚାରୀମାନେ ଆସି ନଦୀକୂଳ ଗ୍ରାମବାସୀଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ।

# ବେଆଇନ୍ ବାଲିଘାଟ ରୋକିବା ପାଇଁ ପ୍ରଶାସନର ପ୍ରୟାସ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ବିଭିନ୍ନ ତହସିଲ ଅଞ୍ଚଳରୁ ଭିନ୍ନ ଭିନ୍ନ ନଦୀରୁ ଦିନକୁ ଦିନ ଚୋରାରେ ବେଆଇନ୍ ବାଲି ଚାଲାଣ ହେଉଛି । ମାଫିଆମାନେ ନଦୀମାନଙ୍କରେ ଜେସିବି ଲଗାଇ ବିଭିନ୍ନ ଟ୍ରାକ୍ଟର ଓ ହାଇୱା ମାଧ୍ୟମରେ ଜିଲ୍ଲା ତଥା ବାହାର ରାଜ୍ୟକୁ ବେଆଇନ୍ ଭାବେ ବାଲି ଚାଲାଣ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ବେଳେ ସରକାର ରାଜସ୍ୱ ହରାଉଛନ୍ତି । ଏନେଇ ବାରମ୍ବାର ଅଭିଯୋଗ ଓ ଗଣମାଧ୍ୟମରେ ଖବର ପ୍ରସାରିତ ହେବାପରେ ଜିଲ୍ଲା ପ୍ରଶାସନ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଥିବା ବେଳେ ସେପଟେ ସରକାର ବଦ୍‌ନାମ୍ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଯାଜପୁର ଜିଲ୍ଲା ଦର୍ପଣ ତହସିଲ ଅନ୍ତର୍ଗତ ଜନକ ପଞ୍ଚାୟତ ବଡବାଲିକୁଦା କେଲୁଅ ନଦୀରୁ ବେଆଇନ୍ ଭାବେ ନଦୀ ବନ୍ଧକୁ କାଟି ରାସ୍ତା କରାଯାଇ ବାଲି ଉତ୍ତୋଳନ କରାଯାଉଥିବା ସ୍ଥାନକୁ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତାକୁ କାଟି ଦିଆଯାଇଥିବା ଦେଖିବାକୁ ମିଳିଛି । ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଜିଲ୍ଲା ବିଭାଗ ଅଧିକାରୀ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ବାଲିଚନ୍ଦ୍ରପୁର ପୋଲିସ ଉପସ୍ଥିତ ରହିଥିଲେ । ଏହି ଚଡଉ ହେବା ଭୟରେ ବାଲି ମାଫିଆମାନେ ଛତ୍ରଭଙ୍ଗ ଦେଇଥିବା ଦେଖିବାକୁ ମିଳିଛି ।

# ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ଧରାପଡ଼ିଲେ ୪ ସରକାରୀ କର୍ମଚାରୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ସରକାରୀ ଚାକିରୀ କରିଥିବା ଅଭିଯୋଗରେ ୪ ଜଣ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ସମସ୍ତ ୪ ଜଣ କନ୍ଧମାଳ ଜିଲ୍ଲାର ଥିବା ଜଣାପଡ଼ିଛି । ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ତଥା ରାଜ୍ୟସ୍ତରୀୟ ଯାଞ୍ଚ କମିଟିର ଅଧ୍ୟକ୍ଷ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୋଟ୍ ୪୫ଟି ମାମଲା ବିଚାରଣା ପାଇଁ ଥିଲା । ସେଥିମଧ୍ୟରୁ ୧୬ଟିର ଶୁଣାଣି ଓ ଅବିଶିଷ୍ଟ ୨୯ଟି ରାୟ ପାଇଁ ଉଦ୍ଦିଷ୍ଟ ଥିଲା । ୧୬ଟି ଅଭିଯୋଗର ଶୁଣାଣି ହୋଇଥିବାବେଳେ ରାୟ ପାଇଁ ଥିବା ୨୯ଟି ଅଭିଯୋଗ ମଧ୍ୟରୁ ୪ଟି ଚୂଡାନ୍ତ ରାୟ ପ୍ରକାଶ ପାଇଛି । ଅବଶିଷ୍ଟ ୨୫ଟି ଅଭିଯୋଗର ରାୟ ଆସନ୍ତା ଜାନୁଆରୀରେ ଅର୍ଥାତ୍ କମିଟିର ପରବର୍ତ୍ତୀ ବୈଠକରେ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି । ବୈଠକରେ ଚିହ୍ନଟ ହୋଇଥିବା କନ୍ଧମାଳ ଜିଲ୍ଲାର ୪ ଜଣଙ୍କ ମଧ୍ୟରେ ଜଣେ ସିଆରପିଏଫ୍ କନେଷ୍ଟବଳ ରହିଥିବା ବେଳେ ଜଣେ ପଞ୍ଚାୟତରାଜ ବିଭାଗର କନିଷ୍ଠ କିରାଣି ଥିବା ଜଣାପଡ଼ିଛି । ସେହିଭଳି ଜଣେ ଫରେଷ୍ଟର ଓ ଅନ୍ୟଜଣେ ସହକାରୀ ଶିକ୍ଷକ ଥିବା ଜଣାପଡ଼ିଛି । ୨୦୧୦-୧୧ ମସିହାରୁ ଦକ୍ଷିଣାଞ୍ଚଳର ୮ଟି ଜିଲ୍ଲା ଯଥା କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ମାଲକାନାଗିରି, ଗଞ୍ଜାମ, ଗଜପତି, କନ୍ଧମାଳ ଓ କଳାହାଣ୍ଡି ଭଳି ଜିଲ୍ଲାରୁ ମୋଟ୍ ୧୪୬୬ଟି ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ସରକାରୀ ଚାକିରୀ କରୁଥିବା ଅଭିଯୋଗ ହୋଇଥିଲା । ସେଥିମଧ୍ୟରୁ ଇତି ମଧ୍ୟରେ ୬୭୫ଟି ଅଭିଯୋଗ ବିଚାରଣା ଅପେକ୍ଷାରେ ରହିଛି । ଯାଞ୍ଚ କମିଟି ବୈଠକରେ ଅଧ୍ୟକ୍ଷ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସମେତ ଉଭୟ କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ଜିଲ୍ଲା ମଙ୍ଗଳ ଅଧିକାରୀ, ଉପଆରକ୍ଷୀ ଅଧିକ୍ଷକ ପ୍ରମୁଖଙ୍କ ସହିତ କମିଟିର ଆବାହକ ତଥା ଦକ୍ଷିଣାଞ୍ଚଳ କମିଶନରଙ୍କ କାର୍ଯ୍ୟାଳୟର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଉପ ନିର୍ଦ୍ଦେଶକ ଅଶୋକ କୁମାର ଶତପଥୀ ଉପସ୍ଥିତଥିଲେ । ଯାଞ୍ଚ କମିଟି ବୈଠକରେ ଚିହ୍ନଟ ନକଲି ଜାଲ୍ ଜାତିଗତ ପ୍ରମାଣପତ୍ରଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ଜଣାପଡ଼ିଛି ।

# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାର ୧୨୭ ଜଣ ତୀର୍ଥଯାତ୍ରୀଙ୍କ ରାମେଶ୍ୱରମ ଏବଂ ମଦୁରାଇ ଯାତ୍ରାର ଶୁଭାରମ୍ଭ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ସମ୍ବଲପୁର ଠାରୁ ରାମେଶ୍ୱରମ ଏବଂ ମଦୁରାଇ ଅଭିମୁଖେ ଆଧ୍ୟାତ୍ମିକ ଯାତ୍ରାରେ ବରଗଡ଼ ଜିଲ୍ଲାର ମୋଟ୍ ୧୨୭ ଜଣ ବରିଷ୍ଠ ନାଗରିକ ତଥା ତୀର୍ଥଯାତ୍ରୀଙ୍କ ଯାତ୍ରା ଶୁଭାରମ୍ଭ ହୋଇଛି । ସ୍ଥାନୀୟ ଟାଉନ୍ ହଲ୍ ଠାରେ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ସିଂହ ପ୍ରଚେଷ୍ଟାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲା, ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ, ଡେପୁଟି କଲେକ୍ଟର ସୁନୀତି ପଣ୍ଡା ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ପଟ୍ଟନାୟକ ଉପସ୍ଥିତ ରହି ଯାତ୍ରାର ଶୁଭାରମ୍ଭ କରିଥିଲେ ଓ ଏହି ତୀର୍ଥ ଯାତ୍ରା ସମୟରେ ବରିଷ୍ଠ ନାଗରିକଙ୍କୁ ସହଯୋଗ କରିବା ପାଇଁ ଭେଡେନ୍ ବ୍ଲକ ବିଏସ୍ଏସ୍ଓ ଚକ୍ରପାଣି ଦାଶ, ବରଗଡ଼ ତହସିଲ କନିଷ୍ଠ ରାଜସ୍ୱ ସହାୟକ ଅରୁଣ ରାଜହଂସ, ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ଅମିତ କୁମାର ସାହୁ ଏବଂ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ନିୟୋଜିତ କନିଷ୍ଠ ରାଜସ୍ୱ ସହାୟକ ଆଲୋକ ଗରିଆଙ୍କୁ ଏସ୍କର୍ଟ ଅଫିସର ଭାବେ ଜିଲ୍ଲା ପ୍ରଶାସନ ତରଫରୁ ନିଯୁକ୍ତ କରାଯାଇଛି।

# ସମବାୟ ସମିତିରେ ଅନିୟମିତତା ଅଭିଯୋଗ:ତଦନ୍ତ ନିର୍ଦ୍ଦେଶ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ଥାନା ଅଧିନ ରାହାମା ବଜାରରେ ଥିବା ସାଇଲୋ ସେବା ସମବାୟ ସମିତିରେ ଦୁର୍ନୀତି ଓ ଅନିୟମିତତାକୁ ନେଇ ଅଭିଯୋଗ ହୋଇଥିଲା । ସାଇଲୋ ଓ ତାଳପଡା ପଞ୍ଚାୟତର ସମସ୍ତ କୃଷକମାନେ ଏହି ସମବାୟ ସମିତି ଉପରେ ନିର୍ଭର କରନ୍ତି । ଏହି ସମବାୟ ସମିତିରେ ୨/୩ ବର୍ଷ ହେବ ଧାନମଣ୍ଡିରେ ବ୍ୟାପକ ଅନିୟମିତତା ହେଉଛି ବୋଲି କୃଷକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶପାଇଛି । ଖରିଫ ଧାନ -୨୦୨୫ ସଂଗ୍ରହ ପାଇଁ ସ୍ଥିର ହୋଇଥିବା ପଞ୍ଜିକରଣ ତାରିଖ ମଧ୍ୟରେ କୃଷକମାନେ ଜମିର ସମସ୍ତ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ ମଧ୍ୟ, ସମ୍ପାଦକଙ୍କର ଟାଳଟୁଳ ନୀତି ଯୋଗୁ କିଛି କୃଷକମାନଙ୍କର ପଞ୍ଜିକରଣ ହୋଇପାରିଲା ନାହିଁ । ତନ୍ମଧ୍ୟରୁ କ୍ରମିକ ନମ୍ବର ୬୫ ଥିବା କୃଷକ ଅନ୍ୟତମ । ଖରିଫ-୨୦୨୪ ବିକ୍ରୟ କମିଟିର ଜଣେ ସଦସ୍ୟ କୃଷକମାନଙ୍କ ଠାରୁ ୧୫୦୦/୨୦୦୦ ଟଙ୍କା ନେଇ, ସେମାନଙ୍କର ଧାନ ମଣ୍ଡିକୁ ନନେଇ ସିଧା ସମବାୟ ସମିତି ପାଇଁ ସ୍ଥିର ହୋଇଥିବା ମିଲକୁ ପଠାଉଥିଲେ । ଏହି ଟଙ୍କା ଆଦାୟ ବିଷୟରେ ସମ୍ପାଦକଙ୍କୁ ଜଣାଇବା ପରେ, ସମ୍ପାଦକ ମହୋଦୟ କହିଲେ, ସେ ପିଲା ମିଲ୍‌କୁ ଯାଉଛି, ଅଫିସରଙ୍କ ସହିତ ଯୋଗାଯୋଗ କରୁଛି । ସେଥିପାଇଁ ସେ ଖର୍ଚ୍ଚ ପାଇଁ କିଛି ଟଙ୍କା ଆଦାୟ କରୁଥିବ । ପୁନଶ୍ଚ ସମ୍ପାଦକ ମହୋଦୟ କିଛି ବଡ଼ କୃଷକମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରି ତାଙ୍କର କିଛି ନିଜର ଲୋକଙ୍କୁ ନେଇ ଭୋଜି କରି ଖାଇଥିବାର ଶୁଣିବାକୁ ମିଳୁଛି । ଏହିସବୁ ଅନିୟମିତତା ବିଷୟରେ ସମିତିର ସଭାପତିଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ, ସେ ଏହି ଅଭିଯୋଗକୁ ଗୁରୁତ୍ୱ ଦେଉନାହାନ୍ତି । ତତ୍ସହିତ ଦୁଇ ବର୍ଷ ହେବ ସାଧାରଣ ସଭା ହୋଇନାହିଁ କି ଚାରିପାଞ୍ଚ ବର୍ଷ ହେବ ସମିତି ଓ ମିନି ବ୍ୟାଙ୍କର ଆୟବ୍ୟୟର ସମୀକ୍ଷା କରାଯାଉନାହିଁ । ମଣ୍ଡିରେ ଧାନ ସଂଗ୍ରହବେଳେ ସମ୍ପାଦକଙ୍କ ପ୍ରରୋଚନାରେ ବ୍ୟାପକ ଅନିୟମିତତା ହେଉଥିବାର ଆଲୋଚନା ହେଉଛି । ଏହି ସବୁ ଅଭିଯୋଗକୁ ନେଇ, ଓଡ଼ିଶା ମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀ, ଏ.ଆର୍ ଭୁବନେଶ୍ୱର, ଜିଲ୍ଲାପାଳ ଜଗତସିଂହପୁର, ଡି. ଆର୍ ଜଗତସିଂହପୁର, ବି.ଡି.ଓ କୁଜଙ୍ଗ, ମ୍ୟାନେଜର କଟକ ସମବାୟ ବ୍ୟାଙ୍କ କୁଜଙ୍ଗ ଶାଖାଙ୍କ ନିକଟରେ ବୋର୍ଡ଼ ମେମ୍ବର ରବିନାରାୟଣ ସାହୁ, ଜ୍ୟୋତିରଞ୍ଜନ ସାହୁ, ଗଜେନ୍ଦ୍ର କୁମାର ବିଶ୍ୱାଳ, ଶରତ ଚନ୍ଦ୍ର ଦାସ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପ୍ରମୋଦ କୁମାର ସାହୁ, ନିତ୍ୟାନନ୍ଦ ସିଂହ, ବାବୁଲା ସାହୁ, ନୃସିଂହ ଚରଣ ସେନାପତି, ଭିକାରି ଚରଣ ସେନାପତି, ପୂର୍ଣ୍ଣ ଚନ୍ଦ୍ର ସାହୁ ଇତ୍ୟାଦି ଅନେକ କୃଷକ ଅଭିଯୋଗ କରିଛନ୍ତି । ଏହିସବୁ ଅନିୟମିତତା କାର୍ଯ୍ୟର ତଦନ୍ତ କରି ସତ୍ୟାସତ୍ୟ ପ୍ରକାଶ କରିବାକୁ ସର୍ବସାଧାରଣରେ ଦାବିହେଉଛି । ଏହି ଅଭିଯୋଗପାଇ ଆଡିସ୍ନାଲ୍ ସେକ୍ରେଟାରୀ ଧରିତ୍ରୀ ମିଶ୍ର ଚିଠି ନଂ-୧୨୮୧୫ତା.୪.୧୧.୨୫.ରିଖରେ ତଦନ୍ତ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

# ସମ୍ବଲପୁର ରେଳଷ୍ଟେସନ୍ ଠାରୁ ରାମେଶ୍ୱରମ-ମଦୁରାଇ ଅଭିମୁଖେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ୍‌ର ଶୁଭାରମ୍ଭ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**



ସମ୍ବଲପୁରରୁ ରାଜ୍ୟ ସରକାର (ପର୍ଯ୍ୟଟନ ବିଭାଗ), ରେଳବାଇ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ, 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା' ଅଧିନରେ ୭୭୫ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ସମ୍ବଲପୁର ରେଳଷ୍ଟେସନ୍ ଠାରୁ ରାମେଶ୍ୱରମ-ମଦୁରାଇ ପବିତ୍ର ତୀର୍ଥସ୍ଥଳ ଅଭିମୁଖେ ଏକ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ୍ ଯାତ୍ରା ଆରମ୍ଭ କରିଛି । ଏହି ଅବସରରେ ବିଧାୟକ ସମ୍ବଲପୁର ଜୟନାରାୟଣ ମିଶ୍ର, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ତଥା ରେଙ୍ଗାଲିର ନାଉରି ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଇକ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ (ଭା.ପୋ.ସେ), ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଭା.ପ୍ର.ସେ), ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ (ଭା.ପୋ.ସେ), ସମ୍ବଲପୁର, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ କ୍ଷତ୍ରି (ଭା.ପ୍ର.ସେ), ଡିସିଏମ୍ (railway) ଗରିମା ତିୱାରି, Additional Divisional Railway Manager (ADRM) ମଞ୍ଜୀତ ସିଂହ ସମବନ୍ଦମୂଳ ପ୍ରମୁଖ ଉପସ୍ଥିତ ରହି ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ବିଧାୟକ ସମ୍ବଲପୁର ଜୟନାରାୟଣ ମିଶ୍ର ଓଡ଼ିଶା ସରକାରଙ୍କ ପ୍ରଚେଷ୍ଟାରୁ ବରିଷ୍ଠ ନାଗରିକମାନେ ଚାରିଧାମରୁ ଗୋଟିଏ ଧାମ ପରିଦର୍ଶନ କରିବାର ସୌଭାଗ୍ୟ ପାଇଛନ୍ତି ବୋଲି ପ୍ରକାଶ କରିଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଭା.ପ୍ର.ସେ) ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିନରେ ରାମେଶ୍ୱରମ-ମଦୁରାଇ ପବିତ୍ର ତୀର୍ଥସ୍ଥାନ ଅଭିମୁଖେ ୨୦୨୫ ଆର୍ଥିକ ବର୍ଷ ଏହା ଦ୍ୱିତୀୟ ଯାତ୍ରା ବୋଲି ସୂଚନା ଦେଇ ସମସ୍ତଙ୍କର ସଫଳ ଏବଂ ମଙ୍ଗଳ ଯାତ୍ରା ପାଇଁ ପ୍ରାର୍ଥନା କରିଥିଲେ। ସମ୍ବଲପୁର, ସୁବର୍ଣ୍ଣପୁର, ଦେଓଗଡ଼, ଅନୁଗୁଳ, ଝାରସୁଗୁଡ଼ା, ସୁନ୍ଦରଗଡ଼, ବଲାଙ୍ଗିର, ବରଗଡ଼ରୁ ସମୁଦାୟ ୭୭୫ ଜଣ ତୀର୍ଥଯାତ୍ରୀଙ୍କ ସହିତ ୨୫ ଜଣ ଏସ୍କର୍ଟ ଅଧିକାରୀ ଏହି ଯାତ୍ରାରେ ଯାଉଛନ୍ତି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ସୂଚନା ଅନୁଯାୟୀ ଏହି ଯୋଜନା ମାଧ୍ୟମରେ ସମ୍ବଲପୁର ରେଳଷ୍ଟେସନ୍ ଠାରୁ ରାମେଶ୍ୱରମ-ମଦୁରାଇ ପବିତ୍ର ତୀର୍ଥସ୍ଥଳ ଅଭିମୁଖେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ୍‌ରେ ସମ୍ବଲପୁର ଜିଲ୍ଲାରୁ ୮୯, ସୁବର୍ଣ୍ଣପୁର-୫୨, ଦେଓଗଡ଼-୨୭, ଅନୁଗୁଳ-୧୦୯ ଜଣ, ଝାରସୁଗୁଡ଼ା-୫୦, ସୁନ୍ଦରଗଡ଼-୧୮୦, ବଲାଙ୍ଗିର-୧୪୧, ବରଗଡ଼-୧୨୭ ଅଦ୍ୟାବଧି ୭୭୫ ଜଣ ଯାତ୍ରୀ ବରିଷ୍ଠ ନାଗରିକ, ରାମେଶ୍ୱରମ ଓ ମଦୁରାଇ ଭଳି ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପାଇଛନ୍ତି । IRCTC ଦ୍ୱାରା ଯାତ୍ରା ସମୟରେ ଯାତ୍ରୀମାନଙ୍କ ପାଇଁ ଖାଦ୍ୟ, ପାନୀୟ, ଯିବା ଆସିବା ଏବଂ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଛି ଏହା ସହିତ ସ୍ୱାସ୍ଥ୍ୟଜନିତ ସମସ୍ୟା ନିମନ୍ତେ ଏକ ଡାକ୍ତରି ଟିମ୍ ଏବଂ ୨୫ ଜଣ ଏସ୍କର୍ଟ ଅଧିକାରୀ ମଧ୍ୟ ରହିଛନ୍ତି ।





# ଅଙ୍ଗନବାଡ଼ି କେନ୍ଦ୍ରରେ ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ସ୍କୁଲ ବ୍ୟାଗ ବଣ୍ଟନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ଆର୍ଯ୍ୟପଲ୍ଲୀ ଓ କଣମଣା ପଞ୍ଚାୟତ ଅଧୀନରେ ଥିବା ୨୦ରୁ ଅଧିକ ଅଙ୍ଗନବାଡି କେନ୍ଦ୍ରର ଛୋଟ ଛୋଟ ଶିଶୁମାନଙ୍କୁ ୫୦୦ରୁ ଅଧିକ ସ୍କୁଲ ବ୍ୟାଗ୍, ପାଣିବୋତଲ ଓ ଡ୍ରୟଙ୍ଗ କିଟ୍ ସହିତ ଅନ୍ୟାନ୍ୟ ଆବଶ୍ୟକ ଶିକ୍ଷା ସାମଗ୍ରୀ ଯଥା ପେନ୍ସିଲ୍, ରବର, ରୁଲର୍ ଆଦି ବଣ୍ଟନ କରାଯାଇଛି । ନୂଆସାହି ଅଙ୍ଗନବାଡି କେନ୍ଦ୍ରରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ୯ନଂ ୱାର୍ଡ କାଉନ୍ସିଲର ପ୍ରୀତିଛନ୍ଦା ସାମଲ ଯୋଗଦେଇ ପିଲାମାନଙ୍କୁ ସ୍କୁଲ ବ୍ୟାଗ୍ ବାଣ୍ଟିବା ସହ ଏହି ଉଦ୍ୟମକୁ ସ୍ୱାଗତ କରିଥିଲେ । ସେ କହିଥିଲେ, ଆଦାନୀ ଫାଉଣ୍ଡେସନ୍‌ର ଏହି ପଦକ୍ଷେପ ଛୋଟ ଛୋଟ ଶିଶୁମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହ ବଢାଇବାରେ ନିଶ୍ଚିତ ସହଯୋଗ କରିବ । ଆଦାନୀ ଫାଉଣ୍ଡେସନ୍‌ର ଏହି ପ୍ରୟାସ ଗୋପଳପୁର ବନ୍ଦରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଚାଲୁଥିବା ବିଭିନ୍ନ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ ଅଟେ । ଆଦାନୀ ଫାଉଣ୍ଡେସନ୍ ଶିକ୍ଷା କ୍ଷେତ୍ରରେ ସ୍ଥାନୀୟ ବିଦ୍ୟାଳୟରେ ଶିକ୍ଷା ଭିତ୍ତିଭୂମିକୁ ଉନ୍ନତ କରିବା ଦିଗରେ ସ୍କୁଲ ଆସବାବ ଉପକରଣ ସାମଗ୍ରୀ ବଣ୍ଟନ, ଏଲଇଡି ସ୍କ୍ରିନ୍ ମାଧ୍ୟମରେ ଡିଜିଟାଲ୍ ଶ୍ରେଣୀଗୃହ ଯୋଗାଇବା ଏବଂ ବିଶୁଦ୍ଧ ପାନୀୟ ଜଳ ଆଦି ଯୋଗାଇଆସୁଛି । ସ୍ଥାନୀୟ ନେତୃମଣ୍ଡଳ ଓ ବୁଦ୍ଧିଜୀବୀଙ୍କ ସହ ମିଳିତ ଭାବେ ସମନ୍ୱୟ ରକ୍ଷା କରି ଆଦାନୀ ଫାଉଣ୍ଡେସନ୍ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ସମାଧାନ କରିବା ସହ ବନ୍ଦରର ପାରିପାର୍ଶ୍ୱିକ ଗ୍ରାମଗୁଡିକର ସାମଗ୍ରିକ ବିକାଶରେ ସହଯୋଗ କରିବା ପାଇଁ ବଦ୍ଧପରିକର ଅଟେ।

# ବନ କର୍ମଚାରୀଙ୍କୁ ମାଡ଼ ମାରିଲେ ଗ୍ରାମବାସୀ

**ଯଶିପୁର, ନ୍ୟୁଜ୍ ବ୍ୟୁରୋ**



ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବନ କର୍ମଚାରୀ ମାନଙ୍କୁ ଗ୍ରାମବାସୀମାନେ ସଙ୍ଗବଦ୍ଧ ଭାବେ ଆକ୍ରମଣ କରିବା ନେଇ ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେବାରେ ଲାଗିଛି। ବନପାଳକୁ ଗ୍ରାମବାସୀମାନେ ଜୋତାରେ ନିର୍ଦ୍ଧୁମ୍ ମାଡ଼ ମାରୁଥିବା ବେଳେ ଅଟକାଇବାକୁ ଯାଇଥିବା ଅତିରିକ୍ତ ବନ ସଂରକ୍ଷକଙ୍କୁ ମଧ ମାଡ଼ ମାରିଛନ୍ତି। ଏହିପରି ଘଟଣା ଶିମିଳିପାଳ ଅଭୟାରଣ୍ୟର ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ବରେହିପାଣି ରେଞ୍ଜ କାର୍ଯ୍ୟାଳୟରେ ଘଟିଛି। ବନ ବିଭାଗ କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଶ୍ରମିକ ଭାବେ କାମ କରିଥିଲେ। କିନ୍ତୁ ତାଙ୍କର ବକେୟା ଟଙ୍କା ବନ କର୍ମଚାରୀମାନେ ପ୍ରଦାନ କରୁନାହାଁନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ବକେୟା ମଜୁରୀ ଟଙ୍କା ପାଇଁ ନିର୍ଦ୍ଧୁମ୍ ପିଟିଛନ୍ତି। ବରେହିପାଣି ରେଞ୍ଜ ବନପାଳ କାଳିଚରଣ ନାଏକ ଓ ଚହଲା ଅତିରିକ୍ତ ବନ ସଂରକ୍ଷକ ଲମ୍ବୋଦର ବାସ୍କେ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଲୋକେ ବକେୟା ଟଙ୍କା ପ୍ରଦାନ ଦାବିରେ ବରେହିପାଣି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ତେବେ ହଠାତ୍ ବନପାଳଙ୍କୁ ଦେଖି କାର୍ଯ୍ୟାଳୟକୁ ଧସେଇ ପସି ଆକ୍ରମଣ କରିଥିଲେ। ଜୋତାରେ ମାଡ଼ ମାରିବା ସହ ଠେଲା ପେଲା କରିଥିଲେ। ଯାହାର ଭିଡ଼ିଓ ମୋବାଇଲ୍‌ରେ କଏଦ୍ ହୋଇଥିବାବେଳେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ତେବେ ଖବର ଲେଖା ଯିବା ପର୍ଯ୍ୟନ୍ତ ଏ ଘଟଣାକୁ ନେଇ ଥାନାରେ ବନବିଭାଗ ପକ୍ଷରୁ କୌଣସି ଅଭିଯୋଗ ହୋଇଥିବାର ସୂଚନା ନାହିଁ। ଏନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି। ତେବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ନିଜସ୍ୱ ଅଞ୍ଚଳରେ ବନ କର୍ମଚାରୀ ଆକ୍ରମଣର ଶିକାର ହୋଇଛନ୍ତି।

# ନୁରିଆରେ ଉପ ଜିଲ୍ଲାପାଳଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ନୁରିଆ ଠାରେ ଧାନ ମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପ୍ୟାକ୍ସ ସଭାପତି କନ୍ଦର୍ପ ସୁଆର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନୀଲ କୁମାର ମେହେର, ସମ୍ମାନୀତ ଅତିଥି ରୂପେ ପାଟଣାଗଡ଼ ସମବାୟ ସହ ନିବନ୍ଧକ ରଥ ଇବ୍ରାହିମ୍, ଖପ୍ରାଖୋଲ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଯୋଗୀମୁଣ୍ଡ ଆର୍‌ଏମ୍‌ସି ସମ୍ପାଦକ କ୍ଷମାନିଧି ଗଡତ୍ୟା, ଯୋଗାଣ ନୀରିକ୍ଷକ ବିକାଶବାର୍ଲା, ପ୍ୟାକ୍ସ ସମ୍ପାଦକ ଜଗଦୀଶ ରଣା ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମେ ପୂଜା ପାଠ ସହିତ ବିଭିନ୍ନ ମାପ ଯନ୍ତ୍ର ପୂଜା ହୋଇଥିଲା। ପରେ ନଡ଼ିଆ ଭାଙ୍ଗି ମଣ୍ଡି ଉଦ୍‌ଘାଟନ ହୋଇଥିଲା। ସୂଚନା ଅନୁସାରେ ଏହି ମଣ୍ଡିରେ ଚଳିତ ବର୍ଷ ୧ ହଜାର ୨୭ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନ ୧୬ ଜଣ ଚାଷୀ ୭୪୨ କୁଇଣ୍ଟାଲ ଧାନ ବିକ୍ରି କରିବେ ବୋଲି ଜଣାଯାଇଛି। ଏହି ଅବସରରେ ଲଳିତ ବାଗ, ସୁଦାମ ସୁଆର, ସାନନ୍ଦ ଠାକୁର, ସାନନ୍ଦ ଯୋଶୀ, ସଞ୍ଜୀବ ପଟେଲ, ପ୍ରଦୀପ ସିଂଦେଓ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ସେହିପରି ଖପ୍ରାଖୋଲ ପେକ୍ସରେ ମଧ୍ୟ ଧାନ ମଣ୍ଡି ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ପଦ୍ମ କୁମାର ସିଂ ବରିହାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସଭାପତି ଗୁଣମଣି ଭୋଇ, ସମ୍ପାଦକ ଶ୍ରୀପତି ଭୋଇ, ବିଡିସିସି ଲାଠରର ପରିଚାଳକ କିଶୋର ପଟେଲ ସମେତ ପେକ୍ସ ନିର୍ଦ୍ଦେଶକ ଚାଷୀ ଉପସ୍ଥିତ ଥିଲେ।



# କେନ୍ଦ୍ରାପଡା କ୍ରେଡିଟ୍ ପକ୍ଷରୁ କର୍କଟ ରୋଗୀଙ୍କୁ ସହାୟତା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି ମୁଖ୍ୟ ଶାଖା ପକ୍ଷରୁ କେନ୍ଦ୍ରାପଡ଼ା ବ୍ଲକ ନିକିରାଇ ପଞ୍ଚାୟତର ରକ୍ତକର୍କଟ ରୋଗୀ ସରୋଜ ପଣ୍ଡା (ବାବୁ)ଙ୍କ ପତ୍ନୀ ସରୋଜିନୀ ତ୍ରିପାଠୀଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶ୍ରୀମତୀ ତ୍ରିପାଠୀ ରକ୍ତ କର୍କଟରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଆୟୁଷ୍ମାନ ଯୋଜନାରେ ଥିବା ବୀମା ରାଶି ଶେଷ ହୋଇଯାଇଛି। ତାଙ୍କର ଚିକିତ୍ସା ପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଛି। ଏହି ଖବର ଜାଣିବା ପରେ କେନ୍ଦ୍ରାପଡ଼ା କ୍ରେଡିଟ୍ ସୋସାଇଟିର ସଭାପତି ପ୍ରମୋଦ କୁମାର ସାହୁ ଶ୍ରୀମତୀ ତ୍ରିପାଠୀଙ୍କ ଚିକିତ୍ସା ପାଇଁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ ସଭାପତି ଶ୍ରୀ ସାହୁ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠି ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚିକିତ୍ସା ପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ସହାୟତା ଯୋଗାଇ ଦେବାପାଇଁ ନିବେଦନ କରିଛନ୍ତି। ଶ୍ରୀ ସାହୁ କହିଛନ୍ତି ଯେ, କେନ୍ଦ୍ରାପଡ଼ା କ୍ରେଡିଟ୍ ସୋସାଇଟି ବ୍ୟବସାୟ ସହ ସାମାଜିକ ଦିଗ ପ୍ରତି ଅଙ୍ଗୀକାରବଦ୍ଧ। ସୋସାଇଟି ଅନେକ ସମାଜସେବା କାର୍ଯ୍ୟ ଯେପରି ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନଙ୍କୁ ସହାୟତା, ଗରିବ ଓ ଅସହାୟ ରୋଗୀଙ୍କୁ ସହାୟତା, ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ ପ୍ରଦାନ କରିଥାଏ। ଏହି ସହାୟତା କାର୍ଯ୍ୟକ୍ରମରେ ସମିତିର ମୁଖ୍ୟ ସାଧାରଣ ପରିଚାଳକ ମନୋଜ ସାହୁ ଓ ମୁଖ୍ୟ ଶାଖା ବରିଷ୍ଠ ପରିଚାଳକ ପଙ୍କଜ ମଲ୍ଲିକ ଉପସ୍ଥିତ ଥିଲେ।

# ମେସର୍ସ ବୈତରଣୀ ଆଇରନ୍ ଓର୍ ଖଣି ଜନଶୁଣାଣି ସଫଳ





**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା, ବଡ଼ବିଲ ତହସିଲ ଅନ୍ତର୍ଗତ ଇଙ୍ଗାଣୀ ଝରଣ ଉଡ୍ଡୁଆଁ ଗ୍ରାମରେ ଥିବା ମେସର୍ସ ବୈତରଣୀ ଆଇରନ୍ ଓର୍ ଖଣି ଜନଶୁଣାଣି ସଫଳ ହୋଇଛି। ବୈତରଣୀ ସଂରକ୍ଷିତ ଜଙ୍ଗଲରେ ୬୫.୩୯୭ ହେକ୍ଟର ଅଞ୍ଚଳରେ ବୈତରଣୀ ଲୁହା ଖଣି ଲିଜ୍ ଅଞ୍ଚଳରେ ଲୁହା ଖଣିର ଉତ୍ପାଦନ କ୍ଷମତା ୦.୫୭୧୬ ଏମ୍‌ଟିପିଏରୁ ୪.୯୯ ଏମ୍‌ଟିପିଏକୁ ସମ୍ପ୍ରସାରଣ କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ତେବେ ସର୍ବସମ୍ମତିକ୍ରମେ ଖଣି ସପକ୍ଷରେ ଯାଇଥିଲା ଏହି ପରିବେଶୀୟ ଜନଶୁଣାଣି। ପରିବେଶୀୟ ମଞ୍ଜୁରୀ ଅନୁମୋଦନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ବଡ଼ବିଲ ତହସିଲ ଉଡ୍ଡୁଆଁ ମୌଜା ମୌଜାରେ ଶୁକ୍ରବାର ଏହି ଜନଶୁଣାଣି ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର ଜନଶୁଣାଣିକୁ ପରିଚାଳନା କରିଥିଲେ । ଏହି ଜନଶୁଣାଣିରେ ପ୍ରଶାସନିକ ପଦାଧିକାରୀ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବଡବିଲ ତହସିଲଦାର ରାକେଶ ପଣ୍ଡା ଓ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ। ପ୍ରଥମେ ଖଣି କମ୍ପାନୀ ପ୍ରତିନିଧି ପ୍ରଣବ କୁମାର ମହାନ୍ତିଙ୍କ ପକ୍ଷରୁ ବୈତରଣୀ ଆଇରନ୍ ଓର୍ ଖଣି ସମ୍ବନ୍ଧରେ ସାରାଂଶ ଉପସ୍ଥାପନ କରାଯାଇଥିଲା । ଖଣି ଦ୍ୱାରା କେଉଁ ସବୁ ପ୍ରଭାବ ପଡ଼ିବ ଏବଂ ତାହାର ନିରାକରଣ କିପରି କରାଯିବ ସେନେଇ ସେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହାପରେ ଲୌହ ଖଣି ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀ ଜନ ଶୁଣାଣିରେ ନିଜର ମତାମତ ବ୍ୟକ୍ତ କରିଥିଲେ, ଯାହାକୁ ଲିପିବଦ୍ଧ କରାଯିବା ସହ ଭିଡ଼ିଓ ରେକର୍ଡିଂ କରାଯାଇଥିଲା। ଖଣି ଦ୍ୱାରା ପ୍ରଭାବିତ ହେବାକୁଥିବା ବିରିକଳା, କଣ୍ଡରା, ଅଂସେଇକଳା, ଚମକପୁର, ଦେଓଝର ପଞ୍ଚାୟତର ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ରହିଥିଲେ। ଏହି ସର୍ବସାଧାରଣ ଜନଶୁଣାଣିରେ ସ୍ଥାନୀୟ ପ୍ରଭାବିତ ଅଞ୍ଚଳର ଗ୍ରାମବାସୀମାନେ ନିଜର ସ୍ୱୀକୀୟ ମତାମତ ପ୍ରଦାନ କରିଥିଲେ । ଏହି ଜଣାଶୁଣାଣି କାର୍ଯ୍ୟକ୍ରମରେ ଗ୍ରାମବାସୀ ଉପସ୍ଥିତ ରହି ନିଜର ମତ ଉପସ୍ଥାପନ କରିଥିଲେ । ପାରିପାର୍ଶିକ ଉନ୍ନତି, ପାନୀୟ ଜଳ, ଗମନାଗମନ, ନିଯୁକ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖଣି କମ୍ପାନୀ ଯନ୍ୱବାନ ହେବାକୁ ଆଖପାଖ ସ୍ଥାନୀୟ ଗ୍ରାମବାସୀ ମତ ଉପସ୍ଥାପନ କରିଥିଲେ । ଖଣି ଜନଶୁଣାଣିକୁ ୩୧ ଜଣ ସମ୍ପୂର୍ଣ୍ଣ ସପକ୍ଷରେ ମତ ପ୍ରଦାନ କରିଥିବା ବେଳେ ୨୦ରୁ ଉର୍ଦ୍ଧ୍ୱ ଜଣ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଥିଲେ । ଏହି ଜନଶୁଣାଣିକୁ ସମର୍ଥନ ଜଣାଇବା ସହିତ ସ୍ଥାନୀୟ ଅଞ୍ଚଳରେ ପ୍ରଭାବିତ ଗ୍ରାମ ଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳର ସୁବନ୍ଦୋବସ୍ତ, ବୃକ୍ଷ ରୋପଣ ଏବଂ ନିଯୁକ୍ତି ଆଦି ଦାବି କରି ସର୍ତ୍ତ ମୂଳକ ସମର୍ଥନ ଜାଣଇଥିଲେ ଗ୍ରାମବାସୀ । ପରିଶେଷରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଶ୍ରୀ କର କହିଥିଲେ ଯେ ଦୁଇଟି ପର୍ଯ୍ୟାୟରେ ଏହାକୁ ଅନୁଶୀଳନ କରାଯାଉଛି । ଗୋଟିଏ ପାରିପାର୍ଶ୍ୱିକ ଉନ୍ନତି କରଣ ଏବଂ ଅନ୍ୟଟି ପରିବେଶିୟ ସନ୍ତୁଳନ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ । ତେବେ ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ସେସବୁକୁ ଯଥାସମ୍ଭବ ପୂରଣ କରିବା ପାଇଁ ଖଣି କମ୍ପାନୀ ପ୍ରତିନିଧିଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା ।

# ବ୍ରହ୍ମପୁର ପୋଲିସ ଜିଲ୍ଲାରେ ବର୍ଷକୁ ୩୦ ଜଣଙ୍କୁ ହତ୍ୟା କରାଯାଉଛି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପୋଲିସ ଜିଲ୍ଲାରେ ବର୍ଷକୁ ହାରାହାରି ୩୦ଟି ହତ୍ୟାକାଣ୍ଡ ଘଟୁଛି । ଗତ ୩ ବର୍ଷ ଭିତରେ ଏହି ଜିଲ୍ଲାରେ ୯୦ରୁ ଅଧିକ ହତ୍ୟା ଘଟିସାରିଛି । ସେହିପରି ଗତ ୩ ବର୍ଷ ଭିତରେ ଏହି ଜିଲ୍ଲାରେ ଠକେଇ ଓ ପ୍ରତାରଣା ମାମଲା ୫୦ ପ୍ରତିଶତ ହାରରେ ବୃଦ୍ଧି ପାଉଥିବା ତଥ୍ୟ କହୁଛନ୍ତି । ବ୍ରହ୍ମପୁର ପୋଲିସ ଜିଲ୍ଲାରେ ମୋଟ୍ ୧୨ଟି ଥାନା ରହିଛି । ପୋଲିସ ଜିଲ୍ଲାରେ ସ୍ୱତନ୍ତ୍ର ଭାବେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ସହ ମହିଳା ଥାନା ରହିଛି । ଗତ ବର୍ଷ ଅର୍ଥାତ୍ ୨୦୨୪ରେ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ମୋଟ୍ ୫୮୦୨ଟି ମାମଲା ରୁଜୁ ହୋଇଛି ବୋଲି ପୋଲିସ ବିଭାଗରୁ ସୂଚନା ମିଳିଛି । ମୋଟ୍ ମାମଲା ମଧ୍ୟରେ ୩୦ଟି ହତ୍ୟା ମାମଲା ରହିଛି । ସେହିପରି ୨୦୨୩ରେ ମୋଟ୍ ୬୮୫୯ଟି ମାମଲା ରୁଜୁ ହୋଇଥିବା ବେଳେ ସେଥିରେ ୨୯ଟି ହତ୍ୟା ମାମଲା ରହିଥିଲା । ଚଳିତ ବର୍ଷ ଅର୍ଥାତ୍ ୨୦୨୫ରେ ଏହି ପୋଲିସ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୦ଟି ହତ୍ୟା ମାମଲା ରୁଜୁ ହୋଇସାରିଲାଣି । ଚଳିତ ବର୍ଷ ଆଇନ୍‌ଜୀବୀ ପୀତବାସ ପଣ୍ଡା ସତେ ଶ୍ରୀରାମ ନଗରରେ ଘରେ ପଶି ମହିଳାଙ୍କୁ ନିର୍ମମ ହତ୍ୟା ଓ ଲାଞ୍ଜିପଲ୍ଲୀର ଯୁବତୀଙ୍କୁ ଲଜ୍ ଭିତରେ ହତ୍ୟା ଭଳି ବହୁ ହତ୍ୟା ଘଟଣା ଘଟିସାରିଛି । ବ୍ୟବସାୟିକ ଓ ରାଜନୈତିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱବହନ କରୁଥିବା ବ୍ରହ୍ମପୁର ପୋଲିସ ଜିଲ୍ଲାରେ ପ୍ରତ୍ୟେକ ବର୍ଷ କୌଣସି ନା କୌଣସି କାରଣକୁ ନେଇ ମୁଣ୍ଡ ଗଡୁଛି । କେତେବେଳେ ପୂର୍ବ ଶତ୍ରୁତାକୁ ନେଇ ହତ୍ୟା କରାଯାଉଛି ତ ଆଉ କେତେବେଳେ ପ୍ରେମକୁ ନେଇ ହତ୍ୟା ମାମଲା ସାମ୍ନାକୁ ଆସୁଛି । ଅନ୍ୟପକ୍ଷରେ ଗତ ୩ ବର୍ଷ ଭିତରେ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଠକେଇ ଓ ପ୍ରତାରଣା ମାମଲା ବଢ଼ିଚାଲିଥିବା ତଥ୍ୟ କହୁଛି । ୨୦୨୩ରେ ଏହି ପୋଲିସ ଜିଲ୍ଲାରେ ୧୪୪ଟି ଠକେଇ ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ରେ ଏହି ସଂଖ୍ୟା ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ହୋଇ ୨୨୦ରେ ପହଞ୍ଚିଛି । ଏହି ୨୨୦ଟି ମାମଲା ମଧ୍ୟରେ ସାଇବର ଠକେଇ ଅଧିକ ରହିଛି । ତେବେ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୯୦ରୁ ଅଧିକ ସାଇବର ଠକେଇ ମାମଲା ରୁଜୁ ହୋଇସାରିଥିବା ବେଳେ ବିଭିନ୍ନ ଥାନାରେ ପ୍ଲଟ୍ ବିକ୍ରି ନାଁରେ ଠକେଇ ଓ ଚାକିରୀ ନାଁରେ ଠକେଇ ମାଳ ମାଳ ମାମଲା ରୁଜୁ ହୋଇଛି । ୨୦୨୪ରେ ଏହି ପୋଲିସ ଜିଲ୍ଲାରେ ୫୪ଟି ଲୁଟ୍ ମାମଲା ରୁଜୁ ହୋଇଥିବା ବେଳେ ୨୧୧ଟି ଛିନ୍‌ତାଇ ଓ ୫୮୩ଟି ଚୋରି ମାମଲା ରୁଜୁ ହୋଇଥିଲା । ସେହିବର୍ଷ ୫୦ଟି ଦଙ୍ଗା ମାମଲା ଓ ୮୪ଟି ବଳାତ୍କାର ମାମଲା ରୁଜୁ ହୋଇଥିଲା । ୨୦୨୩ରେ ୫୯ଟି ଲୁଟ୍ ମାମଲା ରୁଜୁ ହୋଇଥିବା ବେଳେ ୧୯୪ଟି ଛିନ୍‌ତାଇ ଓ ୫୪୫ଟି ଚୋରି ମାମଲା ରୁଜୁ ହୋଇଥିଲା । ସେହିବର୍ଷ ୩୨ଟି ଦଙ୍ଗା ମାମଲା ଓ ୯୯ଟି ବଳାତ୍କାର ମାମଲା ରୁଜୁ ହୋଇଥିଲା । ଗତ ୩ ବର୍ଷ ହେଲା ବ୍ରହ୍ମପୁର ପୋଲିସ ଜିଲ୍ଲାରେ ମୋଟରଯାନ ସମ୍ପର୍କିତ ମାମଲା ମଧ୍ୟ ବଢୁଥିବା ତଥ୍ୟ କହୁଛି । ୨୦୨୩ରେ ୨୫୭ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ରେ ଏ ସଂକ୍ରାନ୍ତରେ ୨୮୮ଟି ମାମଲା ରୁଜୁ ହୋଇଥିଲା ।

# ଜୟସୱାଲଙ୍କ ଶତକ: ମ୍ୟାଚ ସହ ସିରିଜ ଜିତିଲା ଭାରତ



ବିଶାଖାପାଟଣା

ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ୟ ଦିନିକିଆ ମ୍ୟାଚ ସହିତ ୨-୧ରେ ସିରିଜ କବ୍‌ଜା କରିଛି ଟିମ ଇଣ୍ଡିଆ। ୨୭୧ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତୀୟ ଦଳ ୬୭ ବଲ ବାକି ଥାଇ ମ୍ୟାଚକୁ ଜିତି ନେଇଛି। ଯଶସ୍ୱୀ ଜୟସୱାଲଙ୍କ ଶତକୀୟ ପାଳି ଏବଂ ହିଟମ୍ୟାନ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅର୍ଦ୍ଧଶତକୀୟ ଇନିଂସ ବଦଳରେ ଦଳ ସହଜରେ ଶେଷ ଦିନିକିଆରେ ବିଜୟ ହାସଲ କରିଛି।

ଟସ ଜିତି ଭାରତ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିବା ଭ୍ରମଣକାରୀ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ଢଙ୍ଗରେ ରନ ସଂଗ୍ରହ କରିଥିଲା। ହେଲେ ଟିମ ଇଣ୍ଡିଆର ଦୁଇ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଏବଂ କୁଳଦୀପ ଯାଦବଙ୍କ ଘାତକ ବୋଲିଂକୁ ସାମ୍ନା କରିପାରି ନ ଥିଲେ ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନ। ଏକଦା ୧୬୮ ରନରେ ୨ଟି ୱିକେଟ ହରାଇଥିବା ଏହି ଦଳ ମାତ୍ର ୨୭୦ ରନରେ ଅଲଆଉଟ ହୋଇଯାଇଥିଲା। କୁଇଣ୍ଟନ ଡି'କକ ଏକମାତ୍ର ଖେଳାଳି ଭାବେ ଶତକ ହାସଲ କରିଥିଲେ। ଭାରତ ପକ୍ଷରୁ ଉଭୟ ପ୍ରସିଦ୍ଧ ଏବଂ କୁଳଦୀପ ୪ଟି ଲେଖାଏ ୱିକେଟ ନେଇଥିଲେ।

୨୭୧ ରନର ବିଜୟଲକ୍ଷ୍ୟକୁ ପିଛା କରି ଟିମ ଇଣ୍ଡିଆର ଦୁଇ ଓପନର ରୋହିତ ଶର୍ମା ଏବଂ ଜୟସୱାଲ ଧିମା ଆରମ୍ଭ କରିଥିଲେ। କିନ୍ତୁ ୮ ଓଭର ପରେ ଉଭୟ ଖେଳାଳି ହାତ ଖୋଲି ଆକ୍ରମଣାତ୍ମକ ଢଙ୍ଗରେ ଶଟ୍ ମାରିଥିଲେ। ପ୍ରଥମ ଉଇକେଟରେ ଏହି ଯୋଡ଼ି ୧୫୫ ରନ ସଂଗ୍ରହ କରି ଦୃଢ଼ ମୂଳଦୁଆ ପକାଇଥିଲେ। ପ୍ରଥମ ଉଇକେଟ ଭାବେ ରୋହିତ ୭୫ ରନ କରି ଆଉଟ୍ ହୋଇଯାଇଥିଲେ। ଏହା ପରେ କୋହଲି ପଡ଼ିଆକୁ ଆସିଥିଲେ। ଉଭୟେ କୋହଲି ଏବଂ ଜୟସୱାଲ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରି ୩୯.୫ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲେ। ଜୟସୱାଲ ୧୧୧ ବଲରେ ନିଜର ଶତକ ପୂରଣ କରିଥିଲେ। ସେ ମୋଟ ୧୨୧ ବଲ ଖେଳି ୧୧୬ ରନ କରିଥିଲେ। ସେହିପରି କୋହଲି ପଛରେ ଆସି ଅର୍ଦ୍ଧଶତକ ହାସଲ କରିଥିଲେ।

ଅନ୍ୟପଟେ ଏହି ମ୍ୟାଚରେ ରୋହିତ ଏକ ନୂଆ ରେକର୍ଡର ଅଧିକାରୀ ମଧ୍ୟ ହୋଇଛନ୍ତି। ସେ ଅନ୍ତର୍ଜାତୀୟ ମ୍ୟାଚରେ ୨୦ ହଜାର ରନ ପୂରଣ କରିଛନ୍ତି। ୪୩୮ ଇନିଂସରେ ସେ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ଏହି କ୍ଲବରେ ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ ଏବଂ ବିରାଟ କୋହଲି ରହିଛନ୍ତି। ୪ର୍ଥ ଭାରତୀୟ ଭାବେ ସେ ଏହି ରେକର୍ଡର ଅଧିକାରୀ ହୋଇଛନ୍ତି।

## କରୁଣ ନାୟାରଙ୍କୁ ଅଣଦେଖା କଲା ବିସିସିଆଇ !

ନୂଆଦିଲ୍ଲୀ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ହେଉଛି ଭାରତର ସର୍ବୋଚ୍ଚ ପ୍ରଶାସକ ସଂସ୍ଥା। କୁହାଯାଏ ଯେ ଏହି ଦେଶର ପ୍ରତ୍ୟେକ କ୍ରିକେଟର୍ ବିସିସିଆଇ ସହ ସମାନ। ତଥାପି, ଶନିବାର ଭାରତୀୟ ବୋର୍ଡର ଏହି କାର୍ଯ୍ୟାନୁଷ୍ଠାନ ହଇଚଇ ସୃଷ୍ଟି କରିଛି। ପାଞ୍ଚ ଜଣ ଭାରତୀୟ କ୍ରିକେଟର୍ଙ୍କ ଜନ୍ମଦିନ, କିନ୍ତୁ ବିସିସିଆଇ କେବଳ ଚାରି ଜଣଙ୍କୁ ଅଭିନନ୍ଦନ ଜଣାଇଛି।

ଭାରତୀୟ ବୋର୍ଡ ଯାହାଙ୍କୁ ଅଣଦେଖା କରିଛି ସେ ହେଉଛନ୍ତି କରୁଣ ନାୟାର, ଯିଏ ଭାରତ ପାଇଁ ଟେଷ୍ଟ କ୍ରିକେଟରେ ତ୍ରିପଲ ଶତକ ହାସଲ କରିଥିବା ଦ୍ୱିତୀୟ କ୍ରିକେଟର। ନାୟାର ଇଂଲଣ୍ଡ ଗସ୍ତ ପରଠାରୁ ଦଳରୁ ବାହାରେ ଅଛନ୍ତି। ତଥାପି, ସେ ଘରୋଇ କ୍ରିକେଟରେ ନିରନ୍ତର ପ୍ରାଧାନ୍ୟ ବିସ୍ତାର କରିଛନ୍ତି।

ଶନିବାର ପାଞ୍ଚ ଜଣ ଭାରତୀୟ କ୍ରିକେଟ ଖେଳାଳିଙ୍କ ଜନ୍ମଦିନ। ନାୟାରଙ୍କ ବ୍ୟତୀତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟିମ ଇଣ୍ଡିଆର ଏକଦିବସୀୟ ସିରଜର ଅଂଶ ଥିବା ଜସପ୍ରିତ ବୁମରାହ ଏବଂ ରବିନ୍ଦ୍ର ଜାଡେଜା ମଧ୍ୟ ଏଥିରେ ସାମିଲ ଅଛନ୍ତି। ଆଘାତରେ ପୀଡିତ ଶ୍ରେୟସ ଆୟର ଏବଂ ଚୟନ କମିଟିର ସଦସ୍ୟ ଆରପି ସିଂହଙ୍କର ମଧ୍ୟ ଆଜି ଜନ୍ମଦିନ ଅଛି। ବିସିସିଆଇ ଇନଷ୍ଟାଗ୍ରାମରେ ପୋଷ୍ଟ କରି ଏହି ଚାରି ଜଣ କ୍ରିକେଟରଙ୍କୁ ଅଭିନନ୍ଦନ ଜଣାଇଛି, କିନ୍ତୁ ବୋର୍ଡ ନାୟାରଙ୍କୁ ଅଣଦେଖା କରିଛି। ନାୟାର ୨୦୧୬ରେ ଚେନ୍ନାଇରେ ଇଂଲଣ୍ଡ ବିପକ୍ଷରେ ତାଙ୍କର ପ୍ରଥମ ଟେଷ୍ଟ ଶତକକୁ ତ୍ରିଶତକରେ ପରିଣତ କରିଥିଲେ। କିନ୍ତୁ କିଛି ମ୍ୟାଚ ପରେ ତାଙ୍କୁ ଦଳରୁ ବାହାର କରାଯାଇଥିଲା।

# ବାରବାଟୀରେ ଖେଳିପାରନ୍ତି ଶୁବମନ ଗିଲ୍



ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଆସନ୍ତା ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଓଡ଼ିଶାର କ୍ରିକେଟ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଛି। ମ୍ୟାଚ୍ ପାଇଁ ଟିକେଟ୍ ବିକ୍ରିଠାରୁ ଆରମ୍ଭ କରି ସମସ୍ତ ପ୍ରକାର ପ୍ରସ୍ତୁତି ପ୍ରକ୍ରିୟା ଶେଷ ହୋଇଛି।

ଦୁଇ ଦଳର ଖେଳାଳିମାନେ ବି ଆସିବା ଆରମ୍ଭ କଲେଣି। ତେବେ କଟକ ଟି୨୦ ମ୍ୟାଚ୍‌ରେ ଭାରତୀୟ ଟେଷ୍ଟ ଓ ଦିନିକିଆ ଅଧିନାୟକ ଶୁବମନ ଗିଲ୍ ଖେଳିପାରନ୍ତି। ତାଙ୍କୁ ଏହି ମ୍ୟାଚ୍‌ରେ ଖେଳିବା ଲାଗି ବିସିସିଆଇର ସେଣ୍ଟର ଅଫ୍ ଏକ୍ସିଲେନ୍ସ ପକ୍ଷରୁ ଅନୁମତି ମିଳିଛି। 'ଶୁବମନ ସିଓଇଠାରେ ସଫଳତାର ସହିତ ରେହାବିଲିଟେଶନ ପ୍ରକ୍ରିୟା ଶେଷ କରିଛନ୍ତି ଏବଂ ସମସ୍ତ ଫର୍ମାଟରେ ଖେଳିବା ପାଇଁ ଆବଶ୍ୟକ ଥିବା କ୍ରାଇଟେରିଆ ସେ ପୂରଣ କରିଛନ୍ତି' ବୋଲି ସିଓଇ ପକ୍ଷରୁ ଟିମ୍ ମ୍ୟାନେଜରମେଣ୍ଟକୁ ଜଣାଇ ଦିଆଯାଇଛି। କୋଲକାତା ଟେଷ୍ଟରେ ଦେଖାଦେଇଥିବା ବେକଜନିତ ଆହତ ସମସ୍ୟା ଲାଗି ସେ ଦ୍ୱିତୀୟ ଟେଷ୍ଟ ଓ ଦିନିକିଆ ସିରିଜ୍ରୁ ବାଦ୍ ପଡ଼ିଥିଲେ।

# ଗୌତମ ଗମ୍ଭୀରଙ୍କ ଉପରେ ବର୍ଷିଲେ ରବିଚନ୍ଦ୍ରନ ଅଶ୍ୱିନ



ନୂଆଦିଲ୍ଲୀ

ପୂର୍ବତନ ଭାରତୀୟ ସ୍ପିନ ବୋଲର ରବିଚନ୍ଦ୍ରନ ଅଶ୍ୱିନ ପୁଣି ଥରେ ଗୌତମ ଗମ୍ଭୀରଙ୍କୁ ଟାର୍ଗେଟ କରିଛନ୍ତି। ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ତୃତୀୟ ଏକଦିବସୀୟ ମ୍ୟାଚ ପୂର୍ବରୁ ଅଶ୍ୱିନ କହିଛନ୍ତି ଯେ ଗୌତମ ଗମ୍ଭୀରଙ୍କୁ ନିଶ୍ଚିତ କରିବା ଉଚିତ ଯେ ୱାଶିଂଟନ ସୁନ୍ଦରଙ୍କ ଭୂମିକା ତାଙ୍କ ନିକଟରେ ସ୍ପଷ୍ଟ ଭାବରେ ପହଞ୍ଚାଯାଉ। ସୁନ୍ଦର ଏହି ସିରିଜରେ ବ୍ୟାଟ କିମ୍ବା ବଲ ସହିତ ଭଲ ପ୍ରଦର୍ଶନ କରିନାହାଁନ୍ତି। ତାଙ୍କୁ ପ୍ରଥମ ଏକଦିବସୀୟରେ ୫ ନମ୍ବରରେ ଏବଂ ଦ୍ୱିତୀୟରେ ଷଷ୍ଠ ନମ୍ବରରେ ବ୍ୟାଟିଂ କରିବାକୁ ପଠାଯାଇଥିଲା।

ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ଦୁଇଟି ଏକଦିବସୀୟ ମ୍ୟାଚରେ ୱାଶିଂଟନ ସୁନ୍ଦର ଯଥାକ୍ରମେ ୧୩ ଏବଂ ୧ ରନ କରିଥିଲେ। ସେ ଗୋଟିଏ ବି ଉଇକେଟ୍ ନେଇପାରି ନଥିଲେ, ଉଭୟ ମ୍ୟାଚରେ କେବଳ ୭ ଓଭର ବୋଲିଂ କରିଥିଲେ। ପୂର୍ବରୁ ଟେଷ୍ଟ ସିରିଜ୍‌ରେ ସୁନ୍ଦରଙ୍କୁ ୩ ନମ୍ବରରେ ବ୍ୟାଟିଂ କରିବାକୁ ପଠାଯାଇଥିଲା, କିନ୍ତୁ ପରବର୍ତ୍ତୀ ମ୍ୟାଚରେ ତାଙ୍କୁ ପଛକୁ ପଠାଇ ଦିଆଯାଇଥିଲା।

ବ୍ୟାଟିଂ କ୍ରମରେ ଅସ୍ଥିରତା ସମ୍ପର୍କରେ ରବିଚନ୍ଦ୍ରନ ଅଶ୍ୱିନ ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ କହିଛନ୍ତି, ଯେତେବେଳେ ଆପଣ ୱାଶିଂଟନ ସୁନ୍ଦରଙ୍କୁ ଖେଳୁଛନ୍ତି, ଆପଣଙ୍କୁ ପ୍ରଥମେ ତାଙ୍କୁ ଜଣେ ବୋଲର ଭାବରେ ବିଚାର କରିବାକୁ ପଡିବ ଯିଏ ବ୍ୟାଟିଂ ମଧ୍ୟ କରିପାରିବେ। ଆପଣଙ୍କୁ ତାଙ୍କୁ ପୂର୍ଣ୍ଣ ଓଭର ବୋଲିଂ କରିବାକୁ ଦିଆଯିବା ଉଚିତ। ଯଦି ସେ ବୋଲିଂ ଜାରି ରଖନ୍ତି, ତେବେ ତାଙ୍କର ମାନସିକତା ଜଣେ ବୋଲରଙ୍କ ପରି ରହିବ ଯିଏ ବ୍ୟାଟିଂ କରିପାରିବେ। ଯଦି ସେ କିଛି ଓଭର ବୋଲିଂ କରନ୍ତି ଏବଂ ଅନିୟମିତ ଭାବରେ ବ୍ୟାଟିଂ ଜାରି ରଖନ୍ତି, ତେବେ ସେ ନିଜର ପରିଚୟ ହରାଇବା ଆରମ୍ଭ କରିବେ।

ଅଶ୍ୱିନ ଆହୁରି କହିଛନ୍ତି ଯେ ଟିମ ମ୍ୟାନେଜମେଣ୍ଟ ସୁନ୍ଦରଙ୍କୁ ଏପରି ପରିସ୍ଥିତି ଖୋଜିବାକୁ ଦେବା ଉଚିତ୍ ନୁହେଁ ଯେଉଁଠାରେ ସେ କିଛି ବୁଝିପାରିବେ ନାହିଁ। ଅଶ୍ୱିନଙ୍କ ଅନୁସାରେ, ସୁନ୍ଦରଙ୍କୁ ତାଙ୍କ ଭୂମିକା ସମ୍ପର୍କରେ ସ୍ପଷ୍ଟ ଉତ୍ତର ମିଳିବା ଉଚିତ।

# ଭାରତ ସହ ମ୍ୟାଚ ପୂର୍ବରୁ ଦକ୍ଷିଣ ଆଫ୍ରିକାକୁ ଲାଗିଲା ୩ ବଡ଼ ଝଟକା !



ନୂଆଦିଲ୍ଲୀ

ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ତୃତୀୟ ଏକଦିବସୀୟ ମ୍ୟାଚ ବିଶାଖାପାଟଣାରେ ଖେଳାଯାଉଛି, ଯାହା ତିନି ମ୍ୟାଚ ବିଶିଷ୍ଟ ସିରିଜର ନିର୍ଣ୍ଣାୟକ ମ୍ୟାଚ। ଦକ୍ଷିଣ ଆଫ୍ରିକା ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି, ଟୋନି ଡି ଜୋର୍ଜି ଏବଂ ନାଣ୍ଡରେ ବର୍ଗର ମ୍ୟାଚ ହରାଇଛନ୍ତି। ଏହା ବ୍ୟତୀତ, ଜୋର୍ଜି, ଭ୍ରମଣକାରୀ ଦଳର ଦୁଇ ପ୍ରମୁଖ ଖେଳାଳିଙ୍କ ସହିତ, ସମ୍ପୂର୍ଣ୍ଣ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜରୁ ବାଦ ପଡ଼ିଛନ୍ତି।

ଭାରତ ବନାମ ଦକ୍ଷିଣ ଆଫ୍ରିକା ଏକଦିବସୀୟ ସିରିଜର ପ୍ରଥମ ଦୁଇଟି ମ୍ୟାଚ କଡ଼ା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଛି। ଭାରତ ପ୍ରଥମ ମ୍ୟାଚ ଜିତିଥିଲା ଏବଂ ଭ୍ରମଣକାରୀ ଦଳ ଦ୍ୱିତୀୟରେ ବିଜୟୀ ହୋଇଥିଲା। ସିରିଜ ଏବେ ବରାବର ହୋଇଛି, ଏବଂ ଆଜି ତୃତୀୟ ମ୍ୟାଚ ଜିତିଥିବା ଦଳ ସିରିଜ ଜିତିବ। ଜୋର୍ଜି ଏବଂ ବର୍ଗରଙ୍କ ଅନୁପସ୍ଥିତି ଟେମ୍ବା ବାଭୁମା ଏବଂ ତାଙ୍କ ଦଳ ପାଇଁ ଏକ ବଡ଼ ଧକ୍କା। ପ୍ରଥମ ମ୍ୟାଚରେ ୩୯ ଏବଂ ଦ୍ୱିତୀୟରେ ଅପରାଜିତ ୧୭ ରନ କରିଥିବା ଜୋର୍ଜି ହାମଷ୍ଟ୍ରିଂ ଆଘାତ ଯୋଗୁ ବାହାର ହୋଇଛନ୍ତି।

ରାଞ୍ଚି ଏକଦିବସୀୟରେ ଦୁଇଟି ଏବଂ ରାୟପୁରରେ ଗୋଟିଏ ୱିକେଟ ନେଇଥିବା ୩୦ ବର୍ଷୀୟ ନାଣ୍ଡରେ ବର୍ଗର, ଭ୍ରମଣକାରୀ ଦଳର ମୁଖ୍ୟ ବୋଲର ଥିଲେ ଏବଂ ନିର୍ଣ୍ଣାୟକ ମ୍ୟାଚରେ ଖେଳନାହାଁନ୍ତି। ତୃତୀୟ ଦିନିକିଆ ପାଇଁ ଭାରତର ପ୍ଲେଇଂ ଇଲେଭେନରେ ମଧ୍ୟ ପରିବର୍ତ୍ତନ ଦେଖାଯାଇଛି, ୱାଶିଂଟନ ସୁନ୍ଦରଙ୍କ ସ୍ଥାନରେ ତିଲକ ବର୍ମାଙ୍କୁ ନିଆଯାଇଛି।

ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ଏକ ବିବୃତ୍ତିରେ କହିଛି, 'ବୁଧବାର ଦ୍ୱିତୀୟ ଦିନିକିଆରେ ବୋଲିଂ କରିବା ସମୟରେ ବର୍ଗରଙ୍କ ହାମଷ୍ଟ୍ରିଂ ଆଘାତ ହୋଇଥିଲା ଏବଂ ଡି ଜୋରଜି ବ୍ୟାଟିଂ କରିବା ସମୟରେ ତାଙ୍କ ଡାହାଣ ହାମଷ୍ଟ୍ରିଂ ଆଘାତ ଅନୁଭବ କରିଥିଲେ ଏବଂ ସେ ବ୍ୟାଟିଂ ଜାରି ରଖିପାରିଲେ ନାହିଁ। ଶୁକ୍ରବାର ଉଭୟ ଖେଳାଳିଙ୍କ ସ୍କାନ କରାଯାଇଥିଲା, ଯାହା ସେମାନଙ୍କ ଆଘାତର ଗମ୍ଭୀରତା ପ୍ରକାଶ କରିଥିଲା।'

ହାମଷ୍ଟ୍ରିଂ ଆଘାତ ଯୋଗୁ ଟୋନି ଡି ଜୋରଜି କେବଳ ତୃତୀୟ ଦିନିକିଆ ନୁହେଁ ବରଂ ଭାରତ ଏବଂ ଦକ୍ଷିଣ ଆଫ୍ରିକା ବିପକ୍ଷ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜରୁ ମଧ୍ୟ ବାଦ ପଡ଼ିଛନ୍ତି। ୧୯ ବର୍ଷୀୟ ଯୁବ ବୋଲର କ୍ୱେନା ମାଫାକାଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଟି-୨୦ ସିରିଜରୁ ବାଦ ଦିଆଯାଇଛି।

— ୩୨ତମ ଅମରପାଲି କ୍ରିକେଟ କପ୍ —

# ଉଲୁଣ୍ଡାକୁ ହରାଇ ବହଳପଦର ସେମିଫାଇନାଲରେ




ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ହେଉଥିବା ୩୨ତମ ଅମରପାଲି କ୍ରିକେଟ କପ୍‌ର ଶୁକ୍ରବାର ଥିଲା ତୃତୀୟ ଦିବସ। ଶୁକ୍ରବାର ପ୍ରଥମ ମ୍ୟାଚ୍ ଟି ବହଳପଦର ଓ ରଶିବେଡ଼ା ମଧ୍ୟରେ ହୋଇଥିଲା। ଏଥିରେ ବହଳପଦର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୨୬ ରନ କରିଥିଲା। ଜବାବରେ ରଶିବେଡ଼ା ଦଳ ନିର୍ଦ୍ଧାରିତ ୧୦ ଓଭର ରେ ୭ ଉଇକେଟ ହରାଇ ୭୨ ରନ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚ୍ ରେ ବହଳପଦର ର ବିକାଶ ଛତ୍ରୀ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଟି ଉଲୁଣ୍ଡା ଓ ଲୁତୁରପଙ୍କ ମଧ୍ୟରେ ହୋଇଥିଲା। ଏଥିରେ ଉଲୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭର ରେ ୪ ୱିକେଟ ହରାଇ ୧୧୫ ରନ କରିଥିଲା। ଜବାବରେ ଲୁତୁରପଙ୍କ ଦଳ ନିର୍ଦ୍ଧାରିତ ୮ ଓଭରରେ ୩ ୱିକେଟ ହରାଇ ୮୭ ରନ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚ୍ ପାଇଁ ଉଲୁଣ୍ଡା ର ଅଭିଳାଷ ନାଏକ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ତୃତୀୟ ମ୍ୟାଚ୍‌ଟି ପ୍ରଥମ ମ୍ୟାଚ୍‌ର ବିଜେତା ବହଳପଦର ଓ ଦ୍ୱିତୀୟ ମ୍ୟାଚ୍‌ର ବିଜେତା ଉଲୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ ଉଲୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ରେ ୭ ୱିକେଟ ହରାଇ ୯୩ ରନ କରିଥିଲା। ଜବାବରେ ବହଳପଦର ଦଳ ଆବଶ୍ୟକୀୟ ୯୪ ରନକୁ ନିର୍ଦ୍ଧାରିତ ୧୦ ଓଭରର ଶେଷ ବଲ ରେ ୮ ୱିକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନର ସଭାପତି ଡ.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥି, ସାଇ ଶିକ୍ଷା ନିକେତନର ସମ୍ପାଦକ ସରୋଜ କୁମାର ସାହୁ, ବିଶିଷ୍ଟ ବ୍ୟବସାୟୀ ଶ୍ୟାମ କୁମାର ସାହୁ ଓ ଅମରପାଲି ହାଇସ୍କୁଲର ଖେଳ ଶିକ୍ଷକ କହ୍ନେଇ ଚରଣ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବହଳପଦରର କୁନା ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚ୍ ଗୁଡିକରେ ସୁରେଶ ବିଶି, ରଘୁବୀର ମିଶ୍ର, ପ୍ରବୀଣ ଦାସ ଓ ଦିଲ୍ଲୀପ ପ୍ରଧାନ ଆମ୍ପାୟାର, ଶୁଭେନ୍ଦୁ ଶେଖର ସାହୁ, ବନମାଳୀ ଗୌନ୍ତିଆ ସ୍କୋରର, ରିମନ ସାହୁ ଅନଲାଇନ ସ୍କୋରିଙ୍ଗ ଏବଂ ମାନସ ନନ୍ଦ,ନିହାର ରଞ୍ଜନ ସାହୁ ଓ ପୀତାମ୍ବର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।

## ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ସଚେତନତା ଶିବିର

ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ

ସ୍ୱେଚ୍ଛାସେବୀ ଅନୁଷ୍ଠାନ ହିନ୍ଦ୍ ସେବକ ସଂଘର ଚୌଦ୍ୱାର କେନ୍ଦ୍ର ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଶଙ୍କରପୁର ଠାରେ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ଶଙ୍କରପୁରସ୍ଥିତ ବିଜୁ ପଟ୍ଟନାୟକ କ୍ଲବ୍ ହାଉସ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ଓ ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ଅତିଥି ଭାବେ ଯୋଗଦେଇ ସମାଜରେ ପରିତ୍ୟକ୍ତ ଓ ଅବହେଳିତ ଶିଶୁ ମାନଙ୍କର ସୁରକ୍ଷା ସମସ୍ତ ନାଗରିକଙ୍କ ଦାୟିତ୍ୱ ବୋଲି ପ୍ରକାଶ କରି ଏଥିପାଇଁ ସମସ୍ତେ ନିଷ୍ଠାର ସହ କାର୍ଯ୍ୟକରି ଅବହେଳିତ ଓ ପରିତ୍ୟକ୍ତ ଶିଶୁଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଅନୁରୋଧ କରିଥିଲେ । ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ସରକାରୀ ନିୟମାବଳୀ ଓ ଜନସାଧରଣଙ୍କ ଦାୟିତ୍ୱ ସମ୍ପର୍କରେ ଉପସ୍ଥିତ ଶତାଧିକ ଗୃହିଣୀ, ଅଙ୍ଗନୱାଡ଼ି କର୍ମୀ,ସହାୟିକା, ଆଶା କର୍ମୀ , ସରପଞ୍ଚଙ୍କୁ ଅତିଥି ମାନେ ଅବଗତ କରାଇଥିଲେ । ଶିଶୁ ସଦନର ମୁଖ୍ୟ ତଥା ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଉଦ୍‌ବୋଧନ ଦେଇ ଅଞ୍ଚଳରେ ଅବହେଳିତ ଶିଶୁଙ୍କ ଯତ୍ନ,ସୁରକ୍ଷା ଓ କଲ୍ୟାଣ ପାଇଁ ଚୌଦ୍ୱାରସ୍ଥିତ ଶିଶୁ ସଦନ ସର୍ବଦା ପ୍ରଚେଷ୍ଟା ଜାରୀ ରଖିଛି ବୋଲି ପ୍ରକାଶ କରି ଅଞ୍ଚଳରେ ଶିଶୁ ସମ୍ପର୍କିତ ଯୋକୌଣସି ସମସ୍ୟା ଦୃଷ୍ଟିକୁ ଆସିଲେ ଚୌଦ୍ୱାର କେନ୍ଦ୍ର ସହିତ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ମଙ୍ଗରାଜପୁର ସରପଞ୍ଚ ଦେବେନ୍ଦ୍ର ପାଣ୍ଡବ ଓ ଶଙ୍କରପୁର ସରପଞ୍ଚ କଲ୍ୟାଣୀ ରାଉତ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ । ପୋଷ୍ୟ ସନ୍ତାନ ସଂସ୍ଥାନ ପରିଚାଳକ ଅମୀୟ କୁମାର ସ୍ୱାଇଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସଂଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷା ନବିଶ ସଦସ୍ୟ ସୁରଶ୍ରୀ ସୁଧାଂଶୁ ଶେଖର ସାହୁ, ଶିଶୁ ସଦନ ପରିଚାଳକ ସୀମାନ୍ତ ନାୟକ, ସସ୍ମିତା ବେହେରା, ଗୌତମ ବାରିକ, ପରେଶ ରଞ୍ଜନ ଓଝା, ଐଶ୍ୱର୍ଯ୍ୟା ଦାସ ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ

ଓଡିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଏକ ୧୩ଦଫା ଦାବିପତ୍ର ଜିଲ୍ଲା ସଭାପତି ଜ୍ଞାନ ରଞ୍ଜନ କର ଓ ସଂପାଦକ ପ୍ରିୟବ୍ରତ ସ୍ୱାଇଁଙ୍କନେତୃତ୍ୱରେ କେନ୍ଦ୍ରାପଡା ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏହି ଦବିପତ୍ରରେ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମାନଙ୍କୁ ସରକାରୀ ମାନ୍ୟତା, ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମାନଙ୍କର କ୍ୟାଡର ନିୟମ, ଆଦର୍ଶ ବିଦ୍ୟାଳୟରେ କଳା ବିଭାଗ ଖୋଲିବା, ଓଡିଆ, ସଂସ୍କୃତ ଓ ହିନ୍ଦୀ ବିଭାଗ ଶିକ୍ଷକଙ୍କର ପିଜିଟି ପୋଷ୍ଟ ଖୋଲିବା, ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏନ୍.ଏମ୍.ଏମ୍.ଏସ୍ ପରୀକ୍ଷାରେ ଭାଗ ନେବାପାଇଁ ସୁଯୋଗ ଦେବା, ନିଟ୍ ଓ ଜେଇ ପରୀକ୍ଷାରେ ୧୫ ପ୍ରତିଶତ ସଂରକ୍ଷଣ ଦେବା ଆଦି ଦାବି ଗୁଡିକ ରହିଛି ।

ଏହି ଦାବି ଗୁଡିକୁ ତୁରନ୍ତ ପୂରଣ କରିବା ପାଇଁ ସଂଘ ତରଫରୁ ଶିକ୍ଷକ ବିଭୁ ପଦାରବିନ୍ଦୁ ଜେନା, ପ୍ରମୋଦ କୁମାର ଓଝା, କଳ୍ପତରୁ ନାଉରୀ, ଶିବ ଚରଣ ପ୍ରଧାନ, ସୁଧାକର ବେହେରା, ଜଗଦେବ ଦେ, ଅନିଲ କୁମାର ଦାସ, ରାଜା ଚନ୍ଦ୍ରକାନ୍ତ ସିଂହ ପ୍ରମୁଖ ଦାବି କରିଛନ୍ତି ।

# ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଯୁବୋତ୍ସବ



ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାର ସଂସ୍କୃତି ଭବନ ଠାରେ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୬ ଯୁବୋତ୍ସବ' ପାଳିତ ହୋଇଥିଲା। ଏହି ଯୁବୋତ୍ସବକୁ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ ନୃପରାଜ ସାହୁଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଶୁଭ ଉଦ୍‌ଘାଟନ ସମୟରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ), ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନ, ସୋନପୁର ମ୍ୟୁନିସିପାଲିଟିର ଅଧ୍ୟକ୍ଷା, ତାମସି ତମସ୍ମିତ ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଯୁବୋତ୍ସବ ପାଳନ ଉପଲକ୍ଷେ ପ୍ରଥମ ପର୍ଯ୍ୟାୟରେ ଡି.ଡି.ଆର.ସି.ସ୍ଥିତ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ ପୂର୍ବକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ସଂସ୍କୃତି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଯୁବକ ଯୁବତୀ ମାନଙ୍କ ମଧ୍ୟରେ ଲୋକ ସଙ୍ଗୀତ ଓ ନାଚ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। ବିଚାରକମାନେ ଶ୍ରେଷ୍ଠ ଲୋକ ସଙ୍ଗୀତ, ଗାୟକ ଗାୟିକା ଓ ଶ୍ରେଷ୍ଠ ଲୋକ ନାଚ ଚୟନ କରିଥିଲେ। ପାଠାଗାର ଠାରେ ଯୁବକ ଯୁବତୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ କୃତିତ୍ୱ ହାସଲ କରିଥିବା ଯୁବକ ଯୁବତୀ ମାନଙ୍କୁ ବିଚାରକ ମାନଙ୍କ ଚୟନ କରାଯାଇଥିଲା। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖା କାର୍ଯ୍ୟାଳୟ, ସୁବର୍ଣ୍ଣପୁର ସ୍ଥିତ ସମ୍ମିଳନୀ କକ୍ଷରେ ଯୁବକ ଯୁବତୀମାନଙ୍କ ମଧ୍ୟରେ କାହାଣୀ ଓ ପଦ୍ୟ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ କାହାଣୀ ଓ ପଦ୍ୟ ଲିଖନ କରିଥିବା ଯୁବକ ଓ ଯୁବତୀମାନଙ୍କୁ ବିଚାରକ ମାନଙ୍କ ଦ୍ୱାରା ଚୟନ କରାଯାଇଥିଲା। ଏହି ଯୁବୋତ୍ସବ ଅବସରରେ ଅନୁଷ୍ଠିତ ହୋଇଥିବା ୦୭ ଗୋଟି ବର୍ଗର ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଥିବା ଯୁବକ ଯୁବତୀମାନେ ରାଜ୍ୟସ୍ତରୀୟ ଯୁବୋତ୍ସବରେ ଅଂଶ ଗ୍ରହଣ କରିବେ। ଏହି ଯୁବୋତ୍ସବର ଦ୍ୱିତୀୟ ପର୍ଯ୍ୟାୟର ଜିଲ୍ଲା ସଂସ୍କୃତି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ କୃତି ଯୁବକ ଯୁବତୀମାନଙ୍କୁ ପୁରସ୍କାର ବିତରଣ ନିମନ୍ତେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ), ସୁବର୍ଣ୍ଣପୁର ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସୋନପୁର ମ୍ୟୁନିସିପାଲିଟିର ଅଧ୍ୟକ୍ଷା ତାମସି ତାମସ୍ମିତ ନାୟକ, ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ, ସୁବର୍ଣ୍ଣପୁର ଓ ସୁଶ୍ରୀ ଯମୁନା ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ, ସୁବର୍ଣ୍ଣପୁର ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଉପରୋକ୍ତ ପ୍ରତିଯୋଗିତା ମାନଙ୍କରେ କୃତିତ୍ୱ ହାସଲ କରିଥିବା ଯୁବକ ଯୁବତୀ ମାନଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଥିଲେ। ଏହି ଯୁବୋତ୍ସବରେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳର ଯୁବକ ଯୁବତୀମାନଙ୍କ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଯୁବକ ଓ ଯୁବତୀ, ବୁଦ୍ଧିଜୀବୀ, ଅନେକ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର, ଅର୍ଜୁନ ମାଝୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୋନପୁର, ସୁଶ୍ରୀ ପ୍ରୀତି ସୁନାଙ୍କ ସମେତ ବିଭିନ୍ନ ସମ୍ବାଦପତ୍ର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



# ପାଠକ ସଂଖ୍ୟା ବଢ଼ିଲେ ଲେଖକ ଓ କବି ଉତ୍ସାହିତ ହେବେ, ଅଧିକ ପୁସ୍ତକ ପ୍ରକାଶନ ହେବ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଓଡ଼ିଆ ଭାଷା ଭାରତବର୍ଷର ଅନ୍ୟତମ ପୁରାତନ ଭାଷା । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ହାତୀଗୁମ୍ଫା ଶିଳାଲିପି, ତୃତୀୟ ଶତାବ୍ଦୀର ଧଉଳୀ ଓ ଜଉଗଡର ପ୍ରାଚୀନ ଅଭିଲେଖ, ପୁରୁଣା ପୋଥି, ତାମ୍ରଫଳକ ଓ ତାଳପତ୍ର ପୋଥିରୁ ଆମ ଓଡ଼ିଆ ଭାଷା କେତେ ପ୍ରାଚୀନ ତାହା ପ୍ରମାଣିତ ହୋଇଛି । ଆମର ଏହି ପ୍ରାଚୀନ ଭାଷା ସାହିତ୍ୟକୁ ବିକାଶ ଓ ଋଦ୍ଧିମନ୍ତ କରିବା ଦାୟିତ୍ୱ ଆମର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୫ର ଉଦ୍ଘାଟନୀ ଅବସରରେ କହିଛନ୍ତି । ପିଲାମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଲେ ଯେ, ପୁସ୍ତକ ପଠନ ମାଧ୍ୟମରେ ଆମ ଅବହେଳିତ ତଥା ଅନାଲୋଚିତ ବରପୁତ୍ର ମାନଙ୍କ ବିଷୟରେ ଆମେ ଜାଣିପାରିବା । ଲେଖକମାନଙ୍କୁ ଆହ୍ୱାନ ଦେଇ କହିଲେ ଯେ, ଏହି ଅନାଲୋଚିତ ବରପୁତ୍ର ମାନଙ୍କ ବିଷୟରେ ଅଧିକରୁ ଅଧିକ ତଥ୍ୟ ସଂଗ୍ରହ କରି ପୁସ୍ତକ ମାଧ୍ୟମରେ ସେମାନଙ୍କୁ ଲୋକଲୋଚନକୁ ଆଣନ୍ତୁ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଡକ୍ଟର ପ୍ରତିଭା ରାୟଙ୍କ ଯାଜ୍ଞସେନୀ ପୁସ୍ତକର ପ୍ରଂଶସା କରି କହିଥିଲେ ଯେ, ଏହି ମହାନ୍ ସାରସ୍ୱତ ସାଧକ ଆଜି ଯେଉଁ ଆହ୍ୱାନ ଦେଲେ ତାହା ଆମ ସମାଜ ପାଇଁ ଏକ ବଡ଼ ସନ୍ଦେଶ । ଆଜିଠାରୁ ମୁଁ ମଧ୍ୟ ପୁସ୍ତକକୁ ଉପହାର ସ୍ୱରୂପ ସମସ୍ତଙ୍କୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଲି । ମୋର ଅନୁରୋଧ, ଆପଣମାନେ ସମସ୍ତେ ମଧ୍ୟ ପୁସ୍ତକ କିଣନ୍ତୁ ଓ ଉପହାର ଦିଅନ୍ତୁ । ଫୁଲ ଉପହାର ଦେଲେ ତାହା ମଉଳି ନଷ୍ଟ ହୋଇଯାଇଥାଏ କିନ୍ତୁ, ପୁସ୍ତକ ଦିନକୁ ଦିନ ଆମର ଚେତନାକୁ ଆହୁରି ଜାଗ୍ରତ କରିଥାଏ । ସମସ୍ତେ ଯଦି ଏହାକୁ ଗ୍ରହଣ କରିବେ, ତେବେ ପାଠକ ସଂଖ୍ୟା ବଢ଼ିବ ଏହାଦ୍ୱାରା ଲେଖକ ମଧ୍ୟ ଉତ୍ସାହିତ ହେବେ ଏବଂ ଆମ ଓଡ଼ିଆ ଭାଷା ସାହିତ୍ୟରେ ଏକ ନୂଆ ସମ୍ଭାବନା ସୃଷ୍ଟି ହେବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ଆମେ ପୁସ୍ତକକୁ ଭଗବାନ ସଦୃଶ ବିବେଚନା କରି ପୂଜା କରିଥାଉ । ପୁସ୍ତକ ଆମ ଚେତନାକୁ ସବୁବେଳେ ପ୍ରଭାବିତ କରିଛି । ପିଲାମାନଙ୍କୁ ମୋବାଇଲ ବ୍ୟବହାରକୁ କମ୍ କରି ପୁସ୍ତକ ପଠନ କରିବା ପାଇଁ ଉତ୍ସାହିତ କରିଥିଲେ । ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ କହିଥିଲେ ଯେ, ପୂର୍ବରୁ ଏହା ପୁସ୍ତକ ମେଳା ଭାବେ ଥିଲା । ଏବେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଏକ ମହୋତ୍ସବରେ ପରିଣତ ହୋଇଛି । ଯୁବଶକ୍ତିଙ୍କୁ ପୁସ୍ତକ ସହ ଯୋଡ଼ି ରଖିବା ପାଇଁ ଏହା ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବୋଲି ସେ କହିଥିଲେ । ବିଶିଷ୍ଟ ସାରସ୍ୱତ ସାଧିକା ତଥା ଜ୍ଞାନପୀଠ ପୁରସ୍କାର ବିଜୟିନୀ ଡକ୍ଟର ପ୍ରତିଭା ରାୟ କହିଥିଲେ ଯେ, ମାନବ ଜାତିର ଇତିହାସରେ ଦୁଇଟି ବିସ୍ମୟକର ଘଟଣା ହେଉଛି ଅଗ୍ନି ଏବଂ ଭାଷା । ଭାଷା ମଣିଷ ଦ୍ୱାରା ଉଦ୍ଭାବିତ । ମଣିଷ ନିଜର ବିବେକ, ଚେତନା ଓ ଜ୍ଞାନ ଦ୍ୱାରା ଏହାକୁ ଉଦ୍ଭାବନ କରିଛି । ଆମ ସଂସ୍କୃତି ହେଉଛି ପୋଥିଗତ, ଜ୍ଞାନଗତ ଓ ବିବେକଗତ । ପୋଥି ହେଉଛି ଆମ ସବୁଠାରୁ ବଡ଼ ବନ୍ଧୁ । ଆମ ଭିତରେ ଥିବା ଚେତନାକୁ ଜାଗ୍ରତ କରିଥାଏ ପୁସ୍ତକ । ତେଣୁ ପୁସ୍ତକକୁ ଉପହାର ରୂପେ ଗ୍ରହଣ କରିବା ଓ ପ୍ରଦାନ କରିବା ପାଇଁ ସେ ସମସ୍ତଙ୍କୁ ନିବେଦନ କରିଥିଲେ । ଯୁବବର୍ଗଙ୍କୁ ଆଗାମୀ ଭାଲେଣ୍ଟାଇ ଏଭଳି ଆୟୋଜନ ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇ ସେ କହିଥିଲେ ଯେ, ପୁସ୍ତକ ହେଉଛି ଶବ୍ଦର ଗ୍ରନ୍ଥାଗାର ଏବଂ ଏହି ପୁସ୍ତକମେଳା ହେଉଛି ପୁସ୍ତକର ବୃହତ୍ ଗ୍ରନ୍ଥାଗାର । ଗତ ଦୁଇ ବର୍ଷ ଧରି ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଏହି ମେଳା ଭାରତବର୍ଷର ସବୁଠାରୁ ବଡ଼ ପୁସ୍ତକ ମେଳାରେ ପରିଣତ ହୋଇଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ କର୍ଣ୍ଣେଲ ଶରତ ମହାପାତ୍ରଙ୍କ 'ଅପରେସନ ସିନ୍ଦୁର', ଡକ୍ଟର ପଞ୍ଚାନନ ନାୟକଙ୍କ 'ଦେ', ବଦ୍ରୀ ମହାପାତ୍ରଙ୍କ 'ମୁର୍ଚ୍ଛିତ ମୋକ୍ଷ' ବିମଳା ସିଂଙ୍କ 'ଝରା ଶ୍ରାବଣ', ଦାଶ ବେନହୂରଙ୍କ 'ଓଡ଼ିଆ ଶିଶୁ ସାହିତ୍ୟ କିଛି ପର୍ଯ୍ୟାଲୋଚନା' ସମେତ ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ବିଭିନ୍ନ ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ବିମାନ ଚଳାଚଳ ପ୍ରମୁଖ ପ୍ରକଳ୍ପଗୁଡ଼ିକର ସମୀକ୍ଷା




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖାରବେଳ ଭବନର ୮ମ ମହଲା ସମ୍ମିଳନୀ କକ୍ଷରେ ଶନିବାର ମୁଖ୍ୟ ସଚିବ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବିମାନ ଚଳାଚଳ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ଚତୁର୍ଥ ବୈଠକ ଅନୁଷ୍ଠିତ ହୋଇଥିଲା। ଉନ୍ନୟନ କମିଶନର- ତଥା - ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଅନୁ ଗର୍ଗ, ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ, କମିଶନର-କମ୍ ଶାସନ ସଚିବ ପର୍ଯ୍ୟଟନ ବଲବନ୍ତ ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ, ଯାହା ବିକଶିତ ଓଡ଼ିଶା ୨୦୩୬-୪୭ ର ଦୃଷ୍ଟିକୋଣ ସହିତ ଓଡ଼ିଶାର ବିମାନ ଚଳାଚଳ ଇକୋସିଷ୍ଟମକୁ ଆଗକୁ ବଢ଼ାଇବା ଉପରେ ଧ୍ୟାନ ଦେଇଥିଲା। କମିଟି ବିମାନ ଚଳାଚଳ କ୍ଷେତ୍ରରେ ପ୍ରମୁଖ ସୁଯୋଗଗୁଡ଼ିକର ସମୀକ୍ଷା କରିଥିଲା ଏବଂ ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରିବା, ସଂଯୋଗୀକରଣ ବୃଦ୍ଧି କରିବା ଏବଂ ଏକ ସକ୍ଷମ ନୀତିଗତ ପରିବେଶ ସୃଷ୍ଟି କରିବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରିଥିଲା। ଆଲୋଚନାର ଏକ ପ୍ରମୁଖ ଆକର୍ଷଣ ଥିଲା ୨୦୪୭ ସୁଦ୍ଧା ୧୫ଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ବିମାନବନ୍ଦର ପ୍ରତିଷ୍ଠା କରିବା ପାଇଁ ରାଜ୍ୟର ଦୀର୍ଘକାଳୀନ ଲକ୍ଷ୍ୟ, ଯାହା ଏକ ମାଇଲଖୁଣ୍ଟ ଓ ଓଡ଼ିଶାର ଆଞ୍ଚଳିକ, ଘରୋଇ ଏବଂ ଆନ୍ତର୍ଜାତୀୟ ବିମାନ ସଂଯୋଗକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ। ବୈଠକରେ ଓଡ଼ିଶାରେ ବିମାନ ଚଳାଚଳ ଶିକ୍ଷା ପାଇଁ ଏକ ଦୃଢ଼ ପ୍ରତିଭା ପୁଲ ବିକାଶ କରିବା ପାଇଁ ଉଡ଼ାଣ ତାଲିମ ସଂଗଠନ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଉତ୍ସର୍ଗୀକୃତ ନୀତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଢେଙ୍କାନାଳରେ ବିମାନ ଚଳାଚଳ କେନ୍ଦ୍ରର କାର୍ଯ୍ୟକ୍ଷମ ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା, ଏହାକୁ ଉଡ଼ାଣ ତାଲିମ ଏବଂ କ୍ଷମତା ନିର୍ମାଣ ପାଇଁ ଏକ ପ୍ରମୁଖ କେନ୍ଦ୍ର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ନିୟାମକ ପ୍ରକ୍ରିୟାକୁ ସୁଗମ କରିବା, ଘରୋଇ ନିବେଶକୁ ଆକର୍ଷିତ କରିବା ଏବଂ ସମଗ୍ର କ୍ଷେତ୍ରରେ ସମାନ ଅଭିବୃଦ୍ଧିକୁ ସହଜ କରିବା ପାଇଁ ଏକ ବ୍ୟାପକ ରାଜ୍ୟ ବିମାନ ଚଳାଚଳ ନୀତି ପ୍ରସ୍ତୁତ କରିବା ଉପରେ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ, କମିଟି ଓଡ଼ିଶାର ବିମାନ ଚଳାଚଳ ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବା ଏବଂ ରାଜ୍ୟକୁ ନୂତନ ଶିଳ୍ପ ଆକର୍ଷିତ କରିବା ପାଇଁ ଶିଳ୍ପ ନୀତି ସଂକଳ୍ପ ଅଧୀନରେ ବିମାନ ଉତ୍ପାଦନ ଏବଂ ଏମଆରଓ (ରକ୍ଷଣାବେକ୍ଷଣଏବଂ ମରାମତି) ସୁବିଧାଗୁଡ଼ିକୁ ଏକ ପ୍ରମୁଖ କ୍ଷେତ୍ର ଭାବରେ ମାନ୍ୟତା ଦେବା ଉପରେ ବିଚାର କରିଥିଲା। ଆଲୋଚନାରେ ସାଧାରଣ ବିମାନ ସଂଯୋଗକୁ ବିସ୍ତାର କରିବା ଏବଂ କ୍ଷୁଦ୍ର ବିମାନ-ଭିତ୍ତିକ ସେବା ମାଧ୍ୟମରେ ଆଞ୍ଚଳିକ ସୁଗମତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୂତନ ଗନ୍ତବ୍ୟ ନୀତିର ବିକାଶ ମଧ୍ୟ ଅନ୍ତର୍ଭୁକ୍ତ ଥିଲା, ବିଶେଷକରି ଦୂରଦୂରାନ୍ତ ଏବଂ ଅନୁନ୍ନତ ଅଞ୍ଚଳ ପାଇଁ। ପୁରୀରେ ପ୍ରସ୍ତାବିତ ଗ୍ରୀନଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ବିମାନବନ୍ଦର ଏବଂ ବିମାନଘାଟିର ବିକାଶର ଅଗ୍ରଗତି, ବିସ୍ତୃତ ଭାବରେ ସମୀକ୍ଷା କରାଯାଇଥିଲା। ପୂର୍ବ ଭାରତରେ ଓଡ଼ିଶାକୁ ଏକ ପ୍ରମୁଖ ବିମାନ ଚଳାଚଳ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା ଏବଂ ପର୍ଯ୍ୟଟନ, ବାଣିଜ୍ୟ ଏବଂ ନିବେଶ ପାଇଁ ନୂତନ ଦିଗନ୍ତ ଉନ୍ମୋଚନ କରିବା ପାଇଁ ଆନ୍ତଃବିଭାଗୀୟ ସମନ୍ୱୟ, ସମୟୋଚିତ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଏବଂ ସକ୍ରିୟ ଯୋଜନାର ଗୁରୁତ୍ୱ ଉପରେ ମୁଖ୍ୟ ସଚିବ ଗୁରୁତ୍ୱାରୋପ କରିଥିଲେ। ରାଉରକେଲା ଏବଂ ଝାରସୁଗୁଡ଼ାକୁ ସଂଯୋଗୀକରଣ ମଧ୍ୟ ସମୀକ୍ଷା କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶା ପାଇଁ ...

ସାଧାରଣ ଘଟଣା ଥିଲା । ବିଦ୍ୟୁତ୍ ଉତ୍ପାଦନରେ ହ୍ରାସ ଦେଶର ଶିଳ୍ପ ଏବଂ ବାଣିଜ୍ୟକୁ ମଧ୍ୟ ପ୍ରଭାବିତ କରୁଥିଲା। କିନ୍ତୁ, ଗତ ଦଶନ୍ଧିରେ ଏସବୁରେ ଉନ୍ନତି ଆସିଛି ଏବଂ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ଶକ୍ତି ମନ୍ତ୍ରଣାଳୟର ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଦ୍ୱାରା ଏହା ସମ୍ଭବ ହୋଇଛି। ବର୍ଦ୍ଧିତ ଚାହିଦା, ଭିତ୍ତିଭୂମି ବିକାଶ ଏବଂ ପାରମ୍ପରିକ ଏବଂ ନବୀକରଣୀୟ ଶକ୍ତି ଉତ୍ସ ପାଇଁ ଦୃଢ଼ ନୀତିଗତ ସମର୍ଥନ ଦ୍ୱାରା ଭାରତର ଶକ୍ତି କ୍ଷେତ୍ର ଗତ ୧୧ ବର୍ଷରେ ଦ୍ରୁତ ଅଭିବୃଦ୍ଧି ହାସଲ କରିପାରିଛି।

ଯେକୌଣସି ଦେଶ, ରାଜ୍ୟ କିମ୍ବା ସମାଜର ନିରନ୍ତର ବିକାଶ ପାଇଁ ପର୍ଯ୍ୟାପ୍ତ ଶକ୍ତି ଆବଶ୍ୟକ। ବିଦ୍ୟୁତ୍ ଉତ୍ପାଦ ସହିତ, ବିଦ୍ୟୁତ୍ ଆବଣ୍ଟନ ପାଇଁ ଭିତ୍ତିଭୂମି ଗଠନ ମଧ୍ୟ ଆବଶ୍ୟକ। ବର୍ତ୍ତମାନ, ତାପଜ ଉତ୍ସରୁ ଭାରତର ବିଦ୍ୟୁତ୍ ଉତ୍ପାଦନ ମାତ୍ର ୫୧ ପ୍ରତିଶତ, ଯାହା ଆଗାମୀ କିଛି ଦିନ ମଧ୍ୟରେ ଆହୁରି ହ୍ରାସ ପାଇବ। ଏହି ପରିପ୍ରେକ୍ଷୀରେ, ଓଡ଼ିଶା ସ୍ଥାୟୀ ଭାବରେ ଆଗକୁ ବଢ଼ିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ଆମ ସରକାର ୨୦୭୦ ସୁଦ୍ଧା ନେଟ୍ ଜିରୋ କାର୍ବନ ଏମିସନ ହାସଲ କରିବା ପାଇଁ ଏକ ଦୀର୍ଘକାଳୀନ ଲକ୍ଷ୍ୟ ଧାର୍ଯ୍ୟ କରିଛି ଏବଂ ଏହି ଦାୟିତ୍ୱକୁ ହାସଲ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଓଡିଶାର ଶିଳ୍ପ ନୀତିରେ ଶକ୍ତି ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ନବୀକରଣୀୟ ଶକ୍ତି ଉପରେ ଗୁରୁତ୍ୱ ଦିଆଯାଇ ଏହାକୁ ଏକ ଘରୋଇ ଶିଳ୍ପ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ନବୀକରଣୀୟ ଶକ୍ତିରେ ଓଡ଼ିଶାର ପ୍ରଗତି ନିମନ୍ତେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ରାଜ୍ୟ ପାଇଁ ଦେଢ଼ ଲକ୍ଷ ସୂର୍ଯ୍ୟ ଘର ଅନୁମୋଦନ ଘୋଷଣା କରିଥିଲେ । ଯାହାଫଳରେ ରାଜ୍ୟର ସାତ ଆଠ ଲକ୍ଷ ଲୋକ ଉପକୃତ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଭାରତର ସୌରଶକ୍ତି କ୍ଷମତା ୨୦୧୪ରେ ୨.୮ ଗିଗାୱାଟରୁ ବର୍ତ୍ତମାନ ୧୩୦ ଗିଗାୱାଟକୁ ବୃଦ୍ଧି ପାଇଛି। ସେ ଭାରତର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ସୁଦୃଢ଼ କରିବାରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି।

ଏହି ଅବସରରେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ସାର୍ ଟୋନି ବ୍ଲେୟାର ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ସମାରୋହକୁ ସମ୍ବୋଧିତ କରି ଓଡ଼ିଶାକୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ ଯେତେବେଳେ ଗୋଟିଏ ସରକାର କାର୍ଯ୍ୟ କରେ ସେତେବେଳେ ଶକ୍ତି ପରିବର୍ତ୍ତନ ସଫଳ ହୁଏ ନାହିଁ, କିନ୍ତୁ ଯେତେବେଳେ ସମୟ ସହିତ ଅନେକ ସରକାର ସମାନ ଦିଗରେ କାର୍ଯ୍ୟ କରନ୍ତି ସେତେବେଳେ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଉଦ୍ୟମ ସଫଳ ହୁଏ। ଏହା ହିଁ ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟର ଉଦ୍ଦେଶ୍ୟ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, କୋଣାର୍କ ସୂର୍ଯ୍ୟ ମନ୍ଦିର ଆମକୁ ମନେ ପକାଇ ଦିଏ ଯେ ଶକ୍ତି ସହିତ ଭାରତର ସମ୍ପର୍କ ଶତାବ୍ଦୀ ଧରି ଆମ ସଭ୍ୟତାର ଏକ ଅଂଶ ହୋଇଆସିଛି । ୨୦୩୦ ସୁଦ୍ଧା, ଆମେ ଶିଳ୍ପ ଏବଂ କୃଷିରେ ନବୀକରଣୀୟ ଶକ୍ତି ବ୍ୟବହାର କରି ବ୍ୟାପକ ପରିବର୍ତ୍ତନ ପାଇଁ ଲକ୍ଷ୍ୟ ରଖିଛୁ । ୨୦୩୬ ସୁଦ୍ଧା, ଯେତେବେଳେ ଓଡ଼ିଶା ୧୦୦ ବର୍ଷ ପୂରଣ କରିବ, ଆମେ ସ୍ୱଚ୍ଛ ଶକ୍ତି, ଉତ୍ପାଦନ ଏବଂ ସବୁଜ ହାଇଡ୍ରୋଜେନର ଅଗ୍ରଣୀ କେନ୍ଦ୍ର ହେବାକୁ ଉଦ୍ୟମ ଆରମ୍ଭ କରିଛୁ ବୋଲି ସେ କହିଥିଲେ। ଏହି ଅବସରରେ ଦିଲ୍ଲୀର ଶକ୍ତି ମନ୍ତ୍ରୀ ଆଶିଷ ସୁଦ, ରାଜସ୍ଥାନର ଶକ୍ତି ମନ୍ତ୍ରୀ ହୀରା ଲାଲ ନାଗର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ଚେଞ୍ଜର ବରିଷ୍ଠ ଶକ୍ତି ପରାମର୍ଶଦାତା ପିଅରେ ନୋଏଲ, ଆଇଆଇଟି କାନପୁରର ସେଣ୍ଟର ଫର ଏନର୍ଜି ରେଗୁଲେସନ୍ ଆଣ୍ଡ ଏନର୍ଜି ଆନାଲିଟିକ୍ସ ଲ୍ୟାବର ମୁଖ୍ୟ ପ୍ରଫେସର ଅନୁପ ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ।

## ଓଡ଼ିଶା ଔଷଧ ...

ହେବା ତାରିଖରୁ ଏହା ଲାଗୁ ହେବ ।' ସଂସଦୀୟ ବ୍ୟାପାରମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ଔଷଧ ଓ ଚିକିତ୍ସା ଉପକରଣ ନୀତି-୨୦୨୫ ଭାରତର ସ୍ୱାସ୍ଥ୍ୟ ନିର୍ମାଣ ଓ ଜୀବ ବିଜ୍ଞାନର ପୂର୍ବ ପ୍ରବେଶପଥ ଭାବରେ ଓଡ଼ିଶାକୁ ପ୍ରତିଷ୍ଠା କରିବ। ଏଥିପାଇଁ ଏକ ଯୋଜନାବଦ୍ଧ ରଣନୈତିକ ଓ କ୍ଲଷ୍ଟର ଗଠନର ରୋଡମ୍ୟାପ୍ ପ୍ରସ୍ତୁତ କରିବ। ଯାହା ସମୃଦ୍ଧ ଓଡ଼ିଶା ୨୦୩୬ର ଦୃଷ୍ଟିକୋଣ ଏବଂ ବିକଶିତ ଭାରତ ୨୦୪୭ର ଉଦ୍ଦେଶ୍ୟ ସହିତ ସମ୍ପୂର୍ଣ୍ଣ ସହମତ ଅଛି । ଏହି ନୀତିରେ ଆବଶ୍ୟକୀୟ ଶିଳ୍ପ ଭିତ୍ତିଭୂମିର ସୁବିଧା ଯୋଗାଇବା ପାଇଁ ଓଡ଼ିଶା ଫାର୍ମା ପାର୍କ ଏବଂ ଓଡ଼ିଶା ମେଡଟେକ ପାର୍କର ପରିକଳ୍ପନା କରାଯାଇଛି । ଏକ ସୁଦୃଢ଼ ସଂସ୍ଥାଗତ ସ୍ଥାପତ୍ୟ ଦ୍ୱାରା ଏହାର କାର୍ଯ୍ୟକାରୀତା ପରିଚାଳିତ ହେବ। ଯେଉଁଥିରେ ଓଡ଼ିଶା ଔଷଧ ବିକାଶ ସେଲ ବା ଓପିଡିସି କ୍ଷେତ୍ରୀୟ ପ୍ରମୁଖ ସଂସ୍ଥା ଭାବରେ କାର୍ଯ୍ୟ କରିବ । ଇପିକଲ ଏବଂ ଇଡ୍କୋ ସ୍ୱଚ୍ଛ, ସମୟ ସୀମାବଦ୍ଧ ସୁବିଧା ଏବଂ ଆର୍ଥିକ ପରିଚାଳନାକୁ ସୁଲଭ କରିବ । ସୁପ୍ରିମକୋର୍ଟ ଗତ ମେ' ୨୦ ତାରିଖର ଆଦେଶକୁ ପାଳନ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ସୁପିରିୟର ଜୁଡିସିଆଲ ସର୍ଭିସ ଏବଂ ଓଡ଼ିଶା ଜୁଡିସିଆଲ ସର୍ଭିସ ରୁଲ, ୨୦୦୭ର କିଛି ନିୟମାବଳୀରେ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ପ୍ରମୁଖ ପରିବର୍ତ୍ତନ ଗୁଡ଼ିକ ମଧ୍ୟରେ ନିଯୁକ୍ତି ବର୍ଷ ପ୍ରଚଳନ, ସଂଶୋଧିତ ଜିଲ୍ଲା ଜଜ ନିଯୁକ୍ତିର ଅନୁପାତ, ସିଭିଲ ଜଜ ବା ବରିଷ୍ଠ ବିଭାଗ ପାଇଁ ପଦୋନ୍ନତି ଏବଂ ସିଭିଲ ଜଜ ବା କନିଷ୍ଠ ବିଭାଗ ପଦ ପାଇଁ ତିନି ବର୍ଷ ଅଭ୍ୟାସ ସହିତ ସିଧାସଳଖ ନିଯୁକ୍ତି ପାଇଁ ଉପର ବୟସ ସୀମାକୁ ୪୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏଥି ସହିତ ପାଠ୍ୟକ୍ରମ, ପରୀକ୍ଷା, ତାଲିମ ଏବଂ ବରିଷ୍ଠତା ପ୍ରକ୍ରିୟାକୁ ମଧ୍ୟ ସୁଗମ କରାଯାଇଛି । ଏହା ଦ୍ୱାରା ଜନସାଧାରଣ ତ୍ୱରିତ ଏବଂ ସଠିକ ନ୍ୟାୟ ପାଇପାରିବେ ।

ମନ୍ତ୍ରୀ କହିଥିଲେ ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନାରେ ରାଜ୍ୟର ରେଶମ ଶିଳ୍ପକୁ ଅଧିକ ସଶକ୍ତ ଏବଂ ସମ୍ପ୍ରସାରିତ କରିବ । ଭିତ୍ତିଭୂମି ସଂରଚନା, ଦକ୍ଷତା ବିକାଶ ତଥା ବୈଷୟିକ ଜ୍ଞାନ କୌଶଳର ପ୍ରସାର କରିବ । ଏହି ଯୋଜନା ଜରିଆରେ ରେଶମ କୀଟର ବିହନ ପ୍ରସ୍ତୁତି, ରେଶମ ପ୍ରଜାତିର ସଂରକ୍ଷଣ ସହ ନୈତିକ ଉପାୟରେ କରୁଣା ରେଶମର ଉତ୍ପାଦନ କରିବା ପାଇଁ ବିଶେଷ ଧ୍ୟାନ ଦିଆଯିବ । ରେଶମ ଚାଷୀଙ୍କୁ ଆବଶ୍ୟକୀୟ ପ୍ରୋତ୍ସାହନ, କାର୍ଯ୍ୟକାରୀ ମୂଳଧନ ସହାୟତା ପ୍ରଦାନ କରିବ । ସମବାୟ ସମିତି ଜରିଆରେ ରେଶମ ଉତ୍ପାଦର ବଜାରୀକରଣ କରିବ । ଉଚିତ ମୂଲ୍ୟ ଯୋଗାଇବା ପାଇଁ ସଠିକ ବାତାବରଣ ସୃଷ୍ଟି କରାଇବା ସହ ଅଭାବୀ ବିକ୍ରିରୁ ଚାଷୀଙ୍କୁ ସୁରକ୍ଷା ପ୍ରଦାନ କରିବ । ଏହି ଯୋଜନା ମାଧ୍ୟମରେ ସରକାର ଆଗାମୀ ୫ ବର୍ଷ ପାଇଁ ୨୭୪ କୋଟି ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରିଛନ୍ତି । ଯାହା ଚାଷୀଙ୍କ ଦକ୍ଷତା ବିକାଶ, ଗବେଷଣା ବିକାଶ ତଥା ଉପକରଣ ଯୋଗାଇବ । ରେଶମ ଚାଷୀଙ୍କୁ ଚାଷ ପାଇଁ ଉଦ୍ଦିଷ୍ଟ ଜୀବିକାକୁ ପରିପୁଷ୍ଟ କରିବାରେ ସହାୟକ ହୋଇପାରିବ ।

ରାଜ୍ୟରେ ବୟନ ଶିଳ୍ପର ଅନୁକୂଳ ପରିସ୍ଥିତିକୁ ସୁଦୃଢ଼ କରାଯିବ । ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏ ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ନୂଆ ଯୋଜନା ଆଣିଛନ୍ତି ରାଜ୍ୟ ସରକାର । ୧୪୯୦ କୋଟି ବ୍ୟୟ ଅଟକଳରେ ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନା କରାଯାଇଛି ।ଏହି ଯୋଜନାର ଲକ୍ଷ୍ୟ ହେଉଛି ନୂତନ ନିବେଶକୁ ଆକର୍ଷିତ, ଉତ୍ପାଦକତାକୁ ବୃଦ୍ଧି, ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ସଶକ୍ତ ଓ ରାଜ୍ୟରେ ଏକ ପ୍ରତିଯୋଗିତାମୂଳକ ବୟନ ମୂଲ୍ୟ ଶୃଙ୍ଖଳା ଗଠନ କରିବ । ଓଡ଼ିଶା ପୋଷାକ ଓ ବୈଷୟିକ ବସ୍ତ୍ରନୀତି ୨୦୨୨ ଓ ଶିଳ୍ପ ନୀତି ସଂକଳ୍ପ ୨୦୧୫ ଅନୁଯାୟୀ ନୂତନ ବସ୍ତ୍ର ଉତ୍ପାଦନ ସଂସ୍ଥାଗୁଡ଼ିକୁ ମିଳୁଥିବା ସୁବିଧା ସହିତ ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନା ଅବସ୍ଥାପନାର ବିକାଶ, କୌଶଳ ଉନ୍ନତି ଓ ଉଦ୍ୟୋଗୀ ସହାୟତାରେ ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିବ ।

## ସୁଭଦ୍ରା : ବିଚାରାଧୀନ...

କିସ୍ତିରେ ୧ କୋଟି ୧୯ ଲକ୍ଷ ୨ହଜାର ୭୨୪ ଜଣ ପାଇଛନ୍ତି । ସେହିପରି ତୃତୀୟ କିସ୍ତି ପାଇଛନ୍ତି ୯୭ ଲକ୍ଷ ୬୫ ହଜାର ୩୩୯ ଜଣ ପାଇଛନ୍ତି ।

ଅନ୍ୟଏକ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଏପର୍ଯ୍ୟନ୍ତ ସୁଭଦ୍ରା ଯୋଜନାରୁ ବାଦ ପଡିଲେଣି ୧୮ ଲକ୍ଷ ୫୦ ହଜାର ୨୫ ମହିଳା । ପ୍ରଥମ କିସ୍ତିରେ ୩୯୯୦୧୭, ଦ୍ୱିତୀୟରେ ୫୮୨୨୩୫ ଓ ତୃତୀୟରେ ୮୬୮୭୭୩ ମହିଳା ବାଦ ପଡିଛନ୍ତି । ବିଭିନ୍ନ ମାନଦଣ୍ଡରୁ ଏମାନଙ୍କୁ ବାଦ ଦିଆଯାଇଥିବା ଗୃହରେ ଲିଖିତ ଉତ୍ତର ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ।

ନିରାଶ୍ରୟ ଶିଶୁ ସମ୍ପର୍କିତ ଅନ୍ୟ ଏକ ପ୍ରଶ୍ନର ଉତ୍ତର ଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି ରାଜ୍ୟରେ ୪୫୩ ନିରାଶ୍ରୟ ଶିଶୁ ଅଛନ୍ତି । ବିଗତ ପାଞ୍ଚ ବର୍ଷ ମଧ୍ୟରେ ନିରାଶ୍ରୟ ଶିଶୁଙ୍କ ପାଇଁ ୮ କୋଟି ୭୩ ଲକ୍ଷ ୮୪ ହଜାର ୭୭୦ ଟଙ୍କା ଖର୍ଚ୍ଚ ହୋଇଛି ।

## ବାରବାଟୀ ଟି-୨୦...

କରାଯିବ । ଷ୍ଟାଡିୟମ ଭିତରର ସମସ୍ତ ଗତିବିଧିକୁ ଜଗିବ ସିସିଟିଭି । ସେପଟେ ବାରବାଟୀ ଟି-୨୦ ମୁକାବିଲା ପାଇଁ ପିଚ୍ ପ୍ରସ୍ତୁତି ପର୍ବକୁ ତ୍ୱରାନ୍ୱିତ କରିଛି ଓସିଏ । ତେବେ ମୁଖ୍ୟ ପିଚ୍ ବ୍ୟତୀତ ନେଟ୍ ପ୍ରାକ୍ଟିସ ଲାଗି ମଧ୍ୟ ଏବେଠାରୁ ବ୍ୟବସ୍ଥା କରାଯାଉଛି । ଯଦିଓ ୮ ତାରିଖରେ ଉଭୟେ ଭାରତ ଏବଂ ଦକ୍ଷିଣ ଆଫ୍ରିକାର ଖେଳାଳି ମାନେ ବାରବାଟୀରେ ଅଭ୍ୟାସ କରିବେ, କିନ୍ତୁ କିଛି ଖେଳାଳି ଶୁକ୍ରବାର ଠାରୁ ଅସିଗଲେଣି । ତେଣୁ ସେହି ଦୃଷ୍ଟିରୁ ନେଟ୍ ପ୍ରାକ୍ଟିସ ପାଇଁ ପୂର୍ଣ୍ଣ ପ୍ରସ୍ତୁତି କରାଯାଇଛି । ବିଶେଷ କଥା ହେଲା, ପ୍ରଥମ ଥର ପାଇଁ ବାରବାଟୀର ରେଡ୍ ସଏଲ୍ ପିଚ୍‌ରେ ଖେଳାଯିବ ଇଣ୍ଟରନ୍ୟାସନାଲ ମ୍ୟାଚ୍ । ତେଣୁ ନେଟ୍ ପ୍ରାକ୍ଟିସ୍ ପାଇଁ ନାଲି ମାଟିର ପିଚ୍ ପ୍ରସ୍ତୁତ ହୋଇ ରହିଛି ।

## ପାକିସ୍ତାନ ସିଡିଏଫଙ୍କୁ ...

ସେଥିପାଇଁ ଆମେ ଭାରତ। ଆମର ନିୟମ ଅଛି, ଆମର ମାନଦଣ୍ଡ ଅଛି। ଯଦି ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ, ତେବେ ଏହି ଦେଶରେ ଆମେ ଜନସାଧାରଣ, ଗଣମାଧ୍ୟମ ଏବଂ ନାଗରିକ ସମାଜ ପ୍ରତି ଉତ୍ତରଦାୟୀ ହେବୁ।

## ହାଡ଼ଭଙ୍ଗା ଶୀତରେ...

ମନୋରମା ମହାନ୍ତି । ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ତାମିଲନାଡୁ ଓ ପୁଡୁଚେରୀ ଉପକୂଳରେ ସୃଷ୍ଟି ହୋଇଥିବା ବାତ୍ୟା ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହୋଇଛି । ଏହା ଦୁର୍ବଳ ହେବା ପରେ ପୁଣି ଥରେ ରାଜ୍ୟକୁ ଉତ୍ତର ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ଆରମ୍ଭ ହୋଇଛି ।ଏହା ଫଳରେ ରାଜ୍ୟର ଅନେକ ସ୍ଥାନରେ ଶୀତ ବଢ଼ିବା ନେଇ ଆକଳନ କରାଯାଉଛି । ସେହିପରି ଆଗାମୀ ୭ ଦିନ ଯାଏଁ ରାଜ୍ୟରେ କୌଣସି ବର୍ଷାର ସମ୍ଭାବନା ନାହିଁ, ତେଣୁ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

# ବାଣୀବିହାର ୧୯୮୧-୮୩ ବ୍ୟାଚ୍‌ର ବନ୍ଧୁମିଳନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଭୁବନେଶ୍ୱରରେ ବାଣୀବିହାର ୧୯୮୧-୮୩ ବ୍ୟାଚ୍‌ର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଦିନକୁ ମନେ ପକାଇବା ପାଇଁ 'ବନ୍ଧୁମିଳନ' ପରି ଦିନଟିଏ ମହାର୍ଘ ଅନୁଭୂତି ନେଇ ଆସିଥାଏ। ସେଥିପାଇଁ ତ ରାଜ୍ୟ ତଥା ରାଜ୍ୟ ବାହାରୁ ଏହି ବନ୍ଧୁମିଳନ ପାଇଁ ବନ୍ଧୁ ବାନ୍ଧବୀମାନେ ଧାଇଁ ଆସିଥାନ୍ତି ପରସ୍ପରକୁ ଟିକିଏ ଦେଖିବାପାଇଁ। ଯିଏ ଯେଉଁଠି ଥାନ୍ତୁ ଏହି ଗୋଟିଏ ଦିନ ପୁରୁଣା ସ୍ମୃତିକୁ ମନେ ପକାଇ ହସଖୁସିରେ ପରସ୍ପର ଭଲମନ୍ଦ ବୁଝି କିଛି ଘଣ୍ଟା ବିତେଇ ଦେଲେ ଜୀବନ ଯେମିତି ପରିପୂର୍ଣ୍ଣ ମନେ ହୁଏ, ବଞ୍ଚିବାକୁ ଅଜସ୍ର ପ୍ରେରଣା ଜାଗେ। ପୁଣି ଅପେକ୍ଷା ରହେ ପରବର୍ତ୍ତୀ ବନ୍ଧୁମିଳନକୁ।

ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ବାଣୀବିହାରର ଏହି ବନ୍ଧୁମିଳନ ଉତ୍ସବରେ ଯୋଗ ଦେଇଥିଲେ ପ୍ରଭାକର ବେହେରା, ପ୍ରଦୋଷ ଦାସ, ଶ୍ରୀକାନ୍ତ ସାହୁ, ମନୋଜ ମିଶ୍ର, ଏମ୍. ରେହେମାନ, ବସନ୍ତ ରାଉତ, ବିଷ୍ଣୁ ସାମଲ, ନିରଞ୍ଜନ ତ୍ରିପାଠୀ, ଅନାଦି ଦାସ, ରାଜକୁମାର ସାହୁ, ସ୍ୱପ୍ନା ଜେନା, ମିନାକ୍ଷୀ ଆଚାର୍ଯ୍ୟ (ମନି), ସୁଦିପ୍ତା ଦାସ (ଟିକିଲି), ସୁପ୍ରିତି ଦାସ (ରୁନୁ), ଜେ. ପି, କବିତା ଛୋଟରାୟ (ଲୁସି), କଳ୍ପନା ବିଶ୍ୱାଳ, ସୁକାନ୍ତ ପତି, ପି. କେ. ମେକାପ, ଜୟାଶୀଷ ରାୟ, ସନ୍ଧ୍ୟା ନନ୍ଦ (ବୁଲ୍‌ବୁଲ୍), ସୌମ୍ୟା ଦାଶ, ସାଗରିକା ସାମନ୍ତରାୟ (ଶିଳା), ମାନସ ପାଣି, ନିରଞ୍ଜନ ମିଶ୍ର, ଜଗନ୍ନାଥ ଲେଙ୍କା, ଗୀତାଞ୍ଜଳି ପଟ୍ଟନାୟକ, ମନ୍ମଥ ପାଣି, ମମତା ସାମଲ, ଗୀତା ଶତପଥୀ, ସି.ଆର. ଦାସ , ସୁଧୀର ଦାଶ, ଶିଶିର ନାୟକ, ବିପିନ୍ ଶତପଥୀ, ଜୟାଶ୍ରୀ ଲିତା ମିଶ୍ର, ପ୍ରଦୀପ ନାୟକ, ସଞ୍ଜୟ ଆଚାର୍ଯ୍ୟ, କାଳିଚନ୍ଦ୍ର ବେହେରା, ହରିହର ପାଢୀ, ଭାଗିରଥି ବେହେରା, ଗଙ୍ଗାଧର ନାୟକ, ବିଦୁ, ସୁପ୍ରଭା ହାଜରା, ଅଭିରାମ ବିଶ୍ୱାଳ, ବିଶ୍ୱପାବନ ପତି, ଗିରିଶ ମହାନ୍ତି, ମମତା ମିଶ୍ର, ପ୍ରଶାନ୍ତ ତ୍ରିପାଠୀ, ସୁଧାଂଶୁ ସାମଲ, ସୁଧାଂଶୁ ମିଶ୍ର, ଯୁଗଳ ଶତପଥୀ, ଦୁର୍ଗା ବିଶ୍ୱାଳ, ତରୁଣ, ପ୍ରଶାନ୍ତ ମହାପାତ୍ର, ସଞ୍ଜୟ ପଟ୍ଟନାୟକ, ସତ୍ୟଜିତ୍ ମହାନ୍ତି, ଅଜିତ୍ ସାମନ୍ତରାୟ, ଅବନି ସାହୁ, ଚିତରଞ୍ଜନ ମିଶ୍ର, ସମିତା ମହାପାତ୍ର, ସତ୍ୟଜିତ୍ ଦାସ ମହାପାତ୍ର(ମଣ୍ଟୁ) , ଅଶୋକ ଦାସ (ବିକୁ), ଇନ୍ଦୁମତି ସାହୁ, ସବିତା କର ପ୍ରମୁଖ ଉପସ୍ଥିତ ଥିଲେ।

# ଓ.ପି. ଜିନ୍ଦଲ ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**

ଜିନ୍ଦଲ ନଗର ସ୍ଥିତ ସ୍ପୋର୍ଟ୍ସ କଂପ୍ଲେକ୍ସରେ ଉତ୍ସାହ ଓ ଉଦ୍ଦିପନାର ସହ ଓ.ପି. ଜିନ୍ଦଲ ସ୍କୁଲ୍, ଅନୁଗୁଳର ବାର୍ଷିକ କ୍ରୀଡ଼ା ଉତ୍ସବ ୨୦୨୫-୨୬ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡ଼ା ମହୋତ୍ସବରେ ଜିନ୍ଦଲ ଷ୍ଟିଲ ଅନୁଗୁଳର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଅନୁଗୁଳ ମୁଖ୍ୟ, ପଙ୍କଜ ମାଲହାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଜିନ୍ଦଲ ଷ୍ଟିଲ ଅନୁଗୁଳର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରୋଜେକ୍ଟ ଏବଂ ଆଇରନ୍ ଜୋନ୍) ଦାମୋଦର ମିତ୍ତଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଉଭୟ ଅତିଥି ସମର୍ପଣ, ଶୃଙ୍ଖଳା ଏବଂ କ୍ରୀଡା ମନୋଭାବର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଏଭଳି ସବୁ ଗୁଣ ପ୍ରକୃତ ଚାମ୍ପିଅନଙ୍କୁ ଗଠନ କରିଥାଏ ଏବଂ ସେମାନଙ୍କୁ ସଫଳତା ଆଡକୁ ଆଗଇ ନେଇଥାଏ। ଜିନ୍ଦଲ ମହିଳା ସମିତିର ସଭାପତି ଶ୍ରୀମତୀ ସୀମା ମାଲହାନ ଏବଂ ଶ୍ରୀମତୀ ଅନିତା ମିତ୍ତଲଙ୍କ ସମେତ ଅନ୍ୟ ବିଶିଷ୍ଟ ଅତିଥିମାନେ ମଧ୍ୟ ଏହି କ୍ରୀଡ଼ା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରତ୍ୟୁଷରୁ, ଏସଏଫଏସଏସର ମୁଖ୍ୟ ବ୍ରିଗେଡିୟର ଦିନେଶ ଶର୍ମା ଏହି କ୍ରୀଡ଼ା ଉତ୍ସବକୁ ଉଦଘାଟନ କରିଥିଲେ ଏବଂ ସ୍କୁଲ ସଂଗୀତ, ମାର୍ଚ୍ଚ ପାଷ୍ଟ, ମଶାଲ ପ୍ରଜ୍ୱଳନ ଓ ଶପଥ ଗ୍ରହଣ ଉତ୍ସବରେ ସାମିଲ ହୋଇଥିଲେ। ସ୍କୁଲର ଚାରୋଟି ହାଉସ୍ ଯଥା- ଆଜାଦ, ରମଣ, ରାମାନୁଜନ ଏବଂ ସରୋଜିନୀ ସେମାନଙ୍କର ହାଉସ୍ କ୍ୟାପଟେନ୍, ସ୍କୁଲ୍ ପ୍ରିଫେକ୍ଟ ଏବଂ ହାଉସ୍ ମାଷ୍ଟର୍ସଙ୍କ ନେତୃତ୍ୱରେ ଏକ ପ୍ରଭାବଶାଳୀ ମାର୍ଚ୍ଚ ପାଷ୍ଟ କରିଥିଲେ। ଆଜାଦ ହାଉସ୍ ମାର୍ଚ୍ଚ ପାଷ୍ଟରେ ଶ୍ରେଷ୍ଠ ହାଉସ୍ ବିଜେତା ହୋଇଥିବା ବେଳେ ରାମାନୁଜନ ହାଉସ୍ କ୍ରୀଡାରେ ଶ୍ରେଷ୍ଠ ହାଉସ୍ ଭାବେ ଘୋଷିତ ହୋଇଥିଲା। ଏହି ଅବସରରେ ଜୁନିଅର ଏବଂ ସିନିୟର ବର୍ଗର ଶ୍ରେଷ୍ଠ ଖେଳାଳିମାନଙ୍କୁ ସମ୍ମାନିତ କରାଯାଇଥିଲା। ନିକୁନ ବେହେରା ଏବଂ ଦିବ୍ୟଶ୍ରୀ ସାହୁ (୬ରୁ୮ ଶ୍ରେଣୀ ବର୍ଗ) ଏବଂ ତମୋଜିତ ସାହୁ ଏବଂ ରିଆ ଦତ୍ତ (୯ରୁ୧୨ ଶ୍ରେଣୀ ବର୍ଗ)ରେ ସମ୍ମାନିତ ହୋଇଥିଲେ । ସେହିପରି ସମସ୍ତ ବିଜେତାଙ୍କୁ ସେମାନଙ୍କର ଅସାଧାରଣ ପ୍ରଦର୍ଶନ ପାଇଁ ପଦକ ପ୍ରଦାନ କରାଯାଇଥିଲା। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଟ୍ରାକ୍ ଏବଂ ଫିଲ୍ଡ ଇଭେଣ୍ଟରେ ଛାତ୍ରଛାତ୍ରୀଙ୍କ ଉତ୍ସାହୀ ଅଂଶଗ୍ରହଣ ଏହି କ୍ରୀଡ଼ା ମହୋତ୍ସବର ଉତ୍ସାହକୁ ଆହୁରି ଦ୍ୱିଗୁଣିତ କରିଦେଇଥିଲା। ବାର୍ଷିକ କ୍ରୀଡ଼ା ଉତ୍ସବର ଅଭୁତପୂର୍ବ ସଫଳତା ପାଇଁ ସ୍କୁଲର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଦେବା ସହ ପ୍ରଶଂସା କରିଥିଲେ ।

Government of Odisha E-mail ID: sepwdrgda1@gmail.com
"e" Procurement Notice
OFFICE OF THE SUPERINTENDING ENGINEER, RAYAGADA(R&B) DIVISION NO -I, RAYAGADA
B-771
Bid Identification No: RC (RANDB) RGD 18 / 2025-2026 (Single Cover- Online tender)
File No. E-II-C8- 28/2025 No. 10711 Dated 28.11.2025

1. No. of the works: - 01(One) Shifting of Utility Work (Electrical)only
2. Estimated Cost: - Rs. 47.87 Lakh
3. Cost of document: - Rs.6,000/- for each work
4. Bid Security: - Rs.47,900/-
5. Class of Contractor : - 'HT / above'
6. The Bid documents will be available in the website www.tendersodisha.gov.in from11.00 Hrs. of dated 09-12-2025 to 17.00 Hrs. of dated 19-12-2025 for online bidding.
7. Last date/Time for receipt of bids in the portal: - Upto17.00Hrs. of Dated 19-12-2025
8. Bids received "on-line" shall be opened at 17.30 Hours on dated 20-12-2025 in the office of the Superintending Engineer, Rayagada (R&B) Division No-I.
9. Further details can be seen from the e-Procurement portal: "www.tendersodisha.gov.in". Any Addendum/Corrigendum/Cancellation of tender can also be seen in the said website only.

OIPR-34040/11/0018/2526
Superintending Engineer
Rayagada (R&B) Division No-I

PANCHAYAT SAMITI, BELPADA
i-412
Email Id: ori-belpada@nic.in
E-Procurement Notice
Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of contractors and the set of terms and conditions of contract and other necessary documents can be seen in Govt. website i.e.www.tendersorissa.gov.in.

1. Tender Reference No : 3/ 2025-26
2. Bid identification No : 2025_PRBBP_122582_1_1to 8
3. Name of the work : as mentioned in DTCN
4. No of works : 08
5. Estimated cost :As per DTCN
6. Period of completion :As per DTCN
7. Date & Time of Bidding :. 05.12.2025 at 11 AM to 15.12.2025 up to 02.00 PM through online only
8. Last date & time for receipt of bids in the portal :. 15.12.2025 up to 02.00 PM
9. Opening of Price Bid : . 15.12.2025 at 02.30 PM
10. Name and address of the Officer inviting Bid : Panchayat Samiti,BELPADA

Further details can be seen from the procurement portal i.e.https://www.tendersorissa.gov.in
OIPR-19110/11/0006/2526
BDO, BELPADA

OFFICE OF THE MUNICIPAL COUNCIL: JEYPORE
Letter No 5099 Phone No.: 06854-231098, e-Mail: ulbjeypore@gmail.com Date 05/12/202
Advertisement for Expression of Interest (EOI) for selection of Self-help groups for O&M of AAHAR KITCHEN under Jeypore Municipality
Jeypore Municipality invites Expression of Interest (Eol) in the prescribed format (Annexure-I & II) in sealed cover from the intending SHGS/ALFS for O&M of AAHAR KITCHEN including cooking & bringing it to the AAHAR KENDRA.
C-1705

| SI NO | Particulars | Details |
|---|---|---|
| 1 | availability of the EOI document and the term and conditions | Download from www.jeyporemunicipality.in |
| 2 | EOI availability on website, Starting date, and time | 06-12-2025. 10.00 A.M. |
| 3 | Last date and time of submission of EOI | 20-12-2025, 5.00 A.M. |
| 4 | Start date and time of opening EOI and venue | At the chamber of the executive officer of Jeypore municipality |

➤ The authority reserves the right to reject any or all the EOIs without assigning any/reason thereof.
➤ Any change, correction/corrigendum in respect of the above shall be placed on the website.

OIPR-13079/11/0075/2526
Executive Officer,
Jeypore Municipality

ଭୁବନେଶ୍ୱର
୦୭ ଡିସେମ୍ବର,
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶହୀଦ ଜୟୀ ରାଜଗୁରୁଙ୍କ ସ୍ମୃତିଚାରଣ କଲେ ବାଚସ୍ପତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି

**ଭୁବନେଶ୍ୱର, ୦୬/୧୨**
**ନ୍ୟୁଜ ବ୍ୟୁରୋ**

ଶ୍ରୀକ୍ଷେତ୍ର ପୁରୀର ବୀରହରେକୃଷ୍ଣପୁର ଶାସନରେ ୧୭୩୯ ମସିହା କାର୍ତ୍ତିକ ମାସ ଶୁକ୍ଳପକ୍ଷ ପବିତ୍ର ଅଁଳା ନବମୀ ତିଥିରେ ପିତା ଚାନ୍ଦ ରାଜଗୁରୁ ଏବଂ ମାତା ହାରାମଣି ଦେବୀଙ୍କ କୋଳମଣ୍ଡନ କରିଥିଲେ ଜୟୀ ରାଜଗୁରୁ । ହରେକୃଷ୍ଣପୁର ଶାସନର ପ୍ରଥମ ଦାନଧ୍ୟକ୍ଷ ଥିବା ଗଦାଧର ରାଜଗୁରୁଙ୍କ ଦାୟାଦ ଶ୍ରୀ ଜୟୀ ରାଜଗୁରୁ କେବଳ ରାଜ ପୁରୋହିତ ନ ଥିଲେ ଜ୍ଞାନୀ, ଗୁଣୀ, ଭାଷାବିତ୍, ରାଜନୈତିକ ପରାମର୍ଶଦାତା ଏବଂ ଶାସ୍ତ୍ର ବିଶାରଦ ଭାବେ ସେ ଥିଲେ ପରିଚିତ। ଜୟୀ ରାଜଗୁରୁ ବୀର ପାଇକ ଜାତି ଭିତରେ ଦେଶପ୍ରେମର ଭାବନା ଉଦ୍ରେକ କରି ନିଜ ଅଞ୍ଚଳର ସୁରକ୍ଷା ପାଇଁ ଇଂରେଜମାନଙ୍କ ବିରୋଧରେ ଶସ୍ତ୍ର ଉଠାଇବା ପାଇଁ ସେ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ ତାହା ଆଜି ବି ଇତିହାସରେ ସ୍ୱର୍ଣ୍ଣାଧରରେ ଲିପିବଦ୍ଧ ହୋଇରହିଛି । ଜୟୀ



ରାଜଗୁରୁଙ୍କ ସାଧୁତା, ଦେଶପ୍ରେମ, ସଙ୍କୋଚତା ଏବଂ ବୀରତ୍ୱ ଆଜି ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ଶନିବାର ଶହୀଦ ଜୟୀ ରାଜଗୁରୁଙ୍କ ଶ୍ରାଦ୍ଧଦିବସ ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବାବୁ ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁରବୀର ସିଂ ଓ ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ବିଧାନସଭା ପାର୍ଶ୍ୱବର୍ତ୍ତୀ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣପୂର୍ବକ ସ୍ମୃତିଚାରଣ କରିଥିଲେ । ଏଥି ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏଜି ଛକ ସ୍ଥିତ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା ।

# କେ.ଲକ୍ଷ୍ମୀବାଇଙ୍କ ୧୦୦ ତମ ଜନ୍ମଦିନରେ ଶୁଭେଚ୍ଛା ଜଣାଇଲେ ମହାମହିମ ରାଷ୍ଟ୍ରପତି



**ନୂଆଦିଲ୍ଲୀ, ୬/୧୨**

ବ୍ରହ୍ମପୁର ସହରର ଶତାୟୁ ଚିକିତ୍ସକ କେ.ଲକ୍ଷ୍ମୀବାଇଙ୍କ ୧୦୦ ତମ ଜନ୍ମଦିନରେ ଶୁଭେଚ୍ଛା ଜଣାଇଛନ୍ତି ଦେଶର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ । ଡାକ୍ତର କେ. ଲକ୍ଷ୍ମୀ ବାଇଙ୍କ ୧୦୦ତମ ଜନ୍ମଦିନରେ ତାଙ୍କୁ ଅନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ସମାଜ ପ୍ରତି ତାଙ୍କର ରହିଥିବା ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରିଛନ୍ତି ମହାମହିମ । ଏପରିକି ବରିଷ୍ଠ ଚିକିତ୍ସକ ଲକ୍ଷ୍ମୀବାଇ ନିଜର ବ୍ୟକ୍ତିଗତ ସଞ୍ଚୟରୁ ଗୁରୁତ୍ୱପୂର୍ଣ୍ଣ ରାଶିକୁ ଏଆଇଆଇଏମଏସ୍ ଭୁବନେଶ୍ୱର କର୍ତ୍ତୃପକ୍ଷଙ୍କୁ ଦାନ କରିବା ସହିତ ଗାଇନକଲଜିକାଲ୍ ଅଙ୍କୋଲଜି କୋର୍ସ ସ୍ଥାପନାରେ ସହଯୋଗ କରିବା ସହିତ ଏହା ମହିଳା ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବ ବୋଲି ନିଜର ବାର୍ତ୍ତାରେ କହିଛନ୍ତି ରାଷ୍ଟ୍ରପତି । ଏପରିକି ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ ଡାକ୍ତର ଲକ୍ଷ୍ମୀବାଇଙ୍କ ଜୀବନବ୍ୟାପି ଉଦ୍ୟମ ସହିତ ବାଳିକା ଓ ମହିଳାଙ୍କ ଶିକ୍ଷା ଓ କଲ୍ୟାଣ ପାଇଁ ନିରନ୍ତର ସେବା ମନୋଭାବକୁ ପ୍ରଶଂସା କରି, ତାଙ୍କୁ ସେବା ଓ ସାମାଜିକ ସମର୍ପଣର ଏକ ପ୍ରେରଣାଦାୟକ ଉଦାହରଣ ବୋଲି ବର୍ଣ୍ଣନା କରିଛନ୍ତି ।



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ତେଲେଙ୍ଗାନାର ପଶୁପାଳନ, ଦୁଗ୍ଧ ବିକାଶ ଏବଂ ମତ୍ସ୍ୟପାଳନ ମନ୍ତ୍ରୀ ଭାକିଟି ଶ୍ରୀହରି । (ଫଟୋ : ସମ୍ବାଦ କଳିକା)

## ଏଏନ୍ଏମ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ ଚିନ୍ତା ବ୍ୟକ୍ତ କଲେ ନବୀନ

# ‘ପିଲାଙ୍କ ସ୍ୱପ୍ନ ଧୂଳିସାତ୍ ହେଉଛି, ସରକାର ସଜାଗ ହୁଅନ୍ତୁ’

**ଭୁବନେଶ୍ୱର, ୬/୧୨**
**ନ୍ୟୁଜ ବ୍ୟୁରୋ**

ଏଏନ୍ଏମ୍ ପ୍ରଶ୍ନପତ୍ର ଲିକ୍ ଘଟଣା। ଗଭୀର ଚିନ୍ତା ବ୍ୟକ୍ତ କଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସୋସିଆଲ୍ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ନବୀନ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ସେ ଲେଖିଛନ୍ତି ଯେ, ପରୀକ୍ଷା ବାତିଲ ପରେ ବାତିଲ ହେବା ଲକ୍ଷ ଲକ୍ଷ ପିଲାଙ୍କ ସ୍ୱପ୍ନକୁ ଧୂଳିସାତ୍ କରୁଛି । ଏଏନଏମ ପରୀକ୍ଷା ବାତିଲ କରି ରାଜ୍ୟ ବିଜେପି ସରକାର ପୁଣି ହଜାର ହଜାର ଆଶାୟୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ଦେଇଛନ୍ତି। ପିଲାଙ୍କ ସ୍ୱପ୍ନ କେତେ ଆଉ ଭାଙ୍ଗିବ, କେତେ ଆଉ ପିଲାଙ୍କ ଭବିଷ୍ୟତ ସହ ଖେଳାଯିବ ? ପରୀକ୍ଷା ପରେ ପରୀକ୍ଷା ବାତିଲ ହେବା, ସ୍ଥଗିତ ହେବା ବିଜେପି ସରକାରର ଅପାରଗତାକୁ ଦର୍ଶାଉଛି। ୧୮ ମାସର ସରକାରରେ ପାଖାପାଖି ୧୮ଟି ନିଯୁକ୍ତି ପରୀକ୍ଷା ବାତିଲ ହେଲାଣି। ସରକାର କ’ଣ ଦର୍ଶାଇବାକୁ ଚାହୁଁଛନ୍ତି ? ରାଜ୍ୟର ପିଲାମାନଙ୍କ ଆଶା, ସ୍ୱପ୍ନ ଏପରି ଧୂଳିସାତ ହେଉଥିବ ସରକାର ସଜାଗ ହୁଅନ୍ତୁ, ସମସ୍ତ ପରୀକ୍ଷା ଯେପରି ନିୟମିତ ଏବଂ ସ୍ୱଚ୍ଛତାର ସହ ହେବ ତାହା ସୁନିଶ୍ଚିତ କରନ୍ତୁ।

## କିମ୍ସରେ ପେନ୍ ମ୍ୟାନେଜମେଣ୍ଟ ସମ୍ମିଳନୀ ଉଦ୍‌ଘାଟିତ

# ସମ୍ମିଳନୀ ଜରିଆରେ ଓଡ଼ିଶାରେ ଯନ୍ତ୍ରଣା ଚିକିତ୍ସାର ଭବିଷ୍ୟତକୁ ଆଗେଇ ନିଆଯାଇପାରିବ

**ଭୁବନେଶ୍ୱର, ୬ ।୧୨**
**ନ୍ୟୁଜ ବ୍ୟୁରୋ**

କିମ୍ସରେ ପେନ୍ ମ୍ୟାନେଜମେଣ୍ଟ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ସମ୍ମିଳନୀ ଆୟୋଜିତ ହୋଇଛି। ଇଣ୍ଡିଆନ୍ ସୋସାଇଟି ଫର ଷ୍ଟଡି ଅଫ୍ ପେନ୍, ଭୁବନେଶ୍ୱର ଶାଖା ଓ କିମ୍ସର ଆନାସ୍ଥେସିଓଲୋଜି ସ୍ନାତକୋତ୍ତର ବିଭାଗ ଓ ପେନ୍ ମେଡିସିନ୍ ବିଭାଗ ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀ ଦୁଇ ଦିନ ଧରି ଚାଲିବ। ସମ୍ମିଳନୀର ବିଷୟବସ୍ତୁ ରହିଛି ‘ସେପିଂ ଦି ଫ୍ୟୁଚର ଅଫ୍ ପେନ୍ ମେଡ଼ିସିନ୍ ଇନ୍ ଓଡ଼ିଶା ଆଣ୍ଡ ବିୟଣ୍ଡ’। ଏହି ସମ୍ମିଳନୀ ଜରିଆରେ ପେନ୍ ମ୍ୟାନେଜମେଣ୍ଟ ବିଶେଷଜ୍ଞଙ୍କ ମଧ୍ୟରେ ସର୍ଜନାତ୍ମକ ଜ୍ଞାନ ଓ ସୂଚନାର ବିନିମୟ ହେବ।




ଏହି ବୈଜ୍ଞାନିକ ସମ୍ମିଳନୀକୁ ଉଦଘାଟନ କରି, ଓଡ଼ିଶା ୟୁନିଭରସିଟି ଅଫ୍ ହେଲ୍‌ଥ ସାଇନ୍ସେସର କୁଳପତି ଡ ମାନସ ରଞ୍ଜନ ସାହୁ କହିଲେ, ଏହା ଏକ ପରିବର୍ତ୍ତନକାରୀ ସମ୍ମିଳନୀ। ଏଭଳି ସମ୍ମିଳନୀ ଜରିଆରେ ଓଡ଼ିଶାରେ ଯନ୍ତ୍ରଣା ଚିକିତ୍ସାର ଭବିଷ୍ୟତକୁ ଆଗେଇ ନିଆଯାଇପାରିବ। ପେନ୍ ମ୍ୟାନେଜମେଣ୍ଟ ବା ଯନ୍ତ୍ରଣା ଚିକିତ୍ସା ହେଉଛି ସକାରାତ୍ମକ ଶଲ୍ୟ ଚିକିତ୍ସାର ମୂଳ ଏବଂ ଓଡ଼ିଶା ୟୁନିଭରସିଟି ଅଫ୍ ହେଲ୍‌ଥ ସାଇନ୍ସେସ ଖୁବ୍ ଶୀଘ୍ର ଓଡ଼ିଶାରେ ଯନ୍ତ୍ରଣା ଚିକିତ୍ସା ଉପରେ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରଚଳନ କରିବ ବୋଲି ସେ କହିଥିଲେ।

ଏଥିରେ ଅନ୍ୟତମ ଅତିଥି ଭାବେ କିମ୍ସ ଆନାସ୍ଥେସିଓଲୋଜି ବିଭାଗୀୟ ମୁଖ୍ୟ ଡା ଅମ୍ରିତା ପଣ୍ଡା କହିଲେ, ଏହି ସମ୍ମିଳନୀରେ ଯନ୍ତ୍ରଣା ଚିକିତ୍ସାର ସମସ୍ତ ଦିଗକୁ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ରୋଗୀଙ୍କ ଉତ୍ତମ ଫଳାଫଳ ପାଇଁ ସାମଗ୍ରିକ ଓ ପ୍ରମାଣ-ଆଧାରିତ ପଦ୍ଧତି ଉପରେ ଧ୍ୟାନ ଦିଆଯାଇଛି। ସେହିପରି ସମ୍ମିଳନୀର ଆୟୋଜକ କମିଟିର ସଭାପତି ତଥା କିମ୍ସ ଯନ୍ତ୍ରଣା ଚିକିତ୍ସା ବିଶେଷଜ୍ଞ ଡା. ରାଜେନ୍ଦ୍ର ସାହୁ ସମ୍ମିଳନୀରେ ୧୯୦ ଜଣ ପ୍ରତିନିଧି ପଞ୍ଜୀକରଣ କରିଥିବା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆନ୍ ସୋସାଇଟି ଫର ଷ୍ଟଡି ଅଫ୍ ପେନ୍ ଓଡ଼ିଶା ଚାପ୍ଟରର ସଭାପତି ଡା ରିତେଶ ରାୟ, ରାଷ୍ଟ୍ରୀୟ ସଭାପତି ଡା କ୍ରିଷ୍ଣା ପୋଦାର, କିମ୍ସ ମେଡିକାଲ୍ ଅଧୀକ୍ଷକ ଡା. ମାନସ ରଞ୍ଜନ ବେହେରା ଓ ପେନ୍ ମ୍ୟାନେଜମେଣ୍ଟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବହୁ ବିଶେଷଜ୍ଞ, ଗବେଷକ ଓ ଡାକ୍ତରୀ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ବଜାରରେ ଉପଲବ୍ଧ...
“କଥାକଳିକା”
ଡିସେମ୍ବର -୨୦୨୫ ସଂଖ୍ୟା




ଏଥର ସଂଖ୍ୟାରେ ଆମ ଗାଳ୍ପିକ...

**ସ୍ମରଣୀୟ କଥା :** ଭାସ୍କର ଜେନା
**ସମକାଳର କଥା :** ସଚ୍ଚିଦାନନ୍ଦ କର, ଶରତ କୁମାର ଜେନା, ସଂଯୁକ୍ତା ଦାଶ, ସନ୍ତୋଷୀ ସ୍ୱାଇଁ ବରଦା ପ୍ରସନ୍ନ ଦାସ, କାଳିକିଙ୍କର, ଗୀତା ଦାସ, ମଧୁମିତା ମହାନ୍ତି, ଆନନ୍ଦ କୁମାର ମାଇତି, ଭାଗିରଥୀ ବେହେରା, ଅରବିନ୍ଦ ଦାସ।
**ଅନ୍ୟ ଭାଷାର କଥା :** ତ୍ରିନାଥ ପଟ୍ଟନାୟକ
**ଯୁବ ମାନସର କଥା :** ଗୀତାଞ୍ଜଳି ସ୍ୱାଇଁ, କୃଷ୍ଣଚନ୍ଦ୍ରରଥ, ସୋମନାଥ ବିଷୋୟୀ, ପରିମିତା ସାହୁ, ସତ୍ୟବ୍ରତ ସାହୁ, ସରିତାସିଂହ ମହାନ୍ତି।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ ‘କଥାକଳିକା’
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
‘ସମ୍ବାଦ କଳିକା’ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ ଶ୍ରୀ ନାୟକ

**ଭୁବନେଶ୍ୱର, ୬/୧୨ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରର ଲୋକସେବା ଭବନ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶନିବାର ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ଏକ ଉଚ୍ଚସ୍ତରୀୟ ବ୍ୟାପକ ସମୀକ୍ଷା ବୈଠକ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମନ୍ତ୍ରୀ ରାଜ୍ୟ ସରକାରଙ୍କ ଦ୍ୱାରା ସମର୍ଥିତ ଅତିରିକ୍ତ ୨୦୦ଦିନର ନିଯୁକ୍ତିର ପ୍ରଭାବଶାଳୀ ବ୍ୟବସ୍ଥା ମାଧ୍ୟମରେ ଦାଦନପ୍ରବଣ ଅଞ୍ଚଳରେ ଦାଦନ ସମସ୍ୟାକୁ ରୋକିବା ଉପରେ ବିଶେଷ ଧ୍ୟାନ ଦେଇ ଏମ୍‌ଜିଏନ୍‌ଆର୍‌ଇଜିଏ କାର୍ଯ୍ୟାନ୍ୱୟନର ସମୀକ୍ଷା କରିଥିଲେ। ସେ ସମୟସୀମା ମଧ୍ୟରେ ମଜୁରୀ ପ୍ରଦାନ, ଗୁଣାତ୍ମକ ଗ୍ରାମୀଣ ଭିତ୍ତିଭୂମି ସୃଷ୍ଟି ଏବଂ ସ୍ଥାୟୀ ଜୀବିକା ବୃଦ୍ଧି ନିମନ୍ତେ ପ୍ରଥମ ୧୦୦ଦିନ ପାଇଁ ୯୮ଟଙ୍କା ଓ ପରବର୍ତ୍ତୀ ୨୦୦ଦିନ ପାଇଁ ୩୭୧ଟଙ୍କା ଅତିରିକ୍ତ ରାଜ୍ୟ ସହାୟତା ଜାରି ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରମକାର୍ଡ଼ ପଞ୍ଜୀକରଣ ଏବଂ ଲାଭ ବଣ୍ଟନ ସମୀକ୍ଷା କରି, ମନ୍ତ୍ରୀ ସମସ୍ତ ଯୋଗ୍ୟ ଶ୍ରମିକଙ୍କୁ ଶ୍ରମ କାର୍ଡ଼ ପ୍ରଦାନ କରିବା ସହ ସେମାନଙ୍କୁ ସମୟସୀମା ମଧ୍ୟରେ ସ୍ୱଚ୍ଛ ଭାବରେ ସମସ୍ତ ଗ୍ରହଣୀୟ ସୁବିଧା ପ୍ରଦାନକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ୨୦୭ମେଗା ପାନୀୟ ଜଳ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ଜାରି ରହିଥିବା ପଦକ୍ଷେପ ସମେତ ରାଜ୍ୟବ୍ୟାପୀ ପାନୀୟ ଜଳ ଯୋଗାଣ ଭିତ୍ତିଭୂମିର ଅଗ୍ରଗତି ବାବଦରେ ମଧ୍ୟ ସମୀକ୍ଷା କରାଯାଇଥିଲା । ମାର୍ଚ୍ଚ ୨୦୨୭ ସୁଦ୍ଧା ସମସ୍ତ ଗ୍ରାମୀଣ ପରିବାରକୁ ସ୍ୱଚ୍ଛ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ପେସାର କାର୍ଯ୍ୟାନ୍ୱୟନ ସ୍ଥିତି ସମୀକ୍ଷା କରାଯାଇଥିଲା। ବିଭିନ୍ନ ବିଭାଗରୁ ମତାମତ ଗ୍ରହଣ କରାଯାଇଛି ଏବଂ ଡ୍ରାଫ ନିୟମାବଳୀକୁ ଆଗାମୀ ବୈଠକରେ ଜନଜାତୀୟ ପରାମର୍ଶଦାତା କମିଟି ସମ୍ମୁଖରେ ଅବଲୋକନ ପାଇଁ ରଖାଯିବ ବୋଲି ସୂଚନା ଦିଆଯାଇଥିଲା । ବିକାଶିତ ଗାଁ ବିକାଶ ଓଡ଼ିଶା ଅଧୀନରେ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି, ମନ୍ତ୍ରୀ ବ୍ୟାପକ ଗ୍ରାମୀଣ ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରକଳ୍ପ ଗୁଡ଼ିକର ସମୟସୀମା ସମାପ୍ତ କରିବା ପାଇଁ ରିଅଲ- ଟାଇମ ତଦାରଖ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ, ଯୋଗ୍ୟ ହିତାଧିକାରୀଙ୍କୁ ୧.୬୮ଲକ୍ଷ ଘର ଯୋଗାଇ ଦିଆଯାଇ ସାରିଛି । ମନ୍ତ୍ରୀ ସେ ସବୁର ନିର୍ମାଣ ଗୁଣବତ୍ତା ତଦାରଖ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଅବଶିଷ୍ଟ ହିତାଧିକାରୀଙ୍କୁ ସଠିକ୍ ଭାବରେ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ଦ୍ୱାରା ପ୍ରତ୍ୟେକ ଯୋଗ୍ୟ ପରିବାର ଲାଭ ପାଇପାରିବେ ଏବଂ ତୃଣମୂଳସ୍ତର ପର୍ଯ୍ୟନ୍ତ ବିକାଶକୁ ସୁନିଶ୍ଚିତ କରିବାରେ ଅନ୍ତ୍ୟୋଦୟର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ସେ ମତପ୍ରକାଶ କରିଥିଲେ । ବିଭାଗରେ ଖାଲି ପଦବୀ ଗୁଡ଼ିକର ମଧ୍ୟ ସମୀକ୍ଷା କରାଯାଇଥିଲା। ମନ୍ତ୍ରୀ ଏକ ବିସ୍ତୃତ ମାନବସମ୍ବଳ ମୂଲ୍ୟାଙ୍କନ ସହ ପୂର୍ବରୁ ଥିବା ଖାଲି ପଦବୀ ପୂରଣ ପାଇଁ ପ୍ରସ୍ତାବର ପ୍ରକ୍ରିୟାକରଣ ପାଇଁ ପରାମର୍ଶ ଦେଇଥିଲେ। ଆବଶ୍ୟକ ସ୍ଥଳେ, ବିଭାଗକୁ ସୁଦୃଢ଼ କରିବା ପାଇଁ ନୂତନ ପଦବୀ ସୃଷ୍ଟି ନିମନ୍ତେ ମଧ୍ୟ ପ୍ରସ୍ତାବ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଏହାସହ ହାଇକୋର୍ଟଙ୍କ ନିକଟରେ ବିଚାରାଧୀନ ଥିବା ମାମଲାଗୁଡ଼ିକର ମଧ୍ୟ ବିଧି ମୁତାବକ ତ୍ୱରିତ ପ୍ରକ୍ରିୟାକରଣ ପାଇଁ ନିଯୋଜନକାରୀ ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଏସ.ଏନ. ଗିରିଶ, ନିର୍ଦ୍ଦେଶକ (ପାନୀୟ ଜଳ ଏବଂ ପରିମଳ) ବିନୀତ ଭରଦ୍ୱାଜ, ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ନିର୍ଦ୍ଦେଶକ (ଏସ୍‌ଆଇଆଇର୍ଡି) ମଧୁମିତା ସାମଲ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

DSPL-398



## ସଶସ୍ତ୍ର ବାହିନୀ ପତାକା ଦିବସ ଅବସରରେ ବାର୍ତ୍ତା

ସଶସ୍ତ୍ର ବାହିନୀ ପତାକା ଦିବସ ୨୦୨୫ ଡିସେମ୍ବର ୭ ତାରିଖରେ ପାଳନ ଅବସରରେ ମୁଁ ସଶସ୍ତ୍ର ବାହିନୀର ସମସ୍ତ ପଦାଧିକାରୀ ଏବଂ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାରବର୍ଗଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଉଛି ।

ସଶସ୍ତ୍ର ବାହିନୀ ସର୍ବଦା ଆମ ମାତୃଭୂମିର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ରକ୍ଷା କରିବାରେ ସାହସ, ବୀରତ୍ୱ ଏବଂ ଦେଶପ୍ରେମ ପ୍ରଦର୍ଶନ କରିଛି । ଅନେକ ସାହସୀ ଏବଂ ବୀର ସୈନିକ ଆମ ଜାତିର ସେବାରେ ସେମାନଙ୍କର ସର୍ବୋଚ୍ଚ ବଳିଦାନ ଦେଇଛନ୍ତି । ଅପରେସନ୍ ସିନ୍ଦୁର ସମୟରେ ଆମର ସଶସ୍ତ୍ର ବାହିନୀ ପୁଣି ଥରେ ଅତୁଳନୀୟ ସମର୍ପଣ, ବୀରତ୍ୱ ଓ ନିଃସ୍ୱାର୍ଥପର ସେବା ପ୍ରଦର୍ଶନ କରିଛି, ଯାହା ଆମ ଲୋକଙ୍କ ହୃଦୟରେ ଏକ ବିଶେଷ ସ୍ଥାନ ଦାଖଲ କରିଛି । ସଶସ୍ତ୍ର ବାହିନୀ ପତାକା ଦିବସ ଆମକୁ ପତାକା ଦିବସ ପାଣ୍ଠିରେ ଦାନ କରି ସାହସୀ କର୍ମଚାରୀମାନଙ୍କ ସହିତ ଆମର ଏକତାକୁ ପ୍ରକାଶ କରିବାର ସୁଯୋଗ ପ୍ରଦାନ କରେ, ଯାହା ଯୁଦ୍ଧ ବିଧବା, ସହିଦଙ୍କ ସନ୍ତାନ, କର୍ତ୍ତବ୍ୟ ପାଳନ ସମୟରେ ଆହତ ହୋଇଥିବା ସାହସୀ ସୈନିକ ଏବଂ ପୂର୍ବତନ ସୈନିକଙ୍କ କଲ୍ୟାଣ ଏବଂ ପୁନର୍ବାସକୁ ସହାୟତା କରିବ ।

ଏହି ପବିତ୍ର ଅବସରରେ ମୁଁ ସମସ୍ତ ନାଗରିକଙ୍କୁ ଆହ୍ୱାନ କରୁଛି ଯେ ସେମାନେ ଏହି ମହାନ କାର୍ଯ୍ୟରେ ଉଦାରତାର ସହିତ ଯୋଗଦାନ କରିବାକୁ ଆଗେଇ ଆସନ୍ତୁ, ଯାହା ଆମର ଉତ୍ତମ ଭବିଷ୍ୟତ ପାଇଁ ସେମାନଙ୍କର ଜୀବନକୁ ବଳିଦାନ ଦେଇଥିବା ବୀର ସୈନିକଙ୍କ ପ୍ରତି ଆମର ସାମୂହିକ କୃତଜ୍ଞତା ଏବଂ ସମ୍ମାନର ଏକ ନିଦର୍ଶନ ହେବ ।

ଜୟ ହିନ୍ଦ୍ ।

(ହରି ବାବୁ କମ୍ଭମ୍ପାଟି)



## ବାର୍ତ୍ତା

ସଶସ୍ତ୍ର ବାହିନୀ ପତାକା ଦିବସ ୭ ଡିସେମ୍ବର ୨୦୨୫ ଅବସରରେ ମୁଁ ରାଜ୍ୟର ସମସ୍ତ ସେବାରତ ତଥା ସେବାନିବୃତ୍ତ ସୈନିକ, ଯୁଦ୍ଧରେ ପ୍ରାଣବଳୀ ଦେଇଥିବା ଅମର ସୈନିକମାନଙ୍କ ପତ୍ନୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି ।

ଦେଶର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମ ବୀର ସୈନିକମାନଙ୍କର ବଳିଦାନ ଓ ତ୍ୟାଗ ଅବିସ୍ମରଣୀୟ । ନିକଟରେ ହୋଇଥିବା ଅପରେସନ୍ ସିନ୍ଦୁର, ସେମାନଙ୍କର ସାହସ ଏବଂ ପ୍ରତିବଦ୍ଧତାର ଏକ ଉଜ୍ଜ୍ୱଳ ପ୍ରମାଣ । ସେମାନେ କେବଳ ଆମକୁ ବାହ୍ୟ ଶତ୍ରୁ କବଳରୁ ରକ୍ଷା କରନ୍ତି ନାହିଁ ବରଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବଂ ଆଭ୍ୟନ୍ତରୀଣ ବିଶୃଙ୍ଖଳାକୁ ରୋକିବା ପାଇଁ ମଧ୍ୟ ଅମୂଲ୍ୟ ସେବା ପ୍ରଦାନ କରନ୍ତି । ମାତୃଭୂମିର ସୁରକ୍ଷା ପାଇଁ ଜୀବନ ଉତ୍ସର୍ଗ କରିଥିବା ବୀର ଶହୀଦ ମାନଙ୍କୁ ସ୍ମରଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା, ସେବାରତ ତଥା ସେବାନିବୃତ୍ତ ସୈନିକମାନଙ୍କ ପ୍ରତି ଆନ୍ତରିକ ସମ୍ମାନ ପ୍ରଦର୍ଶନ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ କଲ୍ୟାଣ ଏବଂ ପୁନଃ ଥଇଥାନ ନିମନ୍ତେ ସହାୟତା ଓ ସହଯୋଗ ପ୍ରଦାନ କରିବା ଏହି ଦିବସ ପାଳନର ମହତ ଉଦ୍ଦେଶ୍ୟ ।

ଏହି ଶୁଭ ଅବସରରେ ସମଗ୍ର ରାଜ୍ୟବାସୀଙ୍କୁ "ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠି"କୁ ମୁକ୍ତ ହସ୍ତରେ ଦାନ କରିବାକୁ ମୁଁ ଆହ୍ୱାନ କରୁଛି । ଆସନ୍ତୁ, ଆମେ ସମସ୍ତେ ଏକାଠି ହୋଇ ସେମାନଙ୍କ ବଳିଦାନକୁ ସମ୍ମାନ ଦେବା ଏବଂ ସେମାନେ ପ୍ରତିନିଧିତ୍ୱ କରୁଥିବା ସେବା ଏବଂ ଏକତାର ଭାବନାକୁ ବଜାଇ ରଖିବା ।

ଜୟ ହିନ୍ଦ୍ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12088/13/0006/2526